ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୩୬
୨ ଫେବୃଆରୀ, ୨୦୨୬ ସୋମବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 236
2nd February, 2026 Monday
Bhubaneswar

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2006/23033    Postal Regd. No. : BN/169/13-15    ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନିନ୍ଦନ୍ତି ମନ୍ଦାଃ ଶ୍ରିୟମପ୍ୟନିତ୍ୟାଂ
ପରଂ ବିଷୀଦନ୍ତି ବିପଦ୍‌ଗୃହୀତାଃ
ବିବେକଦୃଷ୍ଟ୍ୟା ଚରତାଂ ନରାଣାଂ
ଶ୍ରିୟୋ ନ କିଞ୍ଚିଦ୍‌ବିପଦୋ ନ କିଞ୍ଚିତ୍**

ମନ୍ଦମତି ଲୋକ ଅନିତ୍ୟ ଧନାଦିରେ ଆନନ୍ଦିତ ହୁଅନ୍ତି, ପୁଣି ବିପଦଗ୍ରସ୍ତ ହେଲେ ଅତ୍ୟନ୍ତ ବିଷାଦଗ୍ରସ୍ତ ହୁଅନ୍ତି । କିନ୍ତୁ ବିବେକ ଦୃଷ୍ଟିରେ ଚଳିବା ଲୋକଙ୍କ ପକ୍ଷରେ ଧନାଦି କିଛି ନୁହେଁ କି ବିପତ୍ତି କିଛି ନୁହେଁ ।

## ଉପାଦେୟ

### ... ବାଜିଗଲେ ଦୋଷ ନାହିଁ

## ଏଥିରୁ ଆମକୁ କ'ଣ ମିଳୁଛି

## ବଜେଟ୍ ପ୍ରତିକ୍ରିୟା

### ଏହା ଏକ ଯୁବଶକ୍ତି ବଜେଟ୍

ପ୍ରଧାନମନ୍ତ୍ରୀ ମୋଦୀ ରବିବାର ବଜେଟ୍ ଉପସ୍ଥାପନ ପରେ ପ୍ରତିକ୍ରିୟା ରଖିଛନ୍ତି। ବଜେଟକୁ ଐତିହାସିକା କହିବା ସହ ମୋଦୀ କହିଛନ୍ତି ଯେ "ଦେଶରେ ସଂସ୍କାର ଏକ୍ସପ୍ରେସ୍ ଆରମ୍ଭ ହୋଇଛି। ବଜେଟରେ କରାଯାଇଥିବା ପରିବର୍ତ୍ତନଗୁଡ଼ିକ ଭାରତର ସାହସୀ ଏବଂ ପ୍ରତିଭାବାନ ଯୁବପିଢ଼ିଙ୍କୁ ଏକ ମୁକ୍ତ ନିୟନ୍ତ୍ରଣ ପ୍ରଦାନ କରିବ, ଯେଉଁମାନେ ଅଭିବ୍ୟକ୍ତିରେ ପରିପୂର୍ଣ୍ଣ।" ସେ କହିଛନ୍ତି ଯେ ବଜେଟ୍ ସଂସ୍କାରକୁ ନୂତନ ପ୍ରେରଣା ଦେବ। ଏହା ଦକ୍ଷତା, ପରିମାଣ ଏବଂ ସ୍ଥାୟୀତ୍ୱକୁ ସୁଦୃଢ଼ କରିବା ପାଇଁ ଏକ ପ୍ରୟାସ। ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ନାଗରିକ, ଏବଂ ଆମେ ସେମାନଙ୍କ ଉପରେ ନିବେଶ କରିଛୁ। ଏହା ଏକ ଅନନ୍ୟ ବଜେଟ, ଯାହା ଆର୍ଥିକ ନିଅଣ୍ଟ ହ୍ରାସ କରିବା ଉପରେ ଫୋକସ କରିଛି। ଏହା ଉଚ୍ଚ ପୁଞ୍ଜିବିନିଯୋଗ ଏବଂ ଉଚ୍ଚ ଅଭିବୃଦ୍ଧିକୁ ମଧ୍ୟ ସମନ୍ୱୟ କରେ। ଏହା ଦେଶର ବିଶ୍ୱ ଭୂମିକାକୁ ପୁନଃଜୀବିତ କରିଥାଏ।

**ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

### ଭାରତର ସଙ୍କଟ ପ୍ରତି ଆଖି ବୁଜି ଦିଆଯାଇଛି

କଂଗ୍ରେସ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଉପସ୍ଥାପନାକୁ 'ଭାରତର ପ୍ରକୃତ ସଙ୍କଟ ପ୍ରତି ଆଖି ବୁଜି ଦିଆଯାଇଥିବା' ଏବଂ ଖର୍ଚ୍ଚ ପ୍ରାଥମିକତା ଉପରେ ସ୍ୱଷ୍ଟତାର ଅଭାବ ବୋଲି କହିଛି। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ, ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆଗତ ବଜେଟରେ କିଛି ନାହିଁ। ଏଥିରେ ଭାରତର ସଂକଟ ପ୍ରତି ଆଖି ବୁଜି ଦିଆଯାଇଛି।

**ରାହୁଲ ଗାନ୍ଧି, ବିରୋଧୀ ଦଳ ନେତା**

### ଏମିତି ବଜେଟ୍ କେବେ ଦେଖିନି

ଏହି ବଜେଟକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସେ କହିଛନ୍ତି କି, ଏହି ବଜେଟ୍ ଐତିହାସିକ। ଏହି ବଜେଟରେ ଶିଳ୍ପ ଏବଂ କୃଷିକୁ ପ୍ରାଧାନ୍ୟ ଦିଆଯାଇଛି। ଆର୍ଥିକ ଅଭିବୃଦ୍ଧିକୁ ଆହୁରି ପ୍ରଖର କରିବ ଏହି ବଜେଟ୍। ଏହି କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଥିବାରୁ ଆମେ ଭାରତ ସରକାରଙ୍କ ନିକଟରେ କୃତଜ୍ଞ।

**ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

### ନିରାଶ କଲା ଡବଲ ଇଞ୍ଜିନ

ବଜେଟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, ବଜେଟ୍ ଉପରେ ମୁଁ ମୋର ନିରାଶା ପ୍ରକାଶ କରୁଛି। ବଜେଟରେ ଓଡ଼ିଶା ଏବଂ ଏହାର ଜନସାଧାରଣଙ୍କୁ କୌଣସି ଉଲ୍ଲେଖନୀୟ ଲାଭ ମିଳିନାହିଁ। ଖଣିଜ ସମୃଦ୍ଧ ଅଞ୍ଚଳ ଏବଂ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହିତ ସଂଯୋଗ କରିବା ପାଇଁ ପୁଣି ଥରେ ଜାତୀୟ ଜଳପଥ ଘୋଷଣା କରାଯାଇଛି। କିନ୍ତୁ ଏହା ଏକ ଦଶନ୍ଧି ପୁରୁଣା ପ୍ରସ୍ତାବ ଯାହା ଭୂମିରେ କୌଣସି ଅଗ୍ରଗତି ନାହିଁ। ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ବଡ଼ ନିରାଶା ଯେ, ସହରଗୁଡ଼ିକ ମଧ୍ୟରେ ୭ଟି ହାଇ-ସ୍ପିଡ୍ ରେଳ କରିଡରକୁ 'ବୃଦ୍ଧି ସଂଯୋଗକାରୀ' ଭାବରେ ବିକଶିତ କରିବାର ଘୋଷଣାରେ ଓଡ଼ିଶା ସ୍ଥାନ ପାଇନାହିଁ। ଓଡ଼ିଶା ଭାଜପା ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ହଟାଇ ଦେଇଥିଲା ଏବଂ ଲୋକଙ୍କ ଆବଶ୍ୟକତାକୁ ଅଣଦେଖା କରିବା ପୂର୍ବପରି ଜାରି ରହିଛି ଏବଂ ଏହା ବହୁତ ଆଶ୍ଚର୍ଯ୍ୟଜନକ ଯେ ପର୍ଯ୍ୟଟନ କେନ୍ଦ୍ରିକ ବୌଦ୍ଧ ସର୍କିଟ ବିକାଶ ଯୋଜନା ଆମର ଡାଇମଣ୍ଡ ଟ୍ରାଏଆଙ୍ଗେଲ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ ସ୍ଥଳୀ ଥିବା ସତ୍ତ୍ୱେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ି ଦେଇଛି। ଯାହା ଜଣାପଡୁଛି ଏଥର ମଧ୍ୟ ଡବଲ୍ ଇଞ୍ଜିନ ଲୋକଙ୍କୁ ନିରାଶ କରିଛି।

**ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା, ଓଡ଼ିଶା ବିଧାନସଭା**

### ହମ୍ପଟି ଡମ୍ପଟି ବଜେଟ

ଚଳିତ ବଜେଟକୁ ନେଇ ବର୍ଷିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ କହିଛନ୍ତି କେନ୍ଦ୍ର ଦ୍ୱାରା ଉପସ୍ଥାପିତ କରାଯାଇଥିବା ବଜେଟ ଦେଶର ଜନସାଧାରଣଙ୍କୁ ଭ୍ରମିତ କରାଯାଉଛି। ବଙ୍ଗକୁ ଏହାର ସଠିକ୍ ପାଣ୍ଠିରୁ ବଞ୍ଚିତ କରୁଛି। ଏହା ଏକ "ହମ୍ପଟି ଡମ୍ପଟି ବଜେଟ"। କେନ୍ଦ୍ର ଆମ ରାଜ୍ୟରୁ ବହୁ ପରିମାଣର ଟିକସ ସଂଗ୍ରହ କରୁଛି ତାହା ସତ୍ତ୍ୱେ ବଙ୍ଗର ପ୍ରାପ୍ୟ ପ୍ରଦାନ କରିବାରେ କେନ୍ଦ୍ର ବିଫଳ ହୋଇଛି। ସେମାନେ ବଙ୍ଗକୁ ଗୋଟିଏ ପଇସା ମଧ୍ୟ ଦେଇନାହାଁନ୍ତି। କେବଳ ଗୋଟିଏ ଟିକସ ହେଉଛି ଜିଏସଟି। ସେମାନେ ଆମର ଟଙ୍କା ଛଡ଼ାଇ ନେଉଛନ୍ତି ଏବଂ ବଡ଼ ବଡ଼ କଥା କହୁଛନ୍ତି ଯେ ସେମାନେ ଆମକୁ ଟଙ୍କା ଦେଉଛନ୍ତି। ଏହା ଆମର ଟଙ୍କା।

**ମମତା ବାନାର୍ଜୀ, ମୁଖ୍ୟମନ୍ତ୍ରୀ**

## ୫୩ ଲକ୍ଷ ୪୭ ହଜାର ୩୧୫ କୋଟି ଟଙ୍କାର ବଜେଟ୍

# ୨୦୪୭ ବିକଶିତ ଭାରତ ଉପରେ ଫୋକସ



**ନୂଆଦିଲ୍ଲୀ,୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ରେକର୍ଡ ୯ମ ଥର ପାଇଁ ୨୦୨୬-୨୭ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଆଜି ସେ ୨୦୪୭ ବିକଶିତ ଭାରତ ଉପରେ ଫୋକସ କରିଥିବା ବେଳେ ମୋଟ ୫୩,୪୭,୩୧୫ କୋଟି ଟଙ୍କାର ବଜେଟକୁ ସାର୍ବଜନୀନ କରିଛନ୍ତି।

ଏହି ବଜେଟ୍ ବେତନଭୋଗୀ ବର୍ଗ, ମଧ୍ୟବିତ୍ତ ବର୍ଗ, ମହିଳା ଏବଂ ବ୍ୟବସାୟ ସମେତ ସମସ୍ତ କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ। ଏହି ବଜେଟ୍ ଏପରି ଏକ ସମୟରେ ଉପସ୍ଥାପିତ ହୋଇଛି ଯେତେବେଳେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ପାଲଟିଛି ଏବଂ ଆଗାମୀ ଦୁଇ ବର୍ଷ ମଧ୍ୟରେ ତୃତୀୟ ବୃହତ୍ତମ ଅର୍ଥନୀତି ହେବା ଦିଗରେ ଦ୍ରୁତ ଗତିରେ ଆଗକୁ ବଢୁଛି। ଉଚ୍ଚ ଆମେରିକାର ଶୁଳ୍କ ଏବଂ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ମଧ୍ୟରେ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ହେବାର ଲକ୍ଷ୍ୟ ହାସଲ କରିବାକୁ ହେଲେ ଦେଶକୁ ୮ ପ୍ରତିଶତର ସ୍ଥିର ଜିଡିପି ଅଭିବୃଦ୍ଧି ହାର ବଜାୟ ରଖିବାକୁ ପଡିବ।

ରେଳ ଠାରୁ ଆରମ୍ଭ କରି ପ୍ରତିରକ୍ଷା ଓ ଶିକ୍ଷା ବିଭାଗକୁ ମିଳିଛି ସବୁଠାରୁ ଅଧିକ ପାଣ୍ଠି। ସେହିପରି ଗ୍ରାମୀଣ ବିକାଶ ଓ ରୋଜଗାର ଉପରେ ମଧ୍ୟ ବଜେଟରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଟିକସ ସ୍ଲାବରେ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ବଜେଟ ଉପସ୍ଥାପନ ବେଳେ କହିଛନ୍ତି ଅର୍ଥମନ୍ତ୍ରୀ ସୀତରମଣ। ଏଥିସହ ଏପ୍ରିଲ ୧ରୁ ଦେଶରେ ନୂଆ ଆୟକର ଆଇନ ଲାଗୁ ହେବ ବୋଲି ସେ ସୂଚନା ଦେଇଛନ୍ତି।

ଭାରତ ସମ୍ପ୍ରତି ବ୍ୟାପକଭାବେ ହିଟ୍‌ୱେଭ୍, ବନ୍ୟା, ବାତ୍ୟା ଓ ବାୟୁ ପ୍ରଦୂଷଣ ଭଳି ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏହାର ମୁକାବିଲା ପାଇଁ କେନ୍ଦ୍ର ବଜେଟ୍ ୨୦୨୬ରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (ଏମ୍‌ଓଇଏଫ୍‌ସି)କୁ ସାମାନ୍ୟ ପ୍ରୋତ୍ସାହନ ମିଳିଛି। ୨୦୨୬-୨୭ ପାଇଁ ପରିବେଶ ମନ୍ତ୍ରଣାଳୟକୁ ୩,୭୫୯.୪୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି, ଯାହା ୨୦୨୫-୨୬ ବଜେଟ୍ ଆକଳନ ୩,୪୮୧.୬୧ କୋଟି ଟଙ୍କାଠାରୁ ୨୭୮ କୋଟି ଟଙ୍କା ବା ପ୍ରାୟ ୮ ପ୍ରତିଶତ ଅଧିକ। ବିଶ୍ଳେଷକମାନେ କହିଛନ୍ତି ଯେ ଭାରତର ଜଳବାୟୁ ଓ ପରିବେଶ ଆହ୍ୱାନର ପରିମାଣକୁ ଦେଖିଲେ ଏହି ବୃଦ୍ଧି କିଛି ନୁହେଁ।

ପୁଞ୍ଜି ବ୍ୟୟ ୧୭୪.୩୯ କୋଟିରୁ ୨୨୨୨.୮୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ଯାହା ଅନୁସନ୍ଧାନ ଭିତ୍ତିଭୂମି ଓ ମନିଟରିଂ ସୁବିଧା ପରି ଦୀର୍ଘକାଳୀନ ସମ୍ପତ୍ତିରେ କିଛି ଅତିରିକ୍ତ ବିନିଯୋଗକୁ ସୂଚାଇଥାଏ। ରାଜସ୍ୱ ଖର୍ଚ୍ଚ ମଧ୍ୟ ସାମାନ୍ୟ ବୃଦ୍ଧି ପାଇଥାଏ, ମୁଖ୍ୟତଃ ବିଦ୍ୟମାନ ଅନୁଷ୍ଠାନ ଓ ଯୋଜନାଗୁଡ଼ିକୁ ସମର୍ଥନ କରିବା ପାଇଁ। ବଜେଟର ଅଧିକାଂଶ ଅଂଶ ନିୟାମକ ଓ ସଂସ୍ଥାଗତ କ୍ଷମତାକୁ ମଜବୁତ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଚାଷୀ, ପଶୁପାଳନ ଓ ପଶୁଚିକିତ୍ସା ବୃତ୍ତିଗତମାନଙ୍କ ପାଇଁ ବିଭିନ୍ନ ପଦକ୍ଷେପର ପ୍ରସ୍ତାବ ଦେଇଛନ୍ତି। ବଜେଟରେ ମହିଳା ନେତୃତ୍ୱାଧୀନ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ମତ୍ସ୍ୟପାଳନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ୫୦୦ ଅମୃତ ସରୋବରର ସମନ୍ୱିତ ବିକାଶ ପ୍ରସ୍ତାବ ଦିଆଯାଇଛି। ଗ୍ରାମାଞ୍ଚଳରେ ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ପାଇଁ ସରକାର ପଶୁପାଳନ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ଘୋଷଣା କରିଛନ୍ତି।

କେରଳ ଓ ତାମିଲନାଡୁ ଭଳି ନଡ଼ିଆ ଚାଷ କରୁଥିବା ରାଜ୍ୟଗୁଡ଼ିକୁ ଲକ୍ଷ୍ୟ କରି ଅର୍ଥମନ୍ତ୍ରୀ ଏକ ନଡ଼ିଆ ପ୍ରୋତ୍ସାହନ ଯୋଜନାର ଶୁଭାରମ୍ଭ କରିଛନ୍ତି ଯାହାର ଉଦ୍ଦେଶ୍ୟ ହେଉଛି ଉତ୍ପାଦନ ଓ ଉତ୍ପାଦକତାକୁ ଉନ୍ନତ କରିବା ତଥା ପ୍ରାୟ ୩୦ ନିୟୁତ ଲୋକଙ୍କୁ ଲାଭ ପହଞ୍ଚାଇବା। ଏହା ଦ୍ୱାରା ୧୦ ନିୟୁତ ନଡ଼ିଆ ଚାଷୀ ଉପକୃତ ହୋଇପାରିବେ। ସରକାର ୨୦୩୦ ସୁଦ୍ଧା ଭାରତୀୟ କାଜୁ ଓ କୋକୋଆକୁ ପ୍ରିମିୟମ୍ ଗ୍ଲୋବାଲ୍ ବ୍ରାଣ୍ଡ ଭାବରେ ବିକଶିତ କରିବା ପାଇଁ ପଦକ୍ଷେପ ନେବାର ଯୋଜନା ମଧ୍ୟ କରିଛନ୍ତି। ଭାରତୀୟ ଚନ୍ଦନ କାଠ କାରବାରକୁ ବିକଶିତ କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ କାମ କରିବାକୁ ଲକ୍ଷ୍ୟ ରଖାଯାଇଛି।

ସେହିପରି ଚଳିତ ଆର୍ଥିକ ବର୍ଷ ପାଇଁ ସାମଗ୍ରିକ ପ୍ରତିରକ୍ଷା ବଜେଟ୍ ୭.୮୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହା ପୂର୍ବ ବର୍ଷର ୬.୮୧ ଲକ୍ଷ କୋଟି ଟଙ୍କାରୁ ଢେର ଅଧିକ। ବିଶେଷ କରି ଗତବର୍ଷ ଇସଲାମାବାଦ ସହିତ ସଂକ୍ଷିପ୍ତ ଯୁଦ୍ଧ ପରେ ପାକିସ୍ତାନ ଓ ଚୀନର ଦ୍ୱୈତ ବିପଦ ମଧ୍ୟରେ ସାମରିକ ପ୍ରସ୍ତୁତି ଓ *(ଶେଷ ପୃଷ୍ଠା ଦେଖନ୍ତୁ)*

| ଟଙ୍କାଟିଏ ଆସିବ କେଉଁଠୁ | |
|---|---|
| ଋଣ ଓ ଅନ୍ୟାନ୍ୟ ଦାତା: | ୨୪ ପ. |
| କର୍ପୋରେସନ ଟିକସ: | ୧୮ ପ. |
| ଆୟକର: | ୨୧ ପ. |
| ସୀମା ଶୁଳ୍କ: | ୪ ପ. |
| କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ: | ୬ ପ. |
| ଜିଏସଟି ଓ ଅନ୍ୟାନ୍ୟ ଟିକସ: | ୧୫ ପ. |
| ଅଣ ଟିକସ: | ୧୦ ପ. |
| ଅଣ ପୁଞ୍ଜି ଋଣ: | ୨ ପ. |

| ଟଙ୍କାଟିଏ ଯିବ କୁଆଡେ | |
|---|---|
| ଟିକସ ଓ ଶୁଳ୍କରୁ ରାଜ୍ୟର ଭାଗ: | ୨୨ ପ. |
| ସୁଧ ଦେୟ: | ୨୦ ପ. |
| କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା: | ୮ ପ. |
| ଫାଇନାନ୍ସ କମିଶନ ଓ ଅନ୍ୟ ଟ୍ରାନ୍ସଫର: | ୭ ପ. |
| କେନ୍ଦ୍ରୀୟ ଯୋଜନା: | ୧୭ ପ. |
| ପ୍ରତିରକ୍ଷା: | ୧୧ ପ. |
| ପ୍ରମୁଖ ସବସିଡି: | ୬ ପ. |
| ସାଧାରଣ ପେନସନ: | ୨ ପ. |
| ଅନ୍ୟାନ୍ୟ ଖର୍ଚ୍ଚ: | ୭ ପ. |

**ଶସ୍ତା:** କ୍ୟାନସର ରୋଗର ୧୭ଟି ଔଷଧ, ମଧୁମେହ ଭଳି ୭ ଗମ୍ଭୀର ରୋଗର ଔଷଧ, ଟିଭି, ମୋବାଇଲ୍, ମାଇକ୍ରୋ ଓଭେନ୍, କପଡ଼ା, ଚମଡ଼ାରୁ ପ୍ରସ୍ତୁତ ଜୋତା ଓ ବ୍ୟାଗ, ସୌରଚାଳିତ ବସ୍ତୁ, ସି-ଫୁଡ୍, ଇଭି ବ୍ୟାଟେରୀ, ବାୟୋ ସିଏନ୍‌ଜି ଗ୍ୟାସ, ବିଦେଶରେ ପାଠ ପଢ଼ା, କ୍ୟାମେରା, ଭିଡିଓ ଗେମ ତିଆରି ପାଇଁ ଆବଶ୍ୟକ ଜିନିଷ, ୨୦୩୫ ଯାଏ ଆଣବିକ ଶକ୍ତି ପ୍ରକଳ୍ପ ପାଇଁ ଆମଦାନୀ ହେଉଥିବା ଜିନିଷ ଓ ଖେଳ ଉପକରଣ।

**ମହଙ୍ଗା:** ମଦ, ଖଣିଜ ଦ୍ରବ୍ୟ, ସିଗାରେଟ, ତମ୍ବାକୁ, ବିଳାସପୂର୍ଣ୍ଣ ଘଣ୍ଟା, କଫି ଓ ଭେଣ୍ଡିଂ ମେସିନ।

## ଏପ୍ରିଲରୁ ନୂଆ ଆୟକର ନିୟମ

**ନୂଆଦିଲ୍ଲୀ,୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

୧ ଏପ୍ରିଲ ୨୦୨୬ରୁ ନୂଆ ଆୟକର ନିୟମ ଲାଗୁ ହେବ। ଆଜି ବଜେଟ୍ ୨୦୨୬ରେ ଏ ନେଇ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଛୋଟ କରଦାତାଙ୍କ ପାଇଁ ପ୍ରକ୍ରିୟା ସହଜ ହେବ। ଜୁଲାଇ ୩୧ ତାରିଖ ଯାଏଁ ରିଟର୍ଣ୍ଣ ଦାଖଲ କରିପାରିବେ। ଆଇଟିଆର୍-୧, ଆଇଟିଆର୍ -୨ ଲୋକେ ରିଟର୍ଣ୍ଣ ଭରିପାରିବେ। ଏବେ ପ୍ୟାନ୍ ଜରିଆରେ ଏନଆର୍‌ଆଇ ନିଜ ସମ୍ପତ୍ତି ବିକିପାରିବେ। ଆୟକର ଫାଙ୍କିଲେ ଆଉ ଦଣ୍ଡ ମିଳିବନି। ଅତିରିକ୍ତ ୩୦ ପ୍ରତିଶତ ଟିକସ ଦେଇ ମୁକୁଳିପାରିବେ। ଏହି ସଂସ୍କାରଗୁଡ଼ିକ କରଦାତାଙ୍କ ପାଇଁ ଅନୁପାଳନକୁ ସହଜ କରିବା ସହ ନିର୍ଦ୍ଦିଷ୍ଟ କାରବାର ଉପରେ ଟିକସ ବୋଝ ହ୍ରାସ କରିବ।

## ରେଳ ବିଭାଗକୁ ରେକର୍ଡ ୨.୭୮ ଲକ୍ଷ କୋଟି

**ନୂଆଦିଲ୍ଲୀ,୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬-୨୭ ଆର୍ଥିକ ବର୍ଷର ବଜେଟରେ ଭାରତୀୟ ରେଳବାଇକୁ ମିଳିଛି ରେକର୍ଡ ପରିମାଣର ଅନୁଦାନ। କେନ୍ଦ୍ର ସରକାର ରେଳ ବିଭାଗକୁ ଦେଇଛନ୍ତି ୨.୭୮ ଲକ୍ଷ କୋଟି ଟଙ୍କା। ପୂର୍ବରୁ କୌଣସି ବଜେଟରେ ରେଳ ବିଭାଗକୁ ଏତେ ପରିମାଣର ଅନୁଦାନ ମିଳି ନଥିଲା।

ରେଳ ଭିତ୍ତିଭୂମିକୁ ସୁଦୃଢ଼ କରି ଅର୍ଥନୀତିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା, ଲଜିଷ୍ଟିକ କ୍ଷମତାକୁ ବୃଦ୍ଧି କରିବା ଓ ନିଯୁକ୍ତି ସୁଯୋଗକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ଏତେ ପରିମାଣର ବ୍ୟୟବରାଦ କରିଛନ୍ତି।

ପୂର୍ବ ଆର୍ଥିକ ବର୍ଷରେ ଭାରତୀୟ ରେଳ ବିଭାଗକୁ ମୋଟ ୨.୫୫ ଲକ୍ଷ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହା ମଧ୍ୟରେ ପୁଞ୍ଜିଗତ ବ୍ୟୟର ପରିମାଣର ୨.୫୨ ଲକ୍ଷ କୋଟି ଥିଲା। ୨୦୨୭ ଆର୍ଥିକ ବର୍ଷ ପାଇଁ ପୁଞ୍ଜିଗତ ଖର୍ଚ୍ଚକୁ ୨.୭୮ ଲକ୍ଷ କୋଟି କରାଯାଇଛି। ସେହିପରି ମୋଟ ଉପରେ ରେଳବାଇ ଭିତ୍ତିଭୂମି ପାଇଁ ୨.୯୨ ଲକ୍ଷ କୋଟିର ବ୍ୟବସ୍ଥା ହୋଇଛି।




ରେଳ ବିଭାଗକୁ ଅନୁଦାନ ମିଳିବା ପରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ "ଚେନ୍ନାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ମିଳିତ ଭାବେ ଗୋଟିଏ ହାଇସ୍ପିଡ ଟ୍ରାଙ୍ଗେଲ କିମ୍ବା ଦକ୍ଷିଣ ହାଇସ୍ପିଡ ଡାଇମଣ୍ଡରେ ପରିଣତ ହେବେ। ଏହା ସମସ୍ତ ୫ ଦକ୍ଷିଣ ଭାରତୀୟ ରାଜ୍ୟ- କର୍ଣ୍ଣାଟକା, ତେଲଙ୍ଗାନା, ଆନ୍ଧ୍ର, ତାମିଲନାଡୁ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀର ମେରୁଦଣ୍ଡ ଭାବେ ଉଭା ହେବ।

ଚେନ୍ନାଇ-ବେଙ୍ଗାଲୁରୁ ଯାତ୍ରା ସମୟ କେବଳ ୧ ଘଣ୍ଟା ୧୩ ମିନିଟକୁ ଖସି ଆସିବ। ବେଙ୍ଗାଲୁରୁରୁ ହାଇଦ୍ରାବାଦର ଯାତ୍ରା ସମୟ ୨ ଘଣ୍ଟା ଓ ଚେନ୍ନାଇ-ହାଇଦ୍ରାବାଦ ମଧ୍ୟରେ ଯିବା ଆସିବା କରିବାକୁ ୨ ଘଣ୍ଟା ୫୫ ମିନିଟ ସମୟ ଲାଗିବ।

ଚେନ୍ନାଇ, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ହେଉଛନ୍ତି ପ୍ରମୁଖ ଅର୍ଥନୀତିକ କେନ୍ଦ୍ର। ଏଗୁଡିକ ବଡ ସହର ଓ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବଜେଟ୍ ପରେ ବୁଡ଼ିଲା ନିବେଶକଙ୍କ ୧୧ ଲକ୍ଷ କୋଟି

**ମୁମ୍ବାଇ,୧।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଜେଟ୍ ଉପସ୍ଥାପନା ପରେ ଶେୟାର ବଜାରରେ ବଡ଼ ଧରଣର ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବଜେଟକୁ ନେଇ ନିବେଶକଙ୍କ ମଧ୍ୟରେ ହତାଶା ଏବଂ କେତେକ ଟିକସ ନିୟମରେ ପରିବର୍ତ୍ତନ ଯୋଗୁଁ ଦଲାଲ୍ ଷ୍ଟ୍ରିଟରେ ହାହାକାର ପଡ଼ିଯାଇଛି। କାରବାର ଶେଷ ସୁଦ୍ଧା ସେନସେକ୍ସ ପ୍ରାୟ ୧,୫୪୭ ପଏଣ୍ଟ ହ୍ରାସ ପାଇଥିବା ବେଳେ ନିଫ୍ଟି ୨୪,୯୦୦ ସ୍ତର ତଳକୁ ଖସି ଆସିଛି।

ସେନସେକ୍ସ ୧,୫୪୬.୮୪ ପଏଣ୍ଟ (୧.୮୮%) ହ୍ରାସ ପାଇ ୮୦,୭୨୨.୯୪ ସ୍ତରରେ ବନ୍ଦ ହୋଇଛି। ନିଫ୍ଟି ୪୯୫.୨୦ ପଏଣ୍ଟ (୧.୯୬%) ହ୍ରାସ ସହ ୨୪,୮୨୫.୪୫ ସ୍ତରରେ ରହିଛି। ବଜାରରେ ଏହି ବଡ଼ ହ୍ରାସ ଯୋଗୁଁ ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

ରବିବାର ଆଇଟି ସେକ୍ଟରକୁ ଛାଡ଼ି ପ୍ରାୟ ସମସ୍ତ ପ୍ରମୁଖ ସେକ୍ଟର ଲାଲ୍ ସଙ୍କେତରେ ବନ୍ଦ ହୋଇଛନ୍ତି। ପିଏସୟୁ ବ୍ୟାଙ୍କ ୪% ହ୍ରାସ, ମେଟାଲ୍ ୩.୮% ହ୍ରାସ, ଅଏଲ୍ ଏବଂ ଗ୍ୟାସ୍ ୨.୭% ହ୍ରାସ ଏବଂ ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଓଡ଼ିଶାରେ ହେବ ବିରଳ ମୃତ୍ତିକା କରିଡର

**ନୂଆଦିଲ୍ଲୀ,୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ସଂସଦରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବା ସମୟରେ ସରକାରଙ୍କ ଅନେକ ବଡବଡ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ। ଏହା ମଧ୍ୟରେ ରହିଛି ବିରଳ ମୃତ୍ତିକା କରିଡର। ଓଡିଶା ସମେତ ତାମିଲନାଡୁ, ଆନ୍ଧ୍ର ପ୍ରଦେଶ ଓ କେରଳରେ ବିରଳ ମୃତ୍ତିକା କରିଡର ତିଆରି କରାଯିବ ବୋଲି କେନ୍ଦ୍ର ସରକାର ବଜେଟରେ ବ୍ୟବସ୍ଥା କରିଛନ୍ତି। ଚଳିତ ବର୍ଷ ତାମିଲନାଡୁ ଓ କେରଳରେ ବିଧାନସଭା ନିର୍ବାଚନ ହେବ। ସେହିପରି ଓଡିଶା ଓ ଆନ୍ଧ୍ର ପ୍ରଦେଶରେ ଡବଲ ଇଞ୍ଜିନ ସରକାର ରହିଛି। ତେଣୁ ଏହି ୪ ରାଜ୍ୟରେ ବିରଳ ଖଣିଜ କରିଡର ତିଆରି ପାଇଁ ବଜେଟ ଉପସ୍ଥାପନ ବେଳେ ଘୋଷଣା କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତରମଣ।

ବିରଳ ମୃତ୍ତିକାର ଚାହିଦା ବିଶ୍ୱବ୍ୟାପୀ ରହିଛି। ଏହାକୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ମଧ୍ୟ ଚାଲିଛି। ଏପରି ସ୍ଥିତିରେ ଭାରତ ସରକାର ଓଡିଶାରେ ଏହାର କରିଡର ତିଆରି କରିବା ବେଶ ଗୁରୁତ୍ୱବହନ କରେ। ବିଦ୍ୟୁତ ଚାଳିତ *(ଶେଷ ପୃଷ୍ଠା ଦେଖନ୍ତୁ)*

## କେଉଁ ପ୍ରମୁଖ କ୍ଷେତ୍ରରେ କେତେ ଖର୍ଚ୍ଚ ହେବ ?

| | | |
|---|---|---|
| ୧. | ପେନସନ: | ୨,୯୬,୨୧୪ କୋଟି |
| ୨. | ପ୍ରତିରକ୍ଷା: | ୫,୯୪,୫୮୫ କୋଟି |
| ୩. | ସାର: | ୧,୭୦,୭୮୧ କୋଟି |
| ୪. | ଖାଦ୍ୟ: | ୨,୨୭,୬୨୯ କୋଟି |
| ୫. | ପେଟ୍ରୋଲିୟମ: | ୧,୨୦,୮୫ କୋଟି |
| ୬. | କୃଷି ଓ ଏହା ସହ ଜଡିତ କାର୍ଯ୍ୟକ୍ରମ: | ୧,୬୨,୬୭୧ କୋଟି |
| ୭. | କର୍ମସ ଓ ଇଣ୍ଡଷ୍ଟ୍ରୀ: | ୭୦,୨୯୬ କୋଟି |
| ୮. | ଉତ୍ତରପୂର୍ବର ବିକାଶ: | ୬,୮୧୨ କୋଟି |
| ୯. | ଶିକ୍ଷା: | ୧,୩୯,୨୮୯ କୋଟି |
| ୧୦. | ଶକ୍ତି: | ୧,୦୯,୦୨୯ କୋଟି |
| ୧୧. | ବୈଦେଶିକ ବ୍ୟାପାର: | ୨୨,୧୧୯ କୋଟି |
| ୧୨. | ଅର୍ଥ: | ୨୦,୬୪୯ କୋଟି |
| ୧୩. | ସ୍ୱାସ୍ଥ୍ୟ: | ୧,୦୪,୫୯୯ କୋଟି |
| ୧୪. | ସ୍ୱରାଷ୍ଟ୍ର: | ୨,୫୫,୨୩୪ କୋଟି |
| ୧୫. | ସୁଧ: | ୧,୪୦,୩୯୭୨ କୋଟି |
| ୧୬. | ଆଇଟି ଓ ଟେଲିକମ: | ୭୪,୫୬୦ |
| ୧୭. | ଗ୍ରାମୀଣ ବିକାଶ: | ୨,୭୩,୧୦୮ କୋଟି |
| ୧୮. | ବିଜ୍ଞାନଭିତ୍ତିକ ବିଭାଗ: | ୫୫,୭୫୬ କୋଟି |
| ୧୯. | ସମାଜିକ କଲ୍ୟାଣ: | ୬୨,୩୬୨ କୋଟି |
| ୨୦. | ଟିକସ ପ୍ରଶାସନ: | ୪୫,୫୦୦ କୋଟି |
| ୨୧. | ପରିବହନ: | ୫,୯୮,୫୨୦ କୋଟି |
| ୨୨. | ନଗର ଉନ୍ନୟନ: | ୮୫,୫୨୨ କୋଟି |
| ୨୩. | ଅନ୍ୟାନ୍ୟ ଖର୍ଚ୍ଚ: | ୫,୫୬,୦୨୧ କୋଟି |

# ଓଡ଼ିଶା ଆଳୁ ପିଆଜରେ ବଳକା ରାଜ୍ୟ କେବେ ?

**ଭୁବନେଶ୍ୱର,୧।୨: ତଥ୍ୟ**

ରାଜ୍ୟବାସୀଙ୍କ ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବା ପାଇଁ ଓଡ଼ିଶା ବର୍ଷକୁ ପ୍ରାୟ ୧୫ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଆବଶ୍ୟକ କରୁଥିବାବେଳେ ବ୍ୟାପକ ପ୍ରଚାର, ଆଳୁ ମିଶନ ଓ ଅନ୍ୟ ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ବର୍ଷକୁ ଏଠାରେ ୫ଲକ୍ଷ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଆଳୁ ବି ଉତ୍ପାଦିତ ହୋଇପାରୁ ନାହିଁ। ଓଡ଼ିଶାରେ ୪୦ ହଜାର ହେକ୍ଟରରୁ ଅଧିକ ଜମିରେ ଆଳୁ ଚାଷ କରାଯାଉଥିବା ସରକାରୀ ରିପୋର୍ଟରେ ଦର୍ଶାଯାଉଛି। ଆଳୁ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ଖରିଫ୍ ଋତୁରେ ହେକ୍ଟର ପିଛା ୫୮ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯାଉଥିବା କୁହାଯାଉଛି। ଏହାଛଡ଼ା ରବି ଋତୁରେ ରିହାତି ଦରରେ ଆଳୁ ବିହନ ଓ ଆଳୁ ଚାଷ ପାଇଁ ସରକାର ମଧ୍ୟ ପ୍ରୋତ୍ସାହନ ଦେଉଛନ୍ତି। ଏସବୁ ସତ୍ତ୍ୱେ ରାଜ୍ୟର ମୋଟ ଆଳୁ ଉତ୍ପାଦନ ୪ଲକ୍ଷ ମେଟ୍ରିକ ଟନ୍‌ରୁ ସାମାନ୍ୟ ଅଧିକ ରହୁଛି।

ପୂର୍ବ ସରକାର ସମୟରେ ଆଳୁ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାକୁ ବଳକା ରାଜ୍ୟରେ ପରିଣତ କରିବା ପାଇଁ ଜାତୀୟ ଉଦ୍ୟାନ କୃଷି ଯୋଜନା ସହିତ ରାଜ୍ୟ ସରକାର ସ୍ୱତନ୍ତ୍ର ଆଳୁ ମିଶନ ଆରମ୍ଭ କରିଥିଲେ। ଆଳୁ ମିଶନରେ ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ପୂରଣ ହୋଇଥିଲେ ୨୦୨୦ ବେଳକୁ ଓଡ଼ିଶା ଏ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇଥାନ୍ତା। କିନ୍ତୁ ବ୍ୟାପକ ଅର୍ଥ ବରବାଦ ସତ୍ତ୍ୱେ ଏହି ମିଶନ ବିଫଳ ହେବାରୁ ଏବେ ବି ପ୍ରତି ମାସରେ ଓଡ଼ିଶାକୁ ପଶ୍ଚିମବଙ୍ଗ ସମେତ ଉତ୍ତରପ୍ରଦେଶ, ପଞ୍ଜାବ ଆଦି ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଯେତେବେଳେ ବି ପଶ୍ଚିମବଙ୍ଗ ଓଡ଼ିଶାକୁ ଆଳୁ ଯୋଗାଣ ଉପରେ କଟକଣା କରୁଛି ସେତେବେଳେ ଓଡ଼ିଆଙ୍କ ହାଣ୍ଡିଶାଳରୁ ଆଳୁ ଉଭାନ ହୋଇଯାଇ ଦର ଢେର ଅଧିକ ବଢ଼ିଯାଉଛି। ଉତ୍ତରପ୍ରଦେଶ, ପଞ୍ଜାବ ଆଦିରୁ ଆଳୁ ମଗାଇଲେ ପରିବହନ ଖର୍ଚ୍ଚ ଯେତେ ହେଉଛି ତାହା ଆଳୁ ଦର ବୃଦ୍ଧିର କାରଣ ପାଲଟୁଛି।

ପୂର୍ବରୁ ଓଡ଼ିଶାରେ ପ୍ରାୟ ୫୦ବର୍ଷ ତଳେ ଯେଉଁଳି ଆଳୁ ଚାଷ ହେଉଥିଲା ଏବେ ତାହା ଦୃଶ୍ୟମାନ ହେଉନାହିଁ। ଆଖୁ, ତୈଳବୀଜ, ଡାଲି, କପା, *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨ ଫେବୃଆରୀ ୨୦୨୬ । ସୋମବାର



## ଯୁବକଙ୍କୁ ଗଳା କାଟି ହତ୍ୟା: ଶବରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଶେରଗଡ: ଏକ୍ସପ୍ରେସ ନ୍ୟୁଜ୍**

ଏକ ଅଜଣା ଯୁବକଙ୍କୁ ହତ୍ୟା କରାଯାଇ ପ୍ରମାଣ ନଷ୍ଟ କରାଯିବା ଲାଗି ଦେହରେ ପାଟ୍ରୋଲି ଢାଳି ନିଆଁ ଲାଗିଥିବା ଦରପୋଡା ଶବକୁ ଉଦ୍ଧାର କରିଛି ଶେରଗଡ ପୋଲିସ। ଘଟଣା କ୍ରମେ, ଶେରଗଡ ଥାନା ଅନ୍ତର୍ଗତ କାନସା ଜଗନ୍ନାଥ ବିଦ୍ୟାପୀଠରୁ କୁଲାଗଡ ପଞ୍ଚାୟତ ବାଦଗଡ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଅପରାହ୍ନରେ ଜଣେ ଯୁବକଙ୍କ ଏକ ଅଜଣା ଯୁବକଙ୍କ ଶବ ପଡିଥିବା ବାଦଗଡ ଗ୍ରାମର କିଛି ବ୍ୟକ୍ତି ଦେଖିଥିଲେ। ଏହା ପରେ ଯୁବକମାନେ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଅବଗତ କରିବା ପରେ ସରପଞ୍ଚଙ୍କ ପ୍ରତିନିଧି ଶେରଗଡ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଶେରଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଥିଲେ। ସକାଳେ ଅଧିକ ତଦନ୍ତ ଲାଗି ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିଲେ ଏବଂ ଶବକୁ ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ସ୍ଥିତ ବଡ ମେଡ଼ିକାଲକୁ ପଠାଯାଇଛି। ଶବକୁ ବର୍ତ୍ତମାନ ପର୍ଯ୍ୟନ୍ତ ଚିହ୍ନଟ ହୋଇ ପାରିନଥିବାରୁ ଶବ ଚିହ୍ନଟ ଲାଗି ଆଖପାଖ ସମସ୍ତ ଥାନାକୁ ଖବର ଦିଆଯାଇଛି। ଯୁବକଙ୍କ ବେକରେ କଟାଦାଗ ଥିବାରୁ ଯୁବକଙ୍କ ଗଳା କାଟି ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ଲାଗି ପାଟ୍ରୋଲି ପକାଇ ନିଆଁ ଲଗାଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡିଛି। ଯୁବକଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ଜଣାପଡିନଥିବା ବେଳେ ଯୁବକଙ୍କ ବୟସ ୨୫ରୁ ୩୦ ହେବ ବୋଲି ଅନୁମାନ କରାଯାଉଛି ଏବଂ ଅଭିଯୁକ୍ତ ନିକଟରେ ପୋଲିସ ଯଥାଶୀଘ୍ର ପହଞ୍ଚିବ ବୋଲି ପୋଲିସ ପକ୍ଷରୁ ଜଣାପଡିଛି। ଘଟଣାସ୍ଥଳରେ ଅତିରିକ୍ତ ଏସପି ନିତେଶ କୁମାର ମିଶ୍ର, ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ଶେରଗଡ ଥାନାଧିକାରୀ ବରେନ୍ଦ୍ର ସିଅଳଙ୍କ ସହିତ ଶେରଗଡ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଅସଦାଚରଣ ମାମଲାରେ ୭ବର୍ଷ ଜେଲ୍



**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଜନୈକା ୬ ବର୍ଷୀୟା ନାବାଳିକାକୁ ଅସଦାଚରଣ କରିଥିବା ଅଭିଯୋଗରେ ଅଭିଯୁକ୍ତକୁ ପୋକ୍ସୋ ଜଜ୍ ଅଭିଜିତ ପଲାଇ ୭ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ୮.୩.୨୫ରେ ଜନୈକା ୬ ବର୍ଷର ନାବାଳିକାକୁ ମାନସିକ ପୂରଣ ନିମନ୍ତେ ପରିବାର ଲୋକେ କପିଳାସକୁ ନେଇଥିଲେ। ମାନସିକ ପୂରଣ ପରେ ମଝିପାଳ ଗ୍ରାମରେ ନାବାଳିକା ତାଙ୍କ ମାମୁଁ ଘରେ ରହିଥିଲେ। ସେହି ସମୟରେ ସୁକିନ୍ଦା ଥାନା ଅନ୍ତର୍ଗତ କନ୍ତିରା ଗ୍ରାମର କଣ୍ଠିଆ ମଲ୍ଲିକଙ୍କ ପୁଅ ଆକାଶ ମଲ୍ଲିକ (୨୬) କୌଣସି କାମରେ ମଝିପାଳକୁ ଯାଇଥିଲେ। ସେଠାରେ ନାବାଳିକା ଜଣକ ଆକାଶକୁ ଦେଖି ଜିଦି କରିଥିଲେ ସେ ଆକାଶ ସହିତ ତାଙ୍କ ଘରକୁ ଯିବା ପାଇଁ। ଆକାଶ ନାବାଳିକାକୁ ନିଜ ଗାଡ଼ିରେ ବସାଇ ଘରକୁ ଫେରୁଥିବା ସମୟରେ ରାସ୍ତାରେ ନିଛାଟିଆ ବଣରେ ନାବାଳିକାକୁ ଅସଦାଚରଣ କରିଥିଲେ। ଏ ନେଇ ନାବାଳିକାର ମା' ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନାରେ କେଶ ନଂ.୧୨୭/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ଆକାଶକୁ କୋର୍ଟଚାଲାଣ କରିଥିଲେ। ଶନିବାର ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୪ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସର ଦସ୍ତାବିଜ୍‌କୁ ଭିତ୍ତି କରି ପୋକ୍ସୋ ଜଜ୍ ଅଭିଜିତ ପଲାଇ ଅଭିଯୁକ୍ତ ଆକାଶ ମଲ୍ଲିକକୁ ୭ ବର୍ଷ କାରାଦଣ୍ଡ, ୧୦ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୀଡ଼ିତାକୁ କ୍ଷତି ପୂରଣ ବାବଦକୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ରୀନିବାସ ସାହୁ ପରିଚାଳନା କରିଥିଲେ।

## ପାଣି ପାଇଁ ଧଉଡାଗୁଡା ଗ୍ରାମବାସୀ ଡହଳବିକଳ

**ମାଲକାନାଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧୀନ ଧଉଡ଼ାଗୁଡା ଗ୍ରାମରେ ଉତ୍କଟ ଜଳ ସମସ୍ୟା ଦେଖାଦେଇଛି। ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱଦିନ ହେବ ଏହି ଗ୍ରାମରେ ଅଚଳ ହୋଇ ପଡିଛି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ନଳକୂପଜଳ ମୁନ୍ଦାଏ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ୮ କି.ମି ଦୂର ଏକ ପାହାଡ ଉପରେ ଏହି ଧଉଡ଼ାଗୁଡା ଗାଁ ଥିବା ବେଳେ ଏହା ଉପରେ ଆଦୌ ନଜର ପଡୁନି ପଞ୍ଚାୟତ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କର। ଏ ସମ୍ପର୍କରେ ଗ୍ରାମବାସୀ ବହୁବାର ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ଜଳ ଓ ପରିମଳ ବିଭାଗରେ କନିଷ୍ଠ ଯନ୍ତ୍ରୀ, ବ୍ଲକ କର୍ତ୍ତୃପକ୍ଷ ଏବଂ ନିର୍ବାଚିତ ପ୍ରତିନିଧିଙ୍କୁ କହିଥିଲେ ବି କେହି କର୍ଣ୍ଣପାତ କରୁ ନାହାନ୍ତି ବୋଲି ଗ୍ରାମର ଅଜୁ ଗୋଲରୀ, ରାମ ଖରା, ବାଲି ଗୋଲରୀ, ମୁଳିଆ ଗୋଲରୀ, ଲବ ଖରା, ଗୋପାଳ ଖିଲ, ହରି ଚନ୍ଦ୍ର ଖରା, ଅର୍ଜୁ ଖରା ଆନନ୍ଦ ଗୋଲରୀ, ସାଲ ଖରା, ଜେମା ଗୋଲରୀ, କମଳା ଗୋଲରୀ, ଅଁଳା ଖରା, ରତନୀ ଗୋଲରୀଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରାୟ ୫/୬ବର୍ଷ ପୂର୍ବେ ଏକ ସୌର ଚାଳିତ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ହୋଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିଲା। ଏହି ପ୍ରକଳ୍ପଟି କିଛି ମାସ ସୁରୁଖୁରୁରେ ଚାଲିବ ପରେ ଆଜକୁ ପ୍ରାୟ ଏକ ବର୍ଷ ହେବ ପ୍ରକଳ୍ପଟି ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ଜରାଜୀର୍ଣ୍ଣ



ଅବସ୍ଥାରେ ପଡି ରହିଛି।

ଖାଲି ଏତିକି ନୁହେଁ ଗ୍ରାମରେ ଥିବା ନଳକୂପ ମଧ୍ୟ ଅଚଳ ହୋଇ ପଡି ରହିଛି। ଲୋକେ ଗାଁ ଠାରୁ ପ୍ରାୟ ୭୦୦ମିଟର ଦୂରରେ ପ୍ରବାହିତ ହେଉଥିବା ଏକ ନାଳରୁ ପାଣି ସଂଗ୍ରହ କରି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମରେ ଦୀର୍ଘଦିନ ହେବ ଜଳ ସଙ୍କଟ ଲାଗି ରହିଥିବାରୁ ଗ୍ରାମବାସୀଙ୍କ ସମେତ ଗାଇ ଗୋରୁ ଓ ଅନ୍ୟାନ୍ୟ ଗୃହ ପାଳିତ ପ୍ରାଣୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ରବିନ୍ଦ ବିଶ୍ୱାଳଙ୍କୁ ଅବଗତ କରାଇବାରୁ ସେ କହିଛନ୍ତି ଯେ, କିଛି ମାସ ପୂର୍ବେ ଉକ୍ତ ପ୍ରକଳ୍ପର ମରାମତି କରାଯାଇଥିଲା।

### ଅଚଳ ହୋଇପଡିଛି ସୋଲାର ପ୍ରକଳ୍ପ
### ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ନାଳ ପାଣି

ଫାଟିଥିବା ପାଣିଟାଙ୍କିକୁ ବାହାର କରି ନୂଆ ଟାଙ୍କି ଲଗାଯାଇଥିଲା। ସୋମବାର ବିଭାଗର କର୍ମଚାରୀମାନଙ୍କୁ ଉକ୍ତ ଗ୍ରମକୁ ପଠାଇ ଅଚଳ ହୋଇଥିବା ନଳକୂପ ଓ ସୌର ଚାଳିତ ପ୍ରକଳ୍ପକୁ ମରାମତି କରାଯିବ ବୋଲି ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଶ୍ରୀ ବିଶ୍ୱାଳ କହିଛନ୍ତି।

## ପାଇଖାନାରେ ଝୁଲନ୍ତା ମୃତଦେହ

**ଧାମନଗର: ଏକ୍ସପ୍ରେସ ନ୍ୟୁଜ୍**

ଧାମନଗର ଥାନା ଅନ୍ତର୍ଗତ ଗୁହାଳିଆ ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ଶବ ପାଇଖାନା ଘରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି ଘଟଣାରୁ ଯାହା ଜଣାଯାଏ ଭଗବାନପୁର ପଞ୍ଚାୟତ ଜୟକୃଷ୍ଣପୁର (ଚନ୍ଦେଶ୍ୱର) ଗ୍ରାମର ସ୍ୱର୍ଗତ ଅନନ୍ତ ଚରଣ ଖଟୁଆଙ୍କ ଝିଅ ରଞ୍ଜିତା ଖଟୁଆ (୨୬) ନିର୍ଗୁଣ୍ଡି ପଞ୍ଚାୟତ ଗୁହାଳିଆ ଗ୍ରାମର ଶ୍ରୀଧର ରାଉତଙ୍କ ପୁଅ ଅକ୍ଷୟ ରାଉତ (୩୦)ଙ୍କୁ ପ୍ରାୟ ୪ବର୍ଷ ତଳେ ବିବାହ କରିଥିଲେ। ଅକ୍ଷୟ ଭୁବନେଶ୍ୱରରେ ଏକ ଔଷଧ ଦୋକାନରେ କାମ କରୁଛନ୍ତି। ଘରେ ସ୍ତ୍ରୀ ରଞ୍ଜିତା ଶାଶୁ, ଶ୍ୱଶୁର ଓ ନିଜର ଏକ ବର୍ଷର ଝିଅ ସହ ସୁଖରେ ରହୁଛନ୍ତି। ଜାନୁଆରୀ ୨୮ ତାରିଖରେ ସ୍ୱାମୀ ଅକ୍ଷୟ ଘରକୁ ଆସି ଝିଅର ଜନ୍ମଦିନ ପାଳନ କରିଥିଲେ। କିନ୍ତୁ ପରଦିନ ପୂର୍ବ ଘଟଣାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ମୃତକଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ପରିବାର ଲୋକଙ୍କ ହତ୍ୟା ଅଭିଯୋଗ ଅନୁଯାୟୀ ରଞ୍ଜିତାଙ୍କୁ ହତ୍ୟା କରି ପାଇଖାନା ଘରେ ଟାଙ୍ଗିଦେଇ ଘଟଣାକୁ ଅନ୍ୟ ରୂପ ଦେବାକୁ ଚେଷ୍ଟା କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଶୁକ୍ରବାର ସକାଳୁ ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଇ ହତ୍ୟା ଅଭିଯୋଗରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେପଟେ ଘଟଣା ପରେ ଶଶୁର ଘର ପକ୍ଷରୁ ସମସ୍ତେ ଫେରାର ଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ସେହିପରି ଧାମନଗର ଏନଏସି ଅନ୍ତର୍ଗତ ୧ ନମ୍ବର୍ ୱାର୍ଡ ଅଧିନ ଯୋରାଗଡିଆ ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କ ପୁଅ ରାଜେନ୍ଦ୍ର ପ୍ରଧାନ ଶୁକ୍ରବାର ସକାଳେ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନିଜର ସ୍ତ୍ରୀ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ ଥିବାରୁ ସ୍ତ୍ରୀ ବାପାଙ୍କ ଘରେ ନିଜର ପୁଅକୁ ନେଇ ରହୁଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମେଡିକାଲକୁ ପଠାଇ ଥିବା ବେଳେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି ଏବଂ ତଦନ୍ତ ପରେ ସତ୍ୟତା ପଦାକୁ ଆସିବ ବୋଲି ଆଇଆଇସି ରଞ୍ଜନ କୁମାର ସେଠୀ ସୂଚନା ଦେଇଛନ୍ତି।

## ଜୁଆଆଡ୍ଡା ଉପରେ ଚଢ଼ାଉ, ୧୦ ଲୁଆଡ଼ି ଗିରଫ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ଦୀର୍ଘ ଦିନ ହେବ ପୋଲିସ ଜଣାନ୍ତରେ ଚାଲିଥିଲା ଜୁଆ ଖେଳ। ମାସିକିଆ ଚାନ୍ଦା ନେଇ ପୋଲିସ, ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ କୁଜି ନେତା ରହୁଥିଲେ ଚୁପ। ଅଭିଯୋଗ ହେଲେ ଲୋକ ଦେଖାଣିଆ ଭାବେ ହେଉଥିଲା କାର୍ଯ୍ୟାନୁଷ୍ଠାନ। ଏହି ଖେଳରେ ବିଭିନ୍ନ ରାଜନୀତିକ ଦଳର ଛତ୍ର ଛାୟା ତଳେ ଚାଲିଥିଲା। ନିଆଳି ଥାନାରେ ନୂତନ ଆଇଆଇସି ଭାବେ ରାଜେନ୍ଦ୍ର ମହାପାତ୍ର ଯୋଗଦେବା ପରେ ଖେଳ ହୋଇଗଲା ଓଲଟ ପାଲଟ। ଶ୍ରୀ ମହାପାତ୍ର ନିଆଳି ଥାନାର ସମସ୍ତ ଅଧିକାରୀଙ୍କୁ ସଫା ସଫା ଶୁଣାଇ ଦେଇଥିଲେ ମୋ ବିନା ଅନୁମତିରେ କୌଣସି ତଥ୍ୟ ଦିଆଯିବ ନାହିଁ। କୌଣସି ବ୍ୟକ୍ତି ଅପରାଧ ସହିତ ଜଡିତ ଥିଲେ ସେମାନଙ୍କ ସହିତ ଯେଭଳି ଯୋଗାଯୋଗ ନରୁହେ। ଯାହାଫଳରେ ରତନପୁରରେ ଚାଲିଥିବା ଜୁଆ ଖେଳର



ଖେଳାଳିମାନେ ଟେର ପାଇ ନଥିଲେ। ଶ୍ରୀ ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିଲା ଚଢାଉ। ଶନିବାର ସନ୍ଧ୍ୟାରେ ନିଆଳି ପୋଲିସକୁ ମିଳିଲା ସଫଳତା। ନିଆଳି ଥାନା ଅନ୍ତର୍ଗତ ରତନପୁର ତ୍ରିନାଥ ମନ୍ଦିର ପଛ ପାର୍ଶ୍ୱରେ ଥିବା ବିଲରେ ଜୁଆ ଖେଳ ଚାଲୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିଆଳି ଥାନା ଆଇଆଇସି ରାଜେନ୍ଦ୍ର ମହାପାତ୍ର ଏକ ସ୍ୱତନ୍ତ୍ର ପୋଲିସ ଟିମ ନେଇ ଚଢାଉ କରିଥିଲେ। ଏହି ଚଢ଼ାଉ ସମୟରେ କେତେକ ଜୁଆଡ଼ି ଅନ୍ଧାରରେ ଦୌଡ଼ି ପଳାଇଥିବା ବେଳେ ପୋଲିସ ୧୦ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ସେମାନେ ହେଲେ ସୁକାନ୍ତ କୁମାର ନାୟକ, ପ୍ରଦୀପ କୁମାର ପାଢ଼ୀ, ବାବୁଲି ବେହେରା, ଅମିତ କୁମାର ସ୍ୱାଇଁ, ବ୍ରହ୍ମନନ୍ଦ ବେହେରା, ଭୀମ ଭୋଇ, ଆର୍ତ୍ତ ତ୍ରାଣ ବେହେରା, ଗୋବିନ୍ଦ ବେହେରା, ଦିଲ୍ଲୀପ କୁମାର ଭୋଇ, ଜୟରାମ ପଣ୍ଡା, ଏଥିସହିତ ଘଟଣାସ୍ଥଳରୁ ୧୪ଟି ବିଭିନ୍ନ କମ୍ପାନୀର ନାମୀ ଦାମୀ ବାଇକ ଓ ସ୍କୁଟି ଜବତ ହୋଇଛି। ଏଥିସହିତ ଏକ ଲକ୍ଷ ୩୩ ହଜାର ୫ ଶହ ଟଙ୍କା, ୯ଟି ନାମୀ ଦାମୀ କମ୍ପାନୀର ମୋବାଇଲ, ପାଲି, ଗୋଟି ଗିଲାସ, ଡବା ଓ ଜୁଆ ଖେଳ ନିମନ୍ତେ ବିଭିନ୍ନ ସାରଞ୍ଜାମକୁ ଜବତ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନିଆଳି ଥାନା ଆଇଆଇସି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ରାଜୀବ ଲୋଚନ ଦାସ, ସୁଧାକର ପଣ୍ଡା, ରଂଜିତା ସିଂ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉ କି ପୂର୍ବ ଆଇଆଇସି ବିଜୟ କୁମାର ମଳିକ ସମୟରେ ଏହି ଧରଣର ବଡ଼ ଚଢ଼ାଉ ହୋଇଥିଲେ ମଧ୍ୟ ଜୁଆ ଖେଳାଳିମାନେ ମାନୁ ନାହାନ୍ତି।

## ବାଣିଜ୍ୟ

## ବଢିଲା ଏଲପିଜି ସିଲିଣ୍ଡର ଦର

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦ୍ର ବଜେଟ ଉପସ୍ଥାପନ ପୂର୍ବରୁ, ସରକାର ସାଧାରଣ ଜନତା ଏବଂ ବ୍ୟବସାୟ ଉଭୟଙ୍କୁ ଏକ ଝଟକା ଦେଇଛନ୍ତି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ୧୯ କିଲୋଗ୍ରାମର ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ପ୍ରାୟ ୫୦ଟଙ୍କା ବୃଦ୍ଧି କରିଛନ୍ତି। ରବିବାର ସକାଳେ ନୂତନ ଦର ଲାଗୁ ହୋଇଛି।

ଏହା ଉଲ୍ଲେଖନୀୟ ଯେ ଏହି ବାଣିଜ୍ୟିକ ସିଲିଣ୍ଡରଗୁଡ଼ିକ ମୁଖ୍ୟତଃ ହୋଟେଲ, ରେସ୍ତୋରାଁ, ଢାବା ଏବଂ ଅନ୍ୟାନ୍ୟ ବାଣିଜ୍ୟିକ କାରବାର ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ। ମୂଲ୍ୟ ବୃଦ୍ଧି ଖାଦ୍ୟ ଏବଂ ପାନୀୟ ଶିଳ୍ପକୁ ପ୍ରଭାବିତ କରିପାରେ ଏବଂ ଗ୍ରାହକମାନେ ଭବିଷ୍ୟତରେ ଅଧିକ ଖାଦ୍ୟ ମୂଲ୍ୟର ସମ୍ମୁଖୀନ ହୋଇପାରନ୍ତି। ତଥାପି, ଏହା ଆଶ୍ୱସ୍ତିର ବିଷୟ ଯେ ୧୪.୨ କିଲୋଗ୍ରାମର ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଛି। ଘରୋଇ ସିଲିଣ୍ଡର ଏବେ ବି ୮ ଏପ୍ରିଲ, ୨୦୨୫ ଦରରେ ଉପଲବ୍ଧ।

ଆଇଓସି, ଏଚ୍‌ପିସିଏଲ ଏବଂ ବିପିସିଏଲ ଭଳି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ପ୍ରତି ମାସର ପ୍ରଥମ ଦିନରେ ଗ୍ୟାସ ସିଲିଣ୍ଡର ମୂଲ୍ୟ



ସମୀକ୍ଷା କରନ୍ତି। ଜାନୁଆରୀରେ, ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟରେ ୧୧୧ଟଙ୍କାର ଏକ ବଡ଼ ବୃଦ୍ଧି ଦେଖାଯାଇଥିଲା। ଏହା ପୂର୍ବରୁ, ନଭେମ୍ବର ଏବଂ ଡିସେମ୍ବର ୨୦୨୫ରେ ସାମାନ୍ୟ ହ୍ରାସ କରାଯାଇଥିଲା।

ନୂତନ ମୂଲ୍ୟ ପରେ, ଦିଲ୍ଲୀରେ ୧୯ କିଲୋଗ୍ରାମର ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୧୭୪୦.୫୦ ଥିଲା, ଯାହା ପୂର୍ବ ୧୬୯୧.୫୦ ରୁ ହ୍ରାସ ପାଇଛି। କୋଲକାତାରେ, ମୂଲ୍ୟ ୧୮୪୪.୫୦ କୁ ବୃଦ୍ଧି ପାଇଛି। ମୁମ୍ବାଇରେ, ଏହା ଏବେ ୧୬୯୨.୦୦ ରେ ଉପଲବ୍ଧ ହେବ, ଯେତେବେଳେ ଚେନ୍ନାଇରେ, ଏହା ୧୮୯୯.୫୦ ରେ ପହଞ୍ଚିଛି।

ଘରୋଇ ଗ୍ରାହକଙ୍କ ପାଇଁ ୧୪.୨ କିଲୋଗ୍ରାମର ସିଲିଣ୍ଡରର ମୂଲ୍ୟ ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ, ଏହା ୮୫୩ରେ ରହିଛି। ବଜେଟ ପୂର୍ବରୁ ଏହି ବୃଦ୍ଧିକୁ ବ୍ୟବସାୟ ପାଇଁ ଏକ ବଡ଼ ଝଟକା ବୋଲି ବିବେଚନା କରାଯାଉଛି।

## ଗ୍ୟାସ୍ ବେଲୁନ ଫାଟି ୩ ଗୁରୁତର

**ସୁନ୍ଦରଗଡ: ଏକ୍ସପ୍ରେସ ନ୍ୟୁଜ୍**

ଗ୍ୟାସ ବେଲୁନ ଫାଟି ୩ ଗୁରୁତର। ଏଭଳି ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ଼ ଟାଉନ୍ ଥାନା ଧର୍ମଶାଳା ସ୍କୁଲ ନିକଟ ଅନୁକୂଳ ଚନ୍ଦ୍ର ବା ଜୟଗୁରୁ ମନ୍ଦିର ନିକଟରେ। ମନ୍ଦିରରେ ଏକ ବଡ ହିଲିୟମ ଗ୍ୟାସ ବେଲୁନ ଉଡ଼ା ଯାଇଥିଲା। ସେଥିରେ ଗ୍ୟାସ ସରିଯିବାରୁ ବେଲୁନଟି ତଳକୁ ଖସି ଯାଇଥିଲା। ରବିବାର ତାକୁ ତଳକୁ ଓହ୍ଲାଇଲାବେଳେ ହଠାତ ବେଲୁନଟି ଫାଟି ଯାଇ ନିଆଁ ଲାଗିଯାଇଥିଲା। ଏଥିରେ ତିନି ଜଣ ଆହତ ହୋଇଛନ୍ତି। ଆହତ ଦୁଇ ଜଣ ବସନ୍ତ କୁମାର ଏବଂ ବିଭୂତି ଭୂଷଣ ମହାନ୍ତି ବେଲୁନକୁ ଓଳକୁ ଆଣୁଥିଲେ।

ଅନ୍ୟ ଜଣେ କେନ୍ଦ୍ରାପଡ଼ା ଅଞ୍ଚଳର ଭକ୍ତ ପଣ୍ଡୁ ଚରଣ ପ୍ରଧାନ ପୂଜା କରିବା ପାଇଁ ଆସିଥିଲେ। ତେବେ ବେଲୁନଟି ଫାଟି ତାଙ୍କ ଉପରେ ପଡିଯିବାରୁ ସେ ମଧ୍ୟ ଆହତ ହୋଇଥିଲେ। ଦୁଇ ଜଣ ଆହତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବଂ ଅନ୍ୟ ଜଣଙ୍କୁ ସରକାରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି। ଅନ୍ୟପଟେ ସୁନ୍ଦରଗଡ଼ ଜିଲ୍ଲା ମହକୁମାରେ ଏକ ବର୍ଣ୍ଣ ୟୁନିଟ ନଥିବାରୁ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଦେଶି ମଦ ଜବତ, ଜଣେ ଗିରଫ

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଚଢାଉ କରି ଜଣେକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଧାଙ୍ଗିଡି ସାହିର ରବି ନାୟକ। ସୂଚନା ଅନୁଯାଇ ଦେଶି ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରୀ ଥାନା ଧାଙ୍ଗିଡିସାହିରେ ଚଢାଉ କରି ୧୧ ଲିଟର ଦେଶି ମଦ ଜବତ କରଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।

## ସିନେମାଫିନେମା ଟିଭିଫିବି



## ଦ୍ୱିତୀୟଥର ବାପା ହେଲେ ରାମଚରଣ

ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ମେଗାଷ୍ଟାର ଚିରଞ୍ଜିବୀ। ଏହା ତାଙ୍କ ପାଇଁ ୨୦୨୬ ବର୍ଷ ବହୁତ ଭାଗ୍ୟଶାଳୀ ପ୍ରମାଣିତ ହେଉଛି। ପ୍ରଥମେ, ତାଙ୍କ ଚଳଚ୍ଚିତ୍ର ମନ ଶଙ୍କର ବର ପ୍ରସାଦ ଗୁରୁ ବକ୍ସ ଅଫିସରେ ସଫଳତା ପାଇଥିଲା। ଏବେ ଚିରଞ୍ଜିବୀଙ୍କ ଘରେ ଦୁଇଟି ଖୁସିର ମୁହୂର୍ତ୍ତ ଆସିଛି। ତାଙ୍କ ପୁଅ, ରାମ ଚରଣ ଦ୍ୱିତୀୟ ଥର ପାଇଁ ବାପା ହୋଇଛନ୍ତି। ୨୦୨୩ରେ, ରାମ ଚରଣଙ୍କ ପତ୍ନୀ ଉପାସନା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଏବେ ଉପାସନା ଓ ରାମଚରଣ ଯମଜ ସନ୍ତାନର ପିତାମାତା ହୋଇଛନ୍ତି। ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅକୁ ଜନ୍ମ ଦେଇଛନ୍ତି। ମେଗାଷ୍ଟାର ଚିରଞ୍ଜିବୀ ସୋସିଆଲ ମିଡିଆରେ ଏହି ଖୁସିର ଖବର ସେୟାର କରିଛନ୍ତି।

ଏବେ ତାଙ୍କର ଖୁସିର ସୀମା ନାହିଁ। ଚିରଞ୍ଜିବୀ ଏବଂ ତାଙ୍କ ପରିବାରକୁ ଅଭିନନ୍ଦନ ଜଣାଇବା ପାଇଁ ପ୍ରଶଂସକମାନେ ଭିଡ଼ ଜମାଇଛନ୍ତି। ଚିରଞ୍ଜିବୀ ଇନଷ୍ଟାଗ୍ରାମରେ ନିଜର ଖୁସି ପ୍ରକାଶ କରି ଲେଖିଛନ୍ତି, 'ଏହା ବହୁତ ଉତ୍ସାହ ଏବଂ ଆନନ୍ଦର ସହିତ ଆମେ ଘୋଷଣା କରୁଛୁ ଯେ ରାମ ଚରଣ ଏବଂ ଉପାସନା ଯମଜ ସନ୍ତାନଙ୍କୁ ସ୍ୱାଗତ କରିଛନ୍ତି। ଗୋଟିଏ ପୁଅ ଏବଂ ଝିଅ। ଶିଶୁ ଏବଂ ମା ଉଭୟ ସୁସ୍ଥ ଅଛନ୍ତି। ଏହି ଅବସରରେ ଆମକୁ ଏତେ ପ୍ରେମ ଏବଂ ଅଭିନନ୍ଦନ ଜଣାଇବା ପାଇଁ ସମସ୍ତଙ୍କୁ ଧନ୍ୟବାଦ। ଚିରଞ୍ଜିବୀ ଏବଂ ସୁରେଖା।

ଏହି ବିଶେଷ ଅବସରରେ ରାମ ଚରଣ, ଉପାସନା ଏବଂ ଚିରଞ୍ଜିବୀଙ୍କ ପରିବାରକୁ ସବୁ ମହଲରୁ ଅଭିନନ୍ଦନ ମିଳୁଛି। ଜଣେ ବ୍ୟକ୍ତି ଲେଖିଛନ୍ତି, 'ଅନେକ ଅଭିନନ୍ଦନ।' ଆଉ ଜଣେ ଲେଖିଛନ୍ତି, 'ଭଗବାନ ପିଲାମାନଙ୍କୁ ଆଶୀର୍ବାଦ କରନ୍ତୁ।' ଆଉ ଜଣେ ଲେଖିଛନ୍ତି, 'ତୁମକୁ ହାର୍ଦ୍ଦିକ ଅଭିନନ୍ଦନ।' ଚିରଞ୍ଜିବୀଙ୍କ କଥା କହିବାକୁ ଗଲେ, ଦକ୍ଷିଣ ସୁପରଷ୍ଟାରଙ୍କ ପରିବାରକୁ ଦକ୍ଷିଣର ସବୁଠାରୁ ବଡ଼ ପରିବାର ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ତାଙ୍କ ପୁଅ ରାମ ଚରଣ ଚଳଚ୍ଚିତ୍ରରେ ଲୋକପ୍ରିୟ ଏବଂ ତାଙ୍କ ଭାଇ ପବନ କଲ୍ୟାଣ ମଧ୍ୟ ଜଣେ ପ୍ରମୁଖ ଅଭିନେତା ଏବଂ ବର୍ତ୍ତମାନ ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରନ୍ତି। ରାମ ଚରଣ ଏବଂ ଉପାସନାଙ୍କ କଥା କହିବାକୁ ଗଲେ, ଏହି ଦମ୍ପତି ୨୦୧୨ ମସିହାରେ ବିବାହ କରିଥିଲେ ଏବଂ ୨୦୨୩ ମସିହାରେ ଏକ କନ୍ୟା ସନ୍ତାନକୁ ସ୍ୱାଗତ କରିଥିଲେ। ବର୍ତ୍ତମାନ, ସେମାନେ ଦ୍ୱିତୀୟ ଥର ପାଇଁ ପିତାମାତା।

## ନିଶା ବ୍ୟବସାୟୀ ଗିରଫ, ଧଳାଜହର ଜବତ

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଜିଲ୍ଲାରେ ଧଳାଜହର କାରବାର ବଢ଼ିବାରେ ଲାଗିଥିବା ବେଳେ ଅବକାରୀ ବିଭାଗର ନିଦ ହଜି ଯାଇଛି। ନିଶା କାରବାରକୁ ରୋକିବା ପାଇଁ ଅବକାରୀ ବିଭାଗ ତତ୍ପରତା ଦେଖିଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ନିଶା କାରବାରରେ ଲିପ୍ତ ରହିଥିବା ଖୁଚୁରା ବ୍ୟବସାଇଙ୍କୁ ଧରିବାରେ ସକ୍ଷମ ହୋଇଛି। ତେବେ ବିଭାଗୀୟ ଅଧିକାରୀ ନିଶା କାରବାରର ମୂଳ ଉତ୍ପାଟନ ବିଫଳ ହୋଇଥିବା ସାଧାରଣରେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଜିଲ୍ଲାର ସହର ଠାରୁ ଗ୍ରାମାଞ୍ଚଳମାନଙ୍କରେ ଅହରହ ନିଶା କାରବାର ଚାଲିଥିବା ବେଳେ କେତେବେଳେ କେଉଁଠାରେ ଅବକାରୀ ବିଭାଗ ଓ ଜିଲ୍ଲା ପୋଲିସ ଖୁଚୁରା ବ୍ୟବସାଇଙ୍କୁ ଧରି ବାଃ ବାଃ ନେଉଥିବା ବେଳେ ନିଶାକାରବାରରେ ଲିପ୍ତ ରହିଥିବା ସୁପର ସେଲର ମନକୁ ଅବକାରୀ ବିଭାଗ ଓ ଜିଲ୍ଲା ପୋଲିସ କାହିଁକି ଧରିବାରେ ଅସମର୍ଥ ହୋଇଛି ତାକୁ ନେଇ



କଳ୍ପନା ଜଳ୍ପନା ଜାରି ରହିଛି। ତେବେ ଶନିବାର ଖୋର୍ଦ୍ଧା ଅବକାରୀ ବିଭାଗ ଓ ଜଟଣୀ ଅବକାରୀ ବିଭାଗ ମିଳିତ ଭାବରେ ଚଢଉକରି ପୃଥକଙ୍କ ପ୍ରଥା ଭାବରେ ଦୁଇଟି ସ୍ଥାନରୁ ୨୫୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିବା ବେଳେ ଦୁଇ ନିଶା ବ୍ୟବସାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ବିଭାଗର ସୂଚନାରୁ ପ୍ରକାଶ ପାଇଛି। ଖୋର୍ଦ୍ଧା ଭିଜିଲାନ୍ସ ଅଫିସ ସମୁଖରେ ରହୁଥିବା ବ୍ୟକ୍ତି ହୃଷିକେଶ ସାହୁ ବୟଷ ୩୭ ପିତା ପଦ୍ମଚରଣ ସାହୁଙ୍କୁ ଜଙ୍କିଆ ଥାନା ଅଧୀନ ମଳିପଡା ଛକରୁ ଗିରଫ କରିବା ସହିତ ତାଙ୍କ ନିକଟରୁ ୧୨୦ ଗ୍ରାମ ଓଜନର ଧଳାଜହର ଜବତ କରିବା ସହିତ ତାଙ୍କୁ ଗିରଫ କରି ଥିବା ବେଳେ ଜଟଣୀ ରାଜାବଜାର ଅଞ୍ଚଳର ଯୁବକ ଗୋପାଳ କୃଷ୍ଣ ଗୌଡ଼ ବୟଷ ୨୦ ପିତା ଦୁର୍ଯ୍ୟଧାନ ଗୌଡ଼ଙ୍କ ଜଟଣୀ ଫକଡ଼ସାହି ରାସ୍ତାରୁ ଗିରଫ କରି ତାଙ୍କ ନିକଟରୁ ୧୩୦ ଗ୍ରାମ ଧଳାଜହର ଜବତ କରିଥିବା ଜଣାପଡିଛି। ତେବେ ଉଭୟଙ୍କ ନାମରେ ଏନଡିପିଏସ କେଶ ୪୦୮/୨୬ ଓ ୪୩୪/୨୬ରେ ଦୁଇଟି କେଶ ରୁଜୁକରି କୋର୍ଟଚାଲାଣ କରିଥିବା ସୂଚନା ଅବକାରୀ ଅଧିକାରୀ ତପସ୍ୱିନୀ ବରାଳଙ୍କ ସୂଚନାରୁ ପ୍ରକାଶ ପାଇଛି।

## ଆଜିର ରାଶିଫଳ

| ତାରିଖ | ସୋମବାର– ପ୍ରତିପଦ |
|---|---|
| ୨.୨.୨୦୨୬ | ନକ୍ଷତ୍ର– ଅଶ୍ଳେଷା, କର୍କଟଚନ୍ଦ୍ର |



**ମେଷ** : ସାମାନ୍ୟ ଅଶାନ୍ତି ଲାଗି ରହିବ।
**ବୃଷ** : ଅର୍ଥାଦି ଲାଭ ରହିପାବ।
**ମିଥୁନ** : ବ୍ୟୟବୃଦ୍ଧି ଘଟିବ।
**କର୍କଟ** : ଆୟବୃଦ୍ଧି ହୋଇପାରେ।
**ସିଂହ** : ଅଶାନ୍ତି ଲାଗି ରହିବ।
**କନ୍ୟା** : ବନ୍ଧୁଙ୍କ ଠାରୁ ସାହାର୍ଯ୍ୟ ମିଳିପାରେ।
**ତୁଳା** : ଆଘାତ ମିଳିପାରେ।
**ବିଛା** : ଦୂର ଯାତ୍ରାରେ ବିପଦ ରହିଛି।
**ଧନୁ** : ବନ୍ଧୁହାନି ଘଟିପାରେ।
**ମକର** : ପିତୃକଷ୍ଟ ହୋଇପାରେ।
**କୁମ୍ଭ** : ବିଭିନ୍ନ ସ୍ଥାନରୁ ଅର୍ଥଲାଭ ହେବ।
**ମୀନ** : ଅର୍ଥହାହାନି ହୋଇପାରେ।

# ନଦୀବନ୍ଧ କାମ ନିମ୍ନମାନର: ଗ୍ରାମବାସୀଙ୍କ ବିରୋଧ



:୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଗତ ୧୯.୧୧.୨୦୨୫ ତାରିଖରେ ନିମାପଡା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ବିଧାୟିକା ତଥା ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସେଥିମଧ୍ୟରୁ ଗୋପ ବ୍ରିଜ୍‌ଠାରୁ କୁଶୁପୁର ବାହାଣିଆ ପର୍ଯ୍ୟନ୍ତ ନଦୀବନ୍ଧର ସୁଦୃଢ଼ୀକରଣ ଏବଂ ଅପରପାର୍ଶ୍ୱରେ ଥିବା କେନାଲ ବନ୍ଧ ରାସ୍ତାର ଉନ୍ନତିକରଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ ଭିତ୍ତିପ୍ରସ୍ତରରେ ୪ କୋଟି ୧୨ ଲକ୍ଷ ଟଙ୍କାରେ କାର୍ଯ୍ୟକାରୀ ହେବ ବୋଲି ସାମାଜିକ ଗଣମାଧ୍ୟମ ଦେଖିବାକୁ ମିଳିଥିଲା। ଆହୁରି ମଧ୍ୟ ଶୁଣିବାକୁ ମିଳିଲା ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ନଦୀବନ୍ଧର ସୁରକ୍ଷା ସୁନିଶ୍ଚିତ ହେବା ସହ କେନାଲ ବନ୍ଧ ରାସ୍ତାରେ ଗମନାଗମନ ସୁଗମ ହୋଇପାରିବ ବୋଲି ଶ୍ରୀମତୀ ପରିଡା କହିଥିଲେ। ବାସ୍ତବତା କିନ୍ତୁ ଭିନ୍ନ ଦେଖିବାକୁ ମିଳୁଛି। ଏହା କେବଳ ସମ୍ଭବ ହୋଇପାରୁଛି ଗୋପର କିଛି ବ୍ୟକ୍ତି ନିଜକୁ ଉପମୁଖ୍ୟମନ୍ତ୍ରୀଙ୍କ ଲୋକ କାହିଁ ସମସ୍ତ ବେନିୟମ କାର୍ଯ୍ୟ କରିବା ସହିତ ଚୋରି କରିବାକୁ ମଧ୍ୟ ପଛାଉନାହାନ୍ତି ବୋଲି ଅଞ୍ଚଳ ସାରା ଚର୍ଚ୍ଚା ହେଉଛି। ନିୟମ ଅନୁଯାଇ ଯେକୌଣସି ସରକାରୀ ଯୋଜନା ମୁତାବକ ପ୍ରକଳ୍ପର ଶୁଭ ଉଦଘାଟନ ହୁଏ ତାର ପାଖରେ ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରଣୀ ଥିବା ଏକ ସୂଚନା ଫଳକ ମରାଯିବାକଥା। ଏଠି କିନ୍ତୁ ତାହା ପରିଲକ୍ଷିତ ହେଉନାହିଁ ଏହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବାକଥା ଏହା ଏକ ବିଚିତ୍ର ନୀତି ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଆମର ସ୍ଥାନୀୟ ପ୍ରତିନିଧି ବିଭାଗୀୟ ଅଧିକାରୀଙ୍କ ସହିତ ଫୋନ ଯୋଗେ କଥା ହୋଇଥିଲେ। ଅଧିକାରୀ ଜଣକ ସ୍ପଷ୍ଟ ଭାବ କହିପାରିଲେ ନାହିଁ ଯେ କେତେ ଟଙ୍କାର ବ୍ୟୟ ବରାଦ ହୋଇଛି। ଉକ୍ତ କାର୍ଯ୍ୟରେ ଗାର୍ଡ ୱାଲ ରହିବାକୁ କିନ୍ତୁ ଠିକାଦାର ତାହା ନ କରି ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି। ଉକ୍ତ ବନ୍ଧ ଉପରେ ହେଉଥିବା କାର୍ଯ୍ୟର ସଠିକମାନ ନିର୍ଦ୍ଧାରଣ କରିବରିବାକୁ କୌଣସି ବିଭାଗୀୟ ଅଧିକାରୀ ରହୁନାହାନ୍ତି କି ବ୍ୟୟ ବରାଦ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଫଳକ ମରାଯାଉନାହିଁ। ସ୍ଥାନୀୟ ଅଞ୍ଚଳବାସୀ ଆଜି କାର୍ଯ୍ୟ ବିରୋଧ କରିବା ସହିତ ଗୋପବାସୀଙ୍କୁ ଅନ୍ଧାରରେ କାହିଁକି ରଖାଯାଉଛି ଆଉ ଏହା ପଛରେ କାହାର ସ୍ୱାର୍ଥ ଥାଇପାରେ ? ବନ୍ଧ ନିର୍ମାଣର କ'ଣ ଗାଇଡ୍ ଲାଇନ ରହୁଛି ତାର ତଦାରଖ କିଏ କରୁଛି ଏମିତି ଅନେକ ପ୍ରଶ୍ନ ସାଧାରଣ ଉଠୁଛି। ଉକ୍ତ କାର୍ଯ୍ୟ ନିମନ୍ତେ ସରକାରୀ ଜମିରୁ ଦୈନିକ ହଜାର ହଜାର ଟ୍ରିପର ଚୋରା ମାଟି ଚାଲାଣ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ନିରବ ଦର୍ଶକ କାହିଁକି ? ଦୈନିକ ଉଠୁଥିବା ମାଟିର ମୂଲ୍ୟ କେତେ ଆଉ ତା ବଦଳରେ ବିଭାଗୀୟ ଅଧିକାରୀ କେତେ ଟଙ୍କାର ରାଜସ୍ୱ ଆଦାୟ କଲେଣି ତାର ସଠିକ ହିସାବ କାହାରି ପାଖରେ ନାହିଁ। ଏବେ ଦେଖିବାକୁ ମିଳୁଛି ଗୋପ ଅଞ୍ଚଳ ଓ ଏହାର ଆଖପାଖରେ ହେଉଥିବା ସରକାରୀ କାର୍ଯ୍ୟ ଗୁଡିକ ର ଠିକାଦାରମାନେ ନିର୍ଭୟରେ ଅନିୟମିତତା ଭାବେ କାର୍ଯ୍ୟ କରୁଛନ୍ତି । ସେମାନଙ୍କୁ କିଏ ସୁରକ୍ଷା ଦେଉଛି ଆଉ କାହା କାହା ଇଙ୍ଗିତରେ ଏ ସବୁ ବେନିୟମ କାର୍ଯ୍ୟ ହେଉଛି ? ଏତେ ସବୁ ଅନିୟମିତତା କାର୍ଯ୍ୟ ହେଉଥିଲେ ମଧ୍ୟ ରାଷ୍ଟ୍ରବାଦୀ ଯୁବ ନେତା ଠାରୁ ସେମାନଙ୍କ ଯାହାପନ୍ନା ପର୍ଯ୍ୟନ୍ତ ଚୁପଚାପ କାହିଁକି ? ଲୋକେ ତ କହିଲେ ନୂଆକରି ସରକାର ଆସି ଦିଅଁକୁ ଖଇଁ ଖଟୁଲି ଖାଇବାକୁ ବସିଲେଣି ଏମିତି କିଛି ମଧ୍ୟ ଶୁଣିବାକୁ ମିଳୁଛି। ଏବେ ବିକାଶ ନା'ରେ କେବଳ ହରିଲୁଟ ଚାଲିଛି ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ଅଧିକାରିଣୀ ହାତ କରି ଗୋଡି ମାଟି ବାଲି ଭଙ୍ଗା ରଡ଼ ଆଦି ବସ୍ତୁ ଓ ସାମଗ୍ରୀକୁ ଆଖି ଆଗରେ ଆଙ୍ଗୁଠି ଗେଞ୍ଜି ଚୋରି କରୁଛନ୍ତି ବୋଲି ସୋସିଆଲ ମିଡ଼ିଆରୁ ଦେଖିବାକୁ ମିଳୁଛି। ଏହିଭଳି ଯଦି କାର୍ଯ୍ୟ କ୍ରମଶଃ ବୃଦ୍ଧି ପାଇବ ତେବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ତାର ଜବାବ ଗୋପ ଅଞ୍ଚଳବାସୀ ଦେବେ ବୋଲି ଶୁଣିବାକୁ ମିଳୁଛି।

## ସୁରକ୍ଷା ବନ୍ଧ ନିର୍ମାଣରେ ଅନିୟମିତତା

ଭଦ୍ରକ,୧୨ ଏକ୍ସପ୍ରେସ୍ ନ୍ୟୁଜ୍

ସରକାରୀ ଅର୍ଥର ହରିଲୁଟ ଏବଂ ନିମ୍ନମାନର କାମକୁ ନେଇ ପୁଣି ଚର୍ଚ୍ଚାରେ ଧାମନଗର ଜଳସେଚନ ବିଭାଗ। ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଗେଙ୍ଗୁଟି ନଦୀ ପୋଲ ନିକଟରେ ଚାଲିଥିବା ୧୦୦ ମିଟର ପଥର ଚଟାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନ୍ୟା ସମୟରେ ନଦୀବନ୍ଧକୁ ସୁରକ୍ଷା ଦେବା ପାଇଁ ବିଭାଗ ପକ୍ଷରୁ ଏହି ପଥର ଚଟାଣ କାମ କରାଯାଉଛି। ମାତ୍ର ଆଶ୍ଚର୍ଯ୍ୟର କଥା ହେଉଛି, ପ୍ରାୟ ୫ ବର୍ଷ ତଳେ ସେହି ସ୍ଥାନରେ ହୋଇଥିବା ପଥର ଚଟାଣକୁ ବାହାର କରି ଏବେ ସେହି ପୁରୁଣା ପଥରରେ କିଛି ନୂଆ ପଥର ଦେଇ ନୂଆ କାମ କରାଯାଉଛି। ସୂଚନା ଅନୁଯାୟୀ, ଠିକାଦାର ବିଭାଗୀୟ ଅଧିକାରୀଙ୍କ ଅଗୋଚରରେ କିଛି ସ୍ଥାନୀୟ ଦଲାଲଙ୍କ ସହାୟତାରେ ପୁରୁଣା ପଥରକୁ ବାହାର କରି ତଳେ କିଛି ମାଟି ପକାଇ ପୁଣି ସେହି ପଥର ସଜାଇ ଦେଉଛନ୍ତି। ଏଥିପାଇଁ କେତେ ଟଙ୍କା ଅଟକଳ କରାଯାଇଛି, ସେ ନେଇ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ। ସ୍ଥାନୀୟ ଯୁବ ନେତା ପ୍ରଶାନ୍ତ ନାୟକ ଏବଂ ଅଞ୍ଚଳବାସୀଙ୍କ ଅଭିଯୋଗ କରିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୁରଜଙ୍କ ପ୍ରଚେଷ୍ଟାରେ ନଦୀ ସୁରକ୍ଷା ତଥା ଅଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର ହେଉଛି। କିନ୍ତୁ ତୃଣମୂଳସ୍ତରରେ କିଛି ଦଲାଲ ଏବଂ ଅସାଧୁ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ସରକାରୀ ଅର୍ଥ ପାଣିରେ ପଡୁଛି। ପୁରୁଣା ପଥର ବ୍ୟବହାର କରି ନୂଆ ବିଲ୍ କରିବାକୁ ଠିକାଦାର ଯୋଜନା କରୁଥିବା ଅଭିଯୋଗ ହୋଇଛି। ନଦୀବନ୍ଧ ସୁରକ୍ଷା ଭଳି ସମ୍ବେଦନଶୀଳ କାର୍ଯ୍ୟରେ ଏଭଳି ଅବହେଳା ଆଗାମୀ ବନ୍ୟା ସମୟରେ ବିପଦ ସୃଷ୍ଟି କରିପାରେ। ସ୍ଥାନୀୟ ଲୋକେ ଏହି କାମର ଉଚ୍ଚସ୍ତରୀୟ ତଦନ୍ତ ସହ ନିମ୍ନମାନର କାମ ବନ୍ଦ କରି ନୂତନ ପଥରରେ କାର୍ଯ୍ୟ କରିବାକୁ ଦାବି କରିଛନ୍ତି। ଯଦି ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନଦିଅନ୍ତି, ତେବେ ଆଗାମୀ ଦିନରେ ବିଭାଗୀୟ ଉଚ୍ଚ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଦୃଢ ପଦକ୍ଷେପ ନିଆ ଯିବ ବୋଲି ଶ୍ରୀ ନାୟକ କହିଛନ୍ତି। ହେବାର ସମ୍ଭାବନା ରହିଛି। ନୂଆ ପଥରରେ କାମ କରା ଯାଉଚ୍ଛି ଯଦି ପୁରୁଣା ପଥରରେ କାମ କରାଯାଉଛି ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯିବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି।

## ନାବାଳିକାକୁ ଗଣଦୁଷ୍କର୍ମ

ସୋର,୧୨ ଏକ୍ସପ୍ରେସ୍ ନ୍ୟୁଜ୍

ସୋର ଥାନା ଗୁଡ଼ ଗ୍ରାମରେ ସନ୍ଧ୍ୟାରେ ଟିଉସନରୁ ଫେରୁଥିବା ବେଳେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ କରାଯାଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ମୂଳକାଏଦା ଅଞ୍ଚଳର ଜଣେ ନାବାଳିକାଙ୍କ ବାପା ଗୁଡ଼ ଛକରେ ଏକ ଦୋକାନ କରିଥିବା ବେଳେ ସପରିବାରେ ଗୁଡ଼ ଗ୍ରାମରେ ଭଡା ନେଇ ରହୁଛନ୍ତି। ଯୁକ୍ତ ଦୁଇରେ ପଢୁଥିବା ନାବାଳିକା ଜଣଙ୍କ ସନ୍ଧ୍ୟାରେ ଟିଉସନରୁ ଘରକୁ ଫେରୁଥିବା ବେଳେ ଗୁଡ଼ ଛକ ନିକଟରେ ଦୁଇ ଜଣ ଯୁବକ ତାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିଲେ। ନାବାଳିକା ଜଣଙ୍କ ଚିତ୍କାର କରିବାରୁ ଯୁବକ ଦ୍ୱୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ନାବାଳିକା ଜଣଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ନାବାଳିକାଙ୍କ ମାଆ ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଘରୁ ଶୁଭୁଛି ଶବ୍ଦ, ଯାହା କଲେବି ବନ୍ଦ ହଉନି

ଦଶପଲ୍ଲା,୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଆଜିର ବିଜ୍ଞାନ ଯୁଗରେ ଏଭଳି ଏକ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ଦେଉଛି। ଘର ଭିତରୁ, ଛାତରୁ ଆସୁଚି ଅଦ୍ଭୁତ ଶବ୍ଦ। ପ୍ରତି ଅଧ ଘଣ୍ଟା କିମ୍ବା ୪୦ମିନିଟ ବ୍ୟବଧାନରେ ଏଭଳିଶବ୍ଦ ଶୁଭୁଛି। ଗାଁ ଲୋକ, ବନ୍ଧୁ ବାନ୍ଧବଙ୍କ ପରାମର୍ଶରେ କେତେ ପୂଜା ବିଧି କଲେଣି। ବାସ୍ତୁ ଦୋଷ ହଟାଇ, ଐଶାନ୍ୟ କୋଣରେ ନାଗ ମୂର୍ତ୍ତି ସ୍ଥାପନ କରି ସାରିଲେଣି, ବନ୍ଦ ହଉନି। ଦଶପଲ୍ଲା ବ୍ଲକ ତେଣ୍ଡାବାଡି ପଞ୍ଚାୟତ ପୋଇବାଡି (ନୂଆସାହି) ବାସିନ୍ଦା ପ୍ରକାଶ ଖୁଣ୍ଟିଆଙ୍କୁ ୨୦୧୯ ସେପ୍ଟେମ୍ବର ମାସରେ ଇନ୍ଦିରା ଆବାସ ଘର ଟିଏ ମିଳିଥିଲା। ସେଇ ପଇସାରେ ଏଇ ଘରଟି ୨୦୨୦ରେ ତିଆରି ହୋଇଥିଲା। ସେବେଠାରୁ ଏଇ ଅବସ୍ଥା। ଶବ୍ଦ ଯୋଗୁ ଘରର ଚାରିପଟ କାନ୍ଥ ସବୁ ଫାଟି ଗଲାଣି। ରାତିରେ ଅଧିକ ଜୋରରେ ଶବ୍ଦ ହେଉ ଥିବାରୁ ତାଙ୍କୁ ଏଇ ଘରେ ରହିବାକୁ ବି ଡର ଲାଗୁଛି। କେତେ ପୂଜା ପାଠ କଲେଣି କିଛି ଜଣା ପଡୁନି। ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି ପ୍ରକାଶ। ନା ଭାଙ୍ଗି ପାରୁଛନ୍ତି ନା ରଖି ପାରୁଛନ୍ତି।

## ସ୍ତ୍ରୀକୁ ପିଟିପିଟି ହତ୍ୟା !

ଢେଙ୍କାନାଳ,୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ନବକିଶୋରପୁର ପଞ୍ଚାୟତ ଅନ୍ତର୍ଗତ ଆଳୁସିଂହ କାଳିପୋଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସୂଚନା ଅନୁଯାୟୀ କାଳିପୋଇ ଗ୍ରାମର ପ୍ରକାଶ ପ୍ରଧାନ ନିଶାସକ୍ତ ଅବସ୍ଥାରେ ତାଙ୍କ ସ୍ତ୍ରୀକୁ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ରାସୋଳ ଥାନା ପୋଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ପୋଷ୍ଟମର୍ଟମ ପାଇଁ ମେଡିକାଲ୍ ପଠାଇଛି। କେସ୍ ନଂ ୨୩/୨୬ରେ ପୋଲିସ୍ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ସ୍ୱାମୀ ପ୍ରକାଶଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଘରୋଇ କଳହରୁ ଏପରି ଅଭାବନୀୟ ଘଟଣା ଘଟିଥିବା ଜଣାପଡ଼ିଛି।

## ମାର୍କେଟ କମ୍ପ୍ଲେକ୍ସ କାମରେ ଦୁର୍ନୀତି



ମାହାଙ୍ଗା,୧୨ ଏକ୍ସପ୍ରେସ୍ ନ୍ୟୁଜ୍

ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇ ଗମନାଗମନ ଠାରୁ ଆରମ୍ଭ କରି ମାର୍କେଟ କମ୍ପ୍ଲେକ୍ସ ଏବଂ ବିଭିନ୍ନ କାର୍ଯ୍ୟ କରାଯାଉଛି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ହେତୁ କେଉଁଠି ପିଚୁ ଉଠି ଗଲାଣି ତ କେଉଁଠି କଂକ୍ରିଟ ଫାଟି ଆଁ କରୁଛି। ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ କରାଯାଇଥିଲେ ବି ସେଭଳି ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଯାହା ଫଳରେ ଗୋଟିକ ପରେ ଗୋଟିକ କାର୍ଯ୍ୟରେ ଏଭଳି ବ୍ୟାପକ ଦୁର୍ନୀତି ଘଟି ଚାଲିଛି। ସୂଚନା ଅନୁଯାୟୀ ଏବେ ମାହାଙ୍ଗା ପଞ୍ଚାୟତ ସମିତି ପକ୍ଷରୁ କୁହୁଣ୍ଡା ପଞ୍ଚାୟତ କୁମୁଡାହାଟ ଠାରେ ଏକ ନୂତନ ମାର୍କେଟ କମ୍ପ୍ଲେକ୍ସ ଗୃହ ନିର୍ମାଣ କରାଯାଉଥିଲେ ମଧ୍ୟ ଏହି କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏବେ ନିର୍ମାଣ କାର୍ଯ୍ୟ ଚାଲୁଥିଲେ ମଧ୍ୟ ସୂଚନା ଫଳକ ନାହିଁ। ଯାହା ଫଳରେ ଲୋକଙ୍କୁ ଭୁଆଁ ବୁଲାଇ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ମନମର୍ଜୀରେ କାର୍ଯ୍ୟ କରୁନାହାନ୍ତି । ଏପରିକି ଗୃହ ନିର୍ମାଣ କାର୍ଯ୍ୟରେ ସଠିକ୍ ଭାଗମାପରେ ବାଲି, ଗୋଡି ଓ ସିମେଣ୍ଟ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଏହି ଗୃହ କାର୍ଯ୍ୟ ଡିପିସ ପର୍ଯ୍ୟନ୍ତ କରାଯାଇଥିଲେ ମଧ୍ୟ ଏହାର ଚତୁଃପାର୍ଶ୍ୱ ଓ ଗୃହ ଭିତରେ ଖତ ମିଶା ମାଟି ଗର୍ତ୍ତ କରାଯାଇଥିବା ଦେଖିବାକୁ ମିଳିଛି । ଏ ନେଇ ବିଭାଗୀୟ ଅଧିକାରୀ ସାଗର ମଲିକଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନଥିଲା। ତେଣୁ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଭାଗୀୟ ଅଧିକାରୀ ଓ ଏଥିରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି ।

## ପାଣିରେ ବୁଡି ବୃଦ୍ଧ ମୃତ

ଢେଙ୍କାନାଳ,୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ବେସଲିଆ ଗ୍ରାମରେ ଘଟିଛି ଏକ ଅଘଟଣ। ସୂଚନା ଅନୁଯାୟୀ ବେସଲିଆ ଗ୍ରାମର ରବି ନାଏକ ୫୯ ବର୍ଷ ପିତା ଅମ୍ବର ନାଏକ ଗତକାଲି ପଣ୍ଡା ଚରାଇବାକୁ ଯାଇଥିବା ବେଳେ ଘରକୁ ଫେରି ନଥିଲେ ଘରଲୋକମାନେ ବହୁତ ଖୋଜାଖୋଳି କରି ପାଇନଥିଲେ। ଗ୍ରାମବାସୀ ଓ ପରିବାର ଲୋକମାନେ ଖୋଜୁଥିବାବେଳେ ରବି ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲ। ରବି ପଣ୍ଡା ଚରାଇ ସବୁଦିନ ପରି ଗାଧୋଇ ଘରକୁ ଆସେ। ଗତକାଲି ସେ ଗାଧାଉ ଥିବାବେଳେ ବୁଡ଼ିଯାଇଥିବା ଅନୁମାନ କରାଯାଉଛି। ଏହି ଘଟଣା ପରେ ଗ୍ରମବାସୀ ସଦର ଥାନାକୁ ଖବର ଦେଇଥିଲେ ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସାଲେପୁରରେ ମିଳୁଛି ଉତ୍ତରପ୍ରଦେଶ ପଲ୍ୟୁସନ୍ ସାର୍ଟିଫିକେଟ୍




ସାଲେପୁର,୧୨ ଏକ୍ସପ୍ରେସ୍ ନ୍ୟୁଜ୍

ପ୍ରଦୂଷଣ ରୋକିବା ପାଇଁ ସରକାର ସମସ୍ତ ଯାନ ବାହାନର ପଲ୍ୟୁସନ୍ ସାର୍ଟିଫିକେଟ୍ ବାଧ୍ୟତାମୂଳକ କରିଛନ୍ତି। ପଲ୍ୟୁସନ୍ ସାର୍ଟିଫିକେଟ୍ ପାଇଁ ଲମ୍ବା ଲାଇନ୍ ଲାଗୁଛି। ସାଲେପୁର ଅଞ୍ଚଳରେ ୨ଟି ସରକାରୀ ସ୍ୱୀକୃତିପ୍ରାପ୍ତ ପଲ୍ୟୁସନ୍ ସେଣ୍ଟର ରହିଥିବା ବେଳେ ଜନୈକ ବ୍ୟକ୍ତିଙ୍କ ଘରେ ବିନା ରେଜିଷ୍ଟ୍ରେସନ୍‌ରେ ଗାଡିର ଫଟୋ ଉଠାଇ ପଲ୍ୟୁସନ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଉଥିବା ନେଇ ଅଭିଯୋଗ ହେଉଛି।

ଅଭିଯୋଗରୁ ପ୍ରକାଶ ଯେ, ଓଡିଶାରେ ଦୁଇଚକିଆଠାରୁ ଚାରିଚକିଆ ଯାନର ପଲ୍ୟୁସନ୍ ସାର୍ଟିଫିକେଟ୍ ପାଇଁ ପଲ୍ୟୁସନ୍ ସେଣ୍ଟର ପକ୍ଷରୁ ପଲ୍ୟୁସନ୍ ଟେଷ୍ଟିଂ କରିବା ସହ ଗାଡି ମାଲିକଙ୍କ ମୋବାଇଲକୁ ଓଟିପି ଆସିଥାଏ। ଓଟିପି ଆସିବା ପରେ ପଲ୍ୟୁସନ୍ ସାର୍ଟିଫିକେଟ୍ ମିଳିଥାଏ। ହେଲେ ସାଲେପୁର ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଉତ୍ତରପ୍ରଦେଶ ରାଜ୍ୟର ପଲ୍ୟୁସନ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି। ଏହି ସେଣ୍ଟରକୁ ଯେଉଁ ଗାଡି ମାଲିକ ପଲ୍ୟୁସନ୍ ସାର୍ଟିଫିକେଟ୍ ପାଇଁ ଯାଉଛନ୍ତି। ସଂପୃକ୍ତ ସେଣ୍ଟରରେ ଗାଡିର ଫଟୋ ଉଠାଇ ଗାଡି ମାଲିକଙ୍କୁ ବିନା ଓଟିପିରେ ଉତ୍ତରପ୍ରଦେଶ ରାଜ୍ୟର ପଲ୍ୟୁସନ୍ ସାର୍ଟିଫିକେଟ୍ ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ସାର୍ଟିଫିକେଟର ବୈଧତା ଉପରେ ଗାଡି ମାଲିକମାନେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ପରିବହନ ବିଭାଗ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

## ପାଚେରୀ ନିର୍ମାଣକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଦାବିପତ୍ର



ଯାଜପୁର,୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଧର୍ମଶାଳା ବ୍ଲକ ଜେନାପୁର ଥାନା ବଳରାମପୁର ପଞ୍ଚାୟତ ତଳଗଡ଼ ଗ୍ରାମର ଦଳିତ ସାହି ବ୍ୟବହାର କରୁଥିବା କୂପ ଓ ନଳକୂପ ରାସ୍ତା ଉପରେ ପାଚେରୀ ନିର୍ମାଣ କରାଯିବା ଦ୍ୱାରା ଲୋକେ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଥିବାରୁ ଏହାକୁ ବିରୋଧ କରି ଉପରୋକ୍ତ ଗ୍ରାମର ଦଳିତ ପରିବାର ଜିଲ୍ଲାପାଳଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ନିଜ ଗ୍ରାମ ନିକଟରେ ଗୋଚର, ଅନାବାଦୀ କିସମର ଜମି ରହିଛି। ଏହି ଜମିରେ ଗ୍ରାମବାସୀ ଚଳପ୍ରଚଳ କରିବା ସହ ଯାତାୟାତ କରିଥାନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଏହି ସ୍ଥାନ ଉପରେ କୂଅ, ନଳକୂପ ଖନନ କରାଯିବା ସହ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସା ଯାଇଛି। ଗ୍ରାମବାସୀ କୂପ ଓ ନଳକୂପ ନିକଟକୁ ଅନାବାଦୀ ରାସ୍ତା ଦେଇ ଯାତାୟାତ କରିଥାନ୍ତି। କିନ୍ତୁ ଗ୍ରାମର କିଛି ବ୍ୟକ୍ତି ଏହି ଅନାବାଦୀ ଗୋଚର ଜାଗାରେ ପାଚେରି ନିର୍ମାଣ କରିଦେବା ଦ୍ୱାରା ଦଳିତ ପରିବାର ବନ୍ଦୀ ଜୀବନ ବିତାଉଛନ୍ତି। ଯାହାକୁ ପ୍ରତିବାଦ କରି ତଳଗଡ଼ ଗ୍ରାମର ଦଳିତ ପରିବାର ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଥିଲେ।

## ପାର୍କରେ ପୂତିଗନ୍ଧମୟ ପରିବେଶ

ଜୟପୁର,୧୨ ଏକ୍ସପ୍ରେସ୍ ନ୍ୟୁଜ୍

କୋରାପୁଟ ଜିଲ୍ଲା ଜୟପୁର ବିକ୍ରମନଗର ଏବଂ ପ୍ରସାଦରାଓ ପେଟା ମଧ୍ୟବର୍ତ୍ତୀ ଅଞ୍ଚଳରେ ରହିଥିବା ଖଜୁରୀ ବନ୍ଧ ପାର୍କରେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ରହିଛି । ବର୍ତ୍ତମାନ ଏହି ପାର୍କକୁ ଟେଣ୍ଡର ମାଧ୍ୟମରେ ଠିକା ସଂସ୍ଥା ପରିଚାଳନା କରୁଥିବା ଯୋଗୁଁ ଏହାର ରକ୍ଷଣାବେକ୍ଷଣ ଅବହେଳା ଯୋଗୁଁ ପୂର୍ବାହ୍ନରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଏବଂ ମହିଳା ମାନେ ବ୍ୟାୟମ, ଯୋଗ ଏବଂ ଚାଲୁଥିବାରେ ସମସ୍ୟା ସୃଷ୍ଟି ହେଉଛି । ଏହିପରି ସଂଧ୍ୟାରେ ଛୋଟ ଛୁଆ ଏବଂ ଅନ୍ୟାନ୍ୟ ସାଧାରଣ ଲୋକଙ୍କୁ ପାଇଁ ଟିକଟ ମାଧ୍ୟମରେ ଏହା ପାର୍କକୁ ପ୍ରବେଶ କରାଯାଉଥିଲେ ସୁଦ୍ଧା ଏହାର ପରିମଳ ଏବଂ ସଫେଇକୁ ନେଇ ସଂପୃକ୍ତ ଠିକାସଂସ୍ଥା କୌଣସି ପଦକ୍ଷପ ଗ୍ରହଣ କରୁନଥିବା ଯୋଗୁଁ ଉକ୍ତ ଅଞ୍ଚଳର ବରିଷ୍ଠ ନାଗରିକ ଏବଂ ସକାଳ ଚାଲୁଥିବା ସାଧାରଣ ନାଗରିକମାନେ ଆଜି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଆଜି ପୂର୍ବାହ୍ନରେ ଏହି ଅଞ୍ଚଳର ବାସିନ୍ଦା ତଥା ବରିଷ୍ଠ ନାଗରିକମାନେ ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀଙ୍କୁ ସାକ୍ଷାତ ଏବଂ ଦାବି ପ୍ରଦାନ ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ନମ୍ରତା ଗଡତିଆଙ୍କୁ ସାକ୍ଷାତ କରିବା ସହିତ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ପୂର୍ବରୁ ପୌରସଂସ୍ଥା ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଉଥିବା ବେଳେ ବର୍ତ୍ତମାନ ଏକ ଠିକାସଂସ୍ଥାକୁ ପ୍ରଦାନ କରାଯାଇଛି । ଏହିପରି ପୂର୍ବାହ୍ନ ୬ଟାରେ ଏହି ପାର୍କ ସ୍ଥାନୀୟ ନାଗରିକମାନେ ବ୍ୟାୟାମ, ପ୍ରାଣାୟମ, ଯୋଗ ଏବଂ ଚାଲାବୁଲା କରିବା ପାଇଁ ଖୋଲା ଯାଉଛି । କିନ୍ତୁ, ପାର୍କ ଭିତରେ ଅପରିଷ୍କାରରେ ପରିପୂର୍ଣ୍ଣ ହୋଇ ପଡି ରହିଥିବା ଯୋଗୁଁ ଏଠାରେ ବ୍ୟାୟାମ ଏବଂ ଚାଲାବୁଲା କରିବାରେ ସମସ୍ୟା ସୃଷ୍ଟି ହେଉଛି । ଏହିପରି ଖଜୁରୀ ବନ୍ଧର ସଫେଇ କରାଯାଉନଥିବା ଯୋଗୁଁ ଦଳ ଓ ଅଳିଆ ଆବର୍ଜନ ଜମୁଛି । ଏହି ପୋଖରୀରେ ସ୍ଥାନୀୟ ଅଞ୍ଚଳର ଗରୀବ ଶ୍ରେଣୀର ଲୋକମାନେ ସ୍ନାନ କରୁଥିବା ବେଳେ ହିନ୍ଦୁ ପରମ୍ପରା ଅନୁଯାୟୀ ମୃତ ବ୍ୟକ୍ତିଙ୍କ ସୁଦ୍ଧିକ୍ରିୟା କରାଯାଉଛି । କିନ୍ତୁ, ଏହି ପୋଖରୀରେ ସ୍ନାନ କଲେ ଚର୍ମରୋଗ ସମେତ ଅନ୍ୟାନ୍ୟ ରୋଗ ହେବାର ଆଶଙ୍କା ଦେଖାଦେଉଛି । ଏହିପରି ପାର୍କ ଭିତରେ ଏକ ଗଛରେ ବାଦୁଡିମାନେ ବସା କରିଥିବା ଯୋଗୁଁ ସେମାନେ ଅଳିଆ ଆବର୍ଜନା ସୃଷ୍ଟି କରୁଛନ୍ତି । କିନ୍ତୁ, ପ୍ରତ୍ୟେକ ଦିନ ଏହି ପାର୍କ ଝାଡୁ ମାରିବା ଏବଂ ସଫେଇ କରାଯାଉନଥିବା ଯୋଗୁଁ ଦୀର୍ଘ ଦିନ ହେଲାଣି ଅଳିଆ ଆବର୍ଜନା ଜମା ରହୁଛି । ତେଣୁ ତୁରନ୍ତ ଏହାର ସଫେଇ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

ଏହି ସ୍ମାରକପତ୍ର ପ୍ରଦାନ ବେଳେ ଟି କାଳି ପ୍ରସାଦ, ରମେଶ ଜୈନ, ଜି. ମହେଶ, ଉମାକାନ୍ତ ମହାନ୍ତି, ବି.ଏନ ମିଶ୍ର, ସି.ଏଚ୍. ରୂପକ, ଦିବ୍ୟ ପ୍ରସାଦ ଦାଶ, ଗୌର ପ୍ରସାଦ ତ୍ରିପାଠୀ, କେ. ଭେଙ୍କଟ ରାଓ , ନରେନ୍ଦ୍ର ପାଣିଗ୍ରାହୀ, ଅଜିତ କୁମାର ସିଂ ପ୍ରମୁଖ ସ୍ୱାକ୍ଷରିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।

## କବିସୂର୍ଯ୍ୟନଗର ବସଷ୍ଟପ କାର୍ଯ୍ୟକ୍ଷମ କେବେ ?



କବିସୂର୍ଯ୍ୟନଗର,୧୨ ଏକ୍ସପ୍ରେସ୍ ନ୍ୟୁଜ୍

କାର୍ଯ୍ୟକ୍ଷମ ହେଇପାରୁନି ବସ ଷ୍ଟପ। ହଟୁନି ଟ୍ରାଫିକ ସମସ୍ୟା। ଏପଟେ ଠିକାଦାରୀକୁ ନେଇ ଚାଲିଛି ଟଣା ଓଟରା। ସେପଟେ ପ୍ରକଳ୍ପ ବାହାନା ଦେଖାଇ ଗଡୁଛି ଦିନ। ଏଠି ନାହାନ୍ତି ସ୍ଥାୟୀ ଅଧିକାରୀ ଏବଂ ନାହାନ୍ତି ଅଧ୍ୟକ୍ଷ। ଇନଚାର୍ଜରେ ରହିଛନ୍ତି ଅଧ୍ୟକ୍ଷ ଓ ଅଧିକାରୀ। ଏତେ ଅବ୍ୟବସ୍ଥା ଭିତରେ ପୁଣି ସମସ୍ୟା ସୃଷ୍ଟି କରୁଛି ରାଜନୈତିକ ଗୋଟିଚାଳନା। ଆମେ କହୁଛୁ କବିସୂର୍ଯ୍ୟନଗର ସହରରେ କାର୍ଯ୍ୟକ୍ଷମ ହେବାକୁଥିବା ବିବାଦୀୟ ନୂଆ ବସ ଷ୍ଟପ ଘଟଣା। ଆରମ୍ଭରୁ ଜାଗା ବିବାଦରେ ଛନ୍ଦି ହୋଇପଡିଥିବା ବସ ଷ୍ଟପ ପ୍ରକଳ୍ପର ଭାଗ୍ୟ ଏବେ ଯାଏଁ ଖୋଲି ପାରୁନି। କାମ ସରିବର ୩ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକ୍ଷମ କରିବାକୁ କାହିଁକି ବିଳମ୍ବ ହେଉଛି ତାହାକୁ ନେଇ ଲୋକଙ୍କ ମନରେ ଅନେକ ପ୍ରଶ୍ନ ? ବିବାଦୀୟ ଜାଗାରେ ଗତ ୨୭ ଡିସେମ୍ବର ୨୦୨୦ରେ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା। ଜାଗାଟି ରାଜ୍ୟ ଅର୍ଥ ବିଭାଗର ହୋଇଥିବାରୁ ସରକାରୀସ୍ତରରେ ଅର୍ଥ ବିଭାଗ ପକ୍ଷରୁ କବିସୂର୍ଯ୍ୟନଗର ଏନଏସିକୁ ହସ୍ତାନ୍ତର ହୋଇନାହିଁ। ଇତି ମଧ୍ୟରେ ଠିକାଦାରୀ ଶାସନ ବ୍ୟବସ୍ଥା ଭିତରେ କର୍ମୀ ସନ୍ତୁଷ୍ଟି କରଣ ପାଇଁ ତରବରିଆ ଭାବେ କାମ ସାରି ୫ ମାର୍ଚ୍ଚ ୨୦୨୩ରେ ବିଜେଡି ରଙ୍ଗ (ସବୁଜ) ଲଗାଇ ତତକାଳୀନ ବିଧାୟିକା ଉଦଘାଟନ କରିଦେଲେ। ତାପରେ ଆଉ କାର୍ଯ୍ୟକ୍ଷମ ହେଲାନାହିଁ। କାରଣ ଖୋଜୁ ଖୋଜୁ ଜଣାପଡିଲା ପ୍ରକଳ୍ପ ନିର୍ମାଣ ହେଲା ହେଲେ ବସ ଯିବାକୁ ରାସ୍ତା ନାହିଁ ଏପଟେ ମନ୍ଦିର ସେପଟେ ଡ୍ରେନ। ପୁଣି ବିବାଦ ସମାଧାନ ହେଲା ମନ୍ଦିର ସ୍ଥାନାନ୍ତର ହେଲା। ଡ୍ରେନ ନିର୍ମାଣ ପାଇଁ ଏନଏସିରେ ଯନ୍ତ୍ରୀ ନାହାନ୍ତି। ଏବେ ଯନ୍ତ୍ରୀ ଅଛନ୍ତି। ହେଲେ କାମ କରିବାକୁ ଅନୁମତି ନାହିଁ। ଯାହା କୁହାଯାଇଛି ବିଜେଡି ଅମଳରେ ଥିବା। ଅଧୁରା କାର୍ଯ୍ୟକୁ ସରକାର ବଦଳିବା ପରେ ଠିକା କାମକୁ ନେଇ ଚାଲିଛି ଛକା ପଞ୍ଝା। ଗୋଟିଏ ପଟେ ବିଜେଡି ନେତୃତ୍ୱାଧୀନ ଏନଏସି ଏପଟେ ସରକାରରେ ଥାଇ ବିଜେପି ବିଧାୟକଙ୍କ ସମର୍ଥକ ଉଭୟ ପକ୍ଷରୁ କାମ କରିବାକୁ ଗୋଟି ଚାଳନା କରୁଥିବା ଭିତରେ ଅଧିକାରୀ ବିହୀନ ଏନଏସିରେ ଦେଖାଦେଇଛି ଅଚଳବସ୍ଥା। ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା କାଉନସିଲ ବଡିର ସାଙ୍ଗଠନିକ ସ୍ଥିତି ଦୁର୍ବଳ ପାଇଁ ଅଧିକାରୀଙ୍କ ମନମାନି ନିର୍ବାଚିତ ପ୍ରତିନିଧିଙ୍କ ଅଧିକାର କ୍ଷୁର୍ଣ୍ଣ ହେଉଛି। ଏସବୁ ଭିତରେ ଏବେ ରାଜନୀତି ପଶିଛି। ବିଜେଡି ଶାସନରେ ଥିବା କବିସୂର୍ଯ୍ୟନଗର ଏନଏସିରେ ବିଜେପିର ଗୋଟି ଚାଳନା ପରେ ବସ ଷ୍ଟପ ପ୍ରକଳ୍ପରେ ଏବେ ଶୌଚାଳୟ ଖୋଜା ଚାଲିଛି। ବିନା ଶୌଚାଳୟରେ ବସ ଷ୍ଟପ କିଭଳି କାର୍ଯ୍ୟକ୍ଷମ ହେବ ବୋଲି ପ୍ରଶ୍ନ ଉଠିବା ପରେ, ଶୌଚାଳୟ ନିର୍ମାଣ କରିବାକୁ କାର୍ଯ୍ୟାଦେଶ ପାଇଁ ଚାଲିଛି ଟଣା ଓଟରା। ହେଲେ ବିବାଦୀୟ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାରେ କବିସୂର୍ଯ୍ୟନଗରବାସୀଙ୍କ ଭୁଲ କେଉଁଠି ରହିଲା ? କୁହାଯାଉଛି ଯେ କବିସୂର୍ଯ୍ୟନଗରରେ ଏବେ ସ୍ୱାଭିମାନୀ ଏବଂ ବେଇମାନି ଲଢେଇ ଭିତରେ ଅଟକିଯାଇଛି ବସଷ୍ଟପ୍ ପ୍ରକଳ୍ପ। ଆଉ କେତେ ଦିନ ଲାଗିବ କାର୍ଯ୍ୟକ୍ଷମ ପାଇଁ ଲୋକଙ୍କ ପ୍ରଶ୍ନର ଉତ୍ତର ଏବେ ବିଜେଡି ବିଜେପି ଦେଇପାରୁନାହାନ୍ତି।

ଅପରାଧିକ ଘଟଣା, ଏଭଳିକି ଦୁଷ୍କର୍ମ ଘଟଣାରେ ମଧ୍ୟ ନାବାଳକମାନଙ୍କର ସଂଶ୍ଳିଷ୍ଟତା ରହୁଛି । ଏ ଦିଗରେ ବାପା-ମା ଏବଂ ଶିକ୍ଷକ ଉଭୟେ ଯତ୍ନବାନ ହେବା ସମୟ ଆସିଛି । ସ୍ମାର୍ଟ ଫୋନ ହିଁ ପିଲାଙ୍କୁ ଅଧିକ ବିପଦଗାମୀ କରୁଛି, ଯାହା ଏବେ ପାଠପଢ଼ାର ଏକ ଅଂଶ ପାଲଟିଛି । ତେଣୁ ବାପା-ମା ଏବଂ ଶିକ୍ଷକମାନେ ସେମାନଙ୍କ ଉପରେ ନଜର ନରଖିଲେ ଆଗକୁ ସମସ୍ୟା ଅଣାୟତ ହୋଇପାରେ !

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨ ଫେବୃଆରୀ, ୨୦୨୬ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍

# ମଣିଷ ତିଆରି କରିପାରୁନି ଆଜିର ଶିକ୍ଷା

ବିଦ୍ୟାଳୟସ୍ତରରୁ ହିଁ ଭଲ ମଣିଷ ହେବାର ମୂଳଦୂଆ ପଡିଥାଏ । ଶିକ୍ଷକମାନେ ପକାଇଥାନ୍ତି । ସତ୍ୟବାଦୀଠାରେ ଥିବା ଗୋପବନ୍ଧୁଙ୍କ ଆଦର୍ଶ ବନବିଦ୍ୟାଳୟରେ ପଢିବାର ସୁଯୋଗ ଯେଉଁମାନେ ପାଇଛନ୍ତି ସେମାନେ ସମସ୍ତେ ଜଣେ ଜଣେ ଆଦର୍ଶ-ମୂଲ୍ୟବୋଧୀ ମଣିଷର ପରିଚୟରେ ଆଜି ପରିଚିତ । ଓଡ଼ିଶାର ଗର୍ବ ଏବଂ ଗୌରବ ସେମାନେ । ଠିକ୍ ସେହିଭଳି ରବୀନ୍ଦ୍ର ନାଥଙ୍କ ଶାନ୍ତି ନିକେତନରେ ଯେଉଁମାନେ ପଢିଛନ୍ତି-ଏବଂ ସେଇ ପାଣିପବନରେ ବଢିଛନ୍ତି ସେମାନେ ମଧ୍ୟ ସେଇ ଛାଞ୍ଚରେ ଗଢି ହୋଇଛନ୍ତି । ତେଣୁ ବିଦ୍ୟାଳୟ ଏବଂ ଶିକ୍ଷକମାନେ ହିଁ ମଣିଷ ଗଢନ୍ତି । ଏଥିସହିତ ବାପା-ମା ଏବଂ ପରିବାରର ପ୍ରଭାବ ମଧ୍ୟ ପିଲାଙ୍କ ଉପରେ ପଡିଥାଏ ।

ଆଜିକାଲି ନୈତିକ ଶିକ୍ଷାର ଅଭାବ ରହିଛି ବିଦ୍ୟାଳୟସ୍ତରରେ । ଯଦି ଶିକ୍ଷକମାନେ ନୀତିନିଷ୍ଠ ଏବଂ ମୂଲ୍ୟବୋଧୀ ହେଉଥାନ୍ତେ ତାହାଲେ ମଧ୍ୟ ପିଲାଙ୍କ ଉପରେ ଏହାର ପ୍ରଭାବ ନିଶ୍ଚେ ପଡନ୍ତା, ପଢା ବହିରେ ଏକଥା ଲେଖା ନଥିଲେ ମଧ୍ୟ । ବହିରେ ଲେଖାଥିବା ନୀତି ଆଦର୍ଶର ପ୍ରଭାବ ପିଲାଙ୍କ ଉପରେ ଯେତେ ନପଡ଼େ ଶିକ୍ଷକଙ୍କ ଆଚରଣ ତାହାଠାରୁ ଅଧିକ ପ୍ରଭାବିତ କରିପାରେ ପିଲାଙ୍କୁ । ପିଲାବେଳେ ସେମାନେ ବଡଙ୍କ ପରି ହେବାକୁ ଚେଷ୍ଟା କରନ୍ତି, ଏକଥା ମନସ୍ତତ୍ତ୍ୱ ବିଜ୍ଞାନ କହେ । ତେଣୁ ଏଠି ପ୍ରଶ୍ନ ଉଠୁଛି ଆଜିର ଶିକ୍ଷକମାନେ ପିଲାଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ନିଜ ଆଚରଣ ଏବଂ ଉଚ୍ଚାରଣରେ । କିଛି ମୂଲ୍ୟବୋଧୀ ଶିକ୍ଷକ ଯେ ଅଛନ୍ତି- ଏକଥାକୁ ଅସ୍ୱୀକାର କରିହେବନି, କିନ୍ତୁ ସେମାନଙ୍କ ସଂଖ୍ୟା ଖୁବ୍ କମ୍ ।

ମୁଁ ଆମ ସ୍କୁଲ ପଢା ସମୟର କଥା କହୁଛି । ବେଶିଦିନ ତଳର କଥା ନୁହେଁ । ମୁଁ ସେତେଟା ପୁରୁଣା ଜମାନାର ମଣିଷ ବି ନୁହେଁ ।

ଆମ ସ୍କୁଲର ଜଣେ ଅଧେ ଶିକ୍ଷକ ସେତେବେଳେ ସିଗାରେଟ ଟାଣୁଥିଲେ । କିନ୍ତୁ ଦୈବାତ ଯଦି ବାହାରେ କେଉଁଠି ଛାତ୍ରଟିଏ ସାର୍‌ଙ୍କୁ ସିଗାରେଟ୍ ଟାଣୁଥିବାର ଦେଖିଦେଉଥିଲା ସାର୍ ଜଣକ ସାଙ୍ଗେ ସାଙ୍ଗେ ସିଗାରେଟ୍ ଲୁଚାଇ ଦେଉଥିଲେ ପଛପଟେ । ଏକ ଅପରାଧବୋଧ ତାଙ୍କୁ ଲଜ୍ଜିତ କରୁଥିଲା ନିଶ୍ଚେ । ଆଜିକାଲିକା ଶିକ୍ଷକ, ଅଧ୍ୟାପକ ଏବଂ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକମାନେ ମଧ୍ୟ ମଦ୍ୟପାନ କରି ଶିକ୍ଷାନୁଷ୍ଠାନକୁ ଆସୁଥିବାର ଖବର ଆଖିରେ ପଡୁଛି ।

ଏତେକଥା କହିବାର ଅସଲ ଉଦ୍ଦେଶ୍ୟ ହେଲା- ଏଇ ନିକଟରେ ଏଇଭଳି କିଛି ଖବର ପ୍ରକାଶ ପାଇଛି ଯାହା ଆଗାମୀ ଦିନ ପାଇଁ ଖୁବ୍ ବିପଜ୍ଜନକ ଏବଂ ଚିନ୍ତାଜନକ ମଧ୍ୟ । ଛୋଟ ଛୋଟ ସ୍କୁଲ ପିଲାମାନେ ମଧ୍ୟ ଅପରାଧ ପ୍ରବଣ ହେଉଛନ୍ତି । ସେମାନେ ବନ୍ଧୁକ ଏବଂ ଛୁରୀର ବ୍ୟବହାର କରୁଛନ୍ତି ଅପରାଧ ଘଟାଇବା ପାଇଁ ।

ଦୁଇଦିନ ତଳେ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଶ୍ରୀଜଙ୍ଗ ହାଇସ୍କୁଲରେ ଜଣେ ୮ମ ଶ୍ରେଣୀର ଛାତ୍ରଙ୍କ ବ୍ୟାଗରୁ ବନ୍ଧୁକ ମିଳିବା ଘଟଣାକୁ ନେଇ ଚର୍ଚ୍ଚା ଥମିନଥିବା ବେଳେ ଗତକାଲି ରେମୁଣା ହାଇସ୍କୁଲରେ ଏକ ଛାତିଥରା ଘଟଣା ଘଟିଛି । ପ୍ରେମଜନିତ କାରଣରୁ ଜଣେ ୯ମ ଶ୍ରେଣୀ ଛାତ୍ରଙ୍କୁ ଖଣ୍ଡାରେ ହାଣିଛି ୧୦ମ ଶ୍ରେଣୀ ଛାତ୍ର ।

ଅପରାଧିକ ଘଟଣା, ଏଭଳିକି ଦୁଷ୍କର୍ମ ଘଟଣାରେ ମଧ୍ୟ ନାବାଳକମାନଙ୍କର ସଂଶ୍ଳିଷ୍ଟତା ରହୁଛି । ଏ ଦିଗରେ ବାପା-ମା ଏବଂ ଶିକ୍ଷକ ଉଭୟେ ଯତ୍ନବାନ ହେବା ସମୟ ଆସିଛି । ସ୍ମାର୍ଟ ଫୋନ ହିଁ ପିଲାଙ୍କୁ ଅଧିକ ବିପଦଗାମୀ କରୁଛି, ଯାହା ଏବେ ପାଠପଢାର ଏକ ଅଂଶ ପାଲଟିଛି । ତେଣୁ ବାପା-ମା ଏବଂ ଶିକ୍ଷକମାନେ ସେମାନଙ୍କ ଉପରେ ନଜର ନରଖିଲେ ଆଗକୁ ସମସ୍ୟା ଅଣାୟତ ହୋଇପାରେ !

# ଏଥିରୁ ଆମକୁ କ'ଣ ମିଳୁଛି



ମୋ' କାନ ଉଠିବା ଦିନୁ ମୁଁ କେବେ ଶୁଣିନଥିଲି ଜାନୁଆରୀ ମାସରେ ପରିବା ଦର କିଲୋ ପିଛା ୭୦-୮୦ ଟଙ୍କା ହୁଏ । ତଥାପି ଲୋକେ ଆନନ୍ଦ ମନରେ କିଣୁଛନ୍ତି । ଖାଲି ପରିବା ନୁହେଁ, ସବୁ ଜିନିଷର ଏବେ ଚଢ଼ା ଦର । ମୋର ଜଣେ ପରିଚିତ ବ୍ୟକ୍ତି ସେଦିନ କହୁଥିଲେ- ତାଙ୍କ ସ୍ତ୍ରୀଙ୍କ ଜୀବନରକ୍ଷାକାରୀ ଔଷଧର ଦାମ୍ ବର୍ଷେ ତଳେ ଥିଲା ୬୦୦ ଟଙ୍କା ବର୍ତ୍ତମାନ ୯୭୫ । ଉପାୟ ନାହିଁ! ଔଷଧ ନକିଣିଲେ ହୁଏତ କାଠଗଣ୍ଡି ଆଉ ବାଉଁଶ କିଣିବାକୁ ପଡ଼ିବ !

ତଥାପି ସମସ୍ତେ ନିର୍ବିକାର । ଏହାର ଅନ୍ୟତମ ନିର୍ଭରଯୋଗ୍ୟ କାରଣ ଭାରତୀୟଙ୍କ ରକ୍ତରେ ପ୍ରତିବାଦ କରିବାର ଉପାଦାନ ଅପେକ୍ଷାକୃତ କମ୍ । କାଳେ ମଣିଷ ଅଡୁଆରେ ପଡ଼ିଯିବ ଏଇ ଆଶଙ୍କାର ପ୍ରତିବାଦ ବଦଳରେ ତତ୍‌କ୍ଷଣାତ୍ ତୁଣ୍ଡରୁ ବାହାରିପଡ଼େ- ଏଥିରୁ ଆମକୁ କ'ଣ ମିଳୁଛି? ଏତେ ଲୋକ ଅଛନ୍ତି କେହି ତ କହୁନାହାନ୍ତି, ମୁଁ କହିକି ବିପଦ ମୁଣ୍ଡେଇବି କାହିଁକି? ଏଥିସହିତ ଆମର ବାରଶହ ବର୍ଷର ଗୋଲାମୀ ଜୀବନ । ନବମ ଶତାବ୍ଦୀରୁ ଭାରତ ବିଦେଶାଗତ ଶାସକଙ୍କ ଦ୍ୱାରା କବଳିତ ହେବାର ଇତିହାସ ରହିଛି । ଏହାର ହଜାରେ ବର୍ଷ ପରେ ପ୍ରତିବାଦର ମଞ୍ଜି ବୁଣା ହେଲା ୧୮୫୭ରେ । ନବେ ବର୍ଷ ପରେ ୧୯୪୭ରେ ଫଳ ଫଳିଲା । ତେବେ ଦୁର୍ଭାଗ୍ୟର କଥା ଯେଉଁମାନେ ମଞ୍ଜି ବୁଣିଥିଲେ ସେମାନେ ଫଳର ସ୍ୱାଦ ଚାଖିପାରିଲେ ନାହିଁ ।

ସଂଗ୍ରାମ କହିଲେ ଅନେକେ ବୁଝନ୍ତି ଭଜନ, ଜଣାଣ ମାଧ୍ୟମରେ ପ୍ରତିବାଦ । ଆମର ସବୁଠୁ ବଡ଼ ଯୁଦ୍ଧ ହେଲା ମହାଭାରତ ଯୁଦ୍ଧ । ଏ ଯୁଦ୍ଧରେ ଅନେକ ନୀତି ନୈତିକତା ଏବଂ ବୀରତ୍ୱର କାହାଣୀ । ହେଲେ ଏ ଯୁଦ୍ଧ କିଏ କାହା ବିରୋଧରେ ଲଢ଼ିଥିଲା? ଗୋଟିଏ ଭାଇର ୫ଜଣ ପୁଅ ଆର ଭାଇର ୧୦୦ ପୁଅକୁ ମାରି ଭଉଣୀକୁ ବିଧବା କରି ସମ୍ପତ୍ତି ଦଖଲ କରିଥିଲେ । ତେଣୁ ଶତ୍ରୁ କଥା ଭାବିଲେ ଆମ ଆଖିଆଗରେ ଭାଇର ମୁହଁ ଭାସିଉଠେ!

ଛାଡ଼ନ୍ତୁ ଏ ସମ୍ପର୍କରେ ବେଶି କହିଲେ ମୋ' ଚଉଦପୁରୁଷ ଉଦ୍ଧାର କରିବେ । ସେ ଆଲୋଚନା ନ କରି ଆସନ୍ତୁ ଗୋଟିଏ ପୁରୁଣା ଗପ ଶୁଣିବା ।

ବିଶିଷ୍ଟ ଶ୍ରମିକ ନେତା ସାମ୍ୟବାବୁ ମେଣ୍ଢାଟିଏ ପୋଷିଥିଲେ । ନାଁ- ଚେତକ । ଚେତକ ଦିନେ ଦେଖିଲା ସାମ୍ୟବାବୁ ଯେଉଁ ସ୍ୱେଟର ପିନ୍ଧିଛନ୍ତି ସେଥିରେ ମେଣ୍ଢା ଚିତ୍ର ଅଛି । ସେ କୌତୁହଳ ରୋକିନପାରି ସାମ୍ୟବାବୁଙ୍କୁ ପଚାରିଲା- ଆଜ୍ଞା, ଆପଣଙ୍କ ସ୍ୱେଟରରେ ମେଣ୍ଢା ଚିତ୍ର କାହିଁକି ଅଛି?

ସାମ୍ୟବାବୁ ଅଳ୍ପ ହସି କହିଲେ- ଏଇଟା ମେଣ୍ଢା ଲୋମରେ ତିଆରି ତ ତେଣୁ ମେଣ୍ଢା ଚିତ୍ର ରହିଛି ।

ସାମ୍ୟବାବୁଙ୍କ କଥା ଶୁଣି ଚେତକ ଶରୀରର ବହଳିଆ ଲୋମ ଟାଙ୍କୁରି ଉଠିଲା । ସିଏ ଛେପଢ଼ୋକି ପଚାରିଲା- ସାର୍ ମୋ' ଲୋମତକ ଆଉ ଆପଣ...

ଚେତକର ବାକ୍ୟ ପୂରଣ ହେବା ପୂର୍ବରୁ ସାମ୍ୟବାବୁ ଜୋରରେ ହସି କହିଲେ- ପାଗଳା, ତୋ' ଦେହରୁ ଲୋମ କାଟିନେଲେ ତୋ' ପାଇଁ ସ୍ୱେଟରଟିଏ କିଣିବାକୁ ପଡ଼ିବ ନା ନାହିଁ?

ଚେତକ ଆଶ୍ୱସ୍ତ ହେଲା । ତେବେ ଗୋଟିଏ କଥା ତାକୁ ଭୀଷଣ ଚିନ୍ତାରେ ପକାଇଲା । ଏ ଶୀତରେ ତା' ଜାତିଭାଇଙ୍କ ଅବସ୍ଥା ନିଶ୍ଚେ ଦୟନୀୟ ହୋଇଥିବ ! ସେମାନେ ଶୀତରେ ଥରୁଥିବେ ! ନା' ସେମାନଙ୍କୁ ଏ ଶୋଷଣରୁ ମୁକୁଳେଇବାକୁ ପଡ଼ିବ ।

ଚେତକ ସେଇ ମୁହୂର୍ତ୍ତରେ ଏଇ ଶୋଷଣ ବିରୋଧରେ ସଂଗ୍ରାମ କରିବା ପାଇଁ ଶପଥ ନେଲା । ସାମ୍ୟବାବୁଙ୍କର ବଜ୍ରକଠିନ ଭାଷଣ ତା'ର ମନେପଡ଼ିଗଲା । ତା' ନିର୍ଲୋମ ମେଣ୍ଢାଭାଇଙ୍କ ପାଇଁ ତା'ର ବିପ୍ଳବୀ ପ୍ରାଣ କ୍ରନ୍ଦନ କରିବାକୁ ଲାଗିଲା । ପରିଣତି ସ୍ୱରୂପ ଦିନେ ସୁବିଧା ଦେଖି ଚେତକ ସେଇ ମେଣ୍ଢାଚିତ୍ର ଥିବା ରଙ୍ଗିନ ସ୍ୱେଟରଟା ନେଇ ଘରୁ ଚମ୍ପଟ ମାରିଲା । କିଛିବାଟ ଆସିବା ପରେ ଗୋଟେ ଗଛମୂଳରେ ବସି ସେଇ ସ୍ୱେଟରଟାକୁ ନିରେଖି ଚାହିଁବା ପରେ କ୍ରୋଧରେ ତା' ଶରୀର ପିଙ୍ଗଳବର୍ଣ୍ଣ ଧାରଣ କଲା ଏବଂ ସେଇ ମୁହୂର୍ତ୍ତରେ ସେ ସ୍ଥିର କରିନେଲା ତା'ର ପରବର୍ତ୍ତୀ କାର୍ଯ୍ୟପନ୍ଥା ।

ଚେତକ ଆସି ପହଞ୍ଚିଲା ମେଣ୍ଢାଙ୍କ ଲୋମ କଟାହେଉଥିବା ସ୍ଥାନରେ । ଶହ ଶହ ମେଣ୍ଢାଙ୍କ ଲୋମକଟା ଚାଲିଥାଏ ସେଠି । ଗୋଟିଏ ଟୋକା ମେଣ୍ଢା ଖାଲି ଛାଟିପିଟି ହେଉଥାଏ । ଲୋମକଟା ପାଇଁ ଆଦୌ ମଙ୍ଗୁନଥାଏ । ଚେତକ ଭାବିଲା ସୁବିଧା ଦେଖି ଯାକୁ ବୁଝାଇପାରିଲେ ଫାଇଦା ।

ଲୋମକଟା ସରିବା ପରେ ଚେତକ ସତର୍କତାର ସହ ଟୋକା ମେଣ୍ଢା ପାଖକୁ ଗଲା । ସେତେବେଳକୁ ସିଏ ଖାଲି ରାଗରେ ଫଁ ଫଁ ହେଉଥାଏ । ଚେତକ ତା'ର ଏକ୍‌ଦମ ପାଖକୁ ଯାଇ ଧୀର ସ୍ୱରରେ ପଚାରିଲା- ଭାଇ, ତମମାନଙ୍କର ଲୋମ କାଟି ନେଉଛନ୍ତି ତଥାପି ତମେ କିଛି କହୁନ?

ଟୋକା ମେଣ୍ଢା ଅସହାୟ କଣ୍ଠରେ କହିଲା- ମୁଁ ଅନେକଥର ଏ ବିଷୟରେ ସମସ୍ତଙ୍କୁ କହିଛି, ହେଲେ କେହି ମୋ' କଥାର ଗୁରୁତ୍ୱ ଦେଇନାହାନ୍ତି ।

ଚେତକ ଟୋକାଟାକୁ କହିଲା- ଶୁଣ, ମୁଁ ଏବେ ଯାଉଛି । ଆଜି ରାତିରେ ପାଖ ପଡ଼ିଆରେ ସମସ୍ତଙ୍କୁ ଏକାଠି ହେବାକୁ କହିବ । ମୁଁ ସେଠି ତମମାନଙ୍କୁ ଗୋଟେ ବଢ଼ିଆ ଜିନିଷ ଦେଖାଇବି ।

ସେଦିନ ରାତିରେ ସବୁ ନିର୍ଲୋମ ମେଣ୍ଢା ପଡ଼ିଆରେ ଏକାଠି ହେଲେ । ଚେତକ ପୂର୍ବ ନିର୍ଦ୍ଧାରିତ ସମୟରେ ପହଞ୍ଚି ତା' ଝୁଲା ବ୍ୟାଗ୍‌ରୁ ସାମ୍ୟବାବୁଙ୍କ ସ୍ୱେଟରଟା ବାହାର କରି ସମସ୍ତଙ୍କୁ ଦେଖାଇ ପାରିଲା- ଭାଇ ଓ ଭଉଣୀମାନେ, ମୋ' ହାତରେ ଥିବା ଏ ଜିନିଷ କ'ଣ ଆପଣମାନେ ଜାଣନ୍ତି?

ସମସ୍ତେ ମୁଣ୍ଡ ହଲାଇ ଜାଣିନାହୁଁ ବୋଲି କହିଲେ ।

ଚେତକ ପୁଣି ପଚାରିଲା- ଏଇଟା କୋଉଥିରେ ତିଆରି ଆପଣମାନେ ଜାଣନ୍ତି?

ସମବେତ ମେଣ୍ଢା କହିଲେ- ଆମକୁ ଜଣାନାହିଁ ।

ଏଥର ଚେତକ ସ୍ୱେଟରଟା ହାତରେ ଧରି ଗଳାକୁ ଝାଡ଼ି ସାମ୍ୟବାବୁଙ୍କ ଷ୍ଟାଇଲ୍‌ରେ ଭାଷଣ ଆରମ୍ଭ କଲା- ଭାଇ ଓ ଭଉଣୀମାନେ, ଏଇଟାକୁ କୁହନ୍ତି ସ୍ୱେଟର । ଏଇଟା ତିଆରି ହୋଇଛି ଆପଣମାନଙ୍କ ଲୋମରେ ।

ଏଁ...! ସମସ୍ତଙ୍କ ଡୋଳା ଆହୁରି ବଡ଼ ହୋଇଗଲା । ଏହାପରେ ସଭାସ୍ଥଳରେ ଅଖଣ୍ଡ ନୀରବତା । ଚେତକ ନୀରବତା ଭଙ୍ଗ କରି ପୁଣି ଆରମ୍ଭ କଲା- ହଁ ହଁ, ଏଇ ରଙ୍ଗିନ ସ୍ୱେଟରଟା ଆପଣମାନଙ୍କ ଲୋମରେ ତିଆରି ହୋଇଛି । ଏଇଟାକୁ ପିନ୍ଧିଲେ ଶୀତରୁ ରକ୍ଷା ମିଳେ ।

ଜଣେ କିଏ ଆଗଚଲା ଟୋକା ପଚାରିଲା- ଆଚ୍ଛା ମହାଶୟ, ଏଇଟା ଆମ ଲୋମରେ ତିଆରି ହୋଇଛି ବୋଲି ପ୍ରମାଣ କ'ଣ?

ଚେତକ ସ୍ୱେଟରର ବେକପାଖରେ ଲାଗିଥିବା ଛୋଟ ମେଣ୍ଢା ଷ୍ଟିକରଟି ଦେଖାଇଦେବାରୁ ଉପସ୍ଥିତ ଜନତା ଭୟରେ ଶିହରି ଉଠିଲେ ।

ଏହା ହିଁ ମଉକା । ଚେତକ ହାତକୁ ମୁଠା କରି ଆରମ୍ଭ କଲା- ଭାଇ ଓ ଭଉଣୀମାନେ, ଭଗବାନ ଆପଣମାନଙ୍କ ଦେହରେ ଲୋମ ଦେଇଛନ୍ତି ଶୀତ ଦାଉରୁ ରକ୍ଷା ପାଇବା ପାଇଁ । କିନ୍ତୁ ଭାଗ୍ୟର କି ବିଡମ୍ବନା ଦେଖନ୍ତୁ ସେଇ ଲୋମ କାଟି ନେଇ ସେଥିରେ ତିଆରି ହେଉଛି ରଙ୍ଗିନ ସ୍ୱେଟର! ଏହି ସ୍ୱେଟରକୁ ପିନ୍ଧି ଅନ୍ୟମାନେ ଶୀତ ପ୍ରକୋପରୁ ରକ୍ଷା ପାଉଥିବା ବେଳେ ଆପଣଙ୍କ ନିର୍ଲୋମ ଦେହ ଉପରେ ଚାଲିଛି ଥଣ୍ଡାର ତାଣ୍ଡବ ନୃତ୍ୟ । ଏସବୁ ଶୋଷଣ ଛଡ଼ା ଆଉ କ'ଣ? ନା ନା ନା ଆଉ ନୁହେଁ, ଯେତିକି ହେଲା ସେତିକି । ଆପଣମାନଙ୍କୁ ଏହାର ପ୍ରତିବାଦ କରିବାକୁ ପଡ଼ିବ । ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ହେବ । ଏଥିପାଇଁ ଆନ୍ଦୋଳନ ଲୋଡ଼ା ।

ପୂର୍ବରୁ ଶ୍ରୋତାଙ୍କ ଭିତରେ ପଦ୍ମାସନରେ ବସିଥିବା ବୁଢ଼ା ମେଣ୍ଢାଟିଏ ବାହାରି ନରମ ସ୍ୱରରେ କହିଲା- ପୁଅ, ଏତେ ଜୀବଜନ୍ତୁ ଥାଉ ଥାଉ ଭଗବାନ ଆମ ଦେହରେ ଏ ଲୋମ ଦେଇଛନ୍ତି କାହିଁକି? ଏଇଥିପାଇଁ ଯେ, ତାକୁ ନେଇ ଲୋକେ ଅନ୍ୟ କାମରେ ଲଗାନ୍ତୁ । ତା'ଛଡ଼ା ଲୋମ କାଟିଲେ ଆମକୁ ତ କଷ୍ଟ ହେଉନି ନା ! ବରଂ ପରୋପକାରରେ ଯଦି ଏଇଟା ଲାଗେ ତେବେ ଆମ ସ୍ଥାନ ସ୍ୱର୍ଗରେ ।

ବୁଢ଼ାର ଏ ଦାୟିତ୍ୱହୀନ ମନ୍ତବ୍ୟ ଶୁଣି ଚେତକର ରକ୍ତ ଟକମକ ହୋଇ ଫୁଟିବାକୁ ଲାଗିଲା । ସେ ଉତ୍ତେଜିତ ପଚାରିଲା- ପରୋପକାର? ଆପଣମାନେ ଜାଣନ୍ତି, ଆପଣଙ୍କ ଲୋମକୁ ଲୋକେ କଣ୍ଟାରେ ବୁଣି କେତେ ରଙ୍ଗ ବେରଙ୍ଗ ଡିଜାଇନ୍ କରି ପିନ୍ଧୁଛନ୍ତି? ସେସବୁ ଦେଖିଲେ ରକ୍ତରେ ନିଆଁ ଲାଗିଯିବ । ଆପଣମାନଙ୍କ ଭିତରୁ କିଏ ଦୁଇଜଣ ମୋ' ସହିତ ସହରକୁ ଚାଲନ୍ତି । ମୁଁ ଦେଖାଇଦେବି ଆପଣମାନଙ୍କ ଲୋମରେ କେମିତି ସବୁ ପୋଷାକ ତିଆରି ହୋଇଛି । ଆପଣମାନେ ଶୀତରେ ଏଠି ଥରିବେ, ଆଉ ସେମାନେ ଫ୍ୟାସନ କରି ବୁଲିବେ? ନା, ନା, ଇଏ ଚଳିବ ନାହିଁ, ଚଳିବ ନାହିଁ । ଯଦି ଚଳିବ?

ଦୁଇ ଚାରିଟା ଉତ୍ସାହି ମେଣ୍ଢା ସ୍ଲୋଗାନ ଦେଲେ- ନିଆଁ ଜଳିବରେ ନିଆଁ ଜଳିବ... ।

ପରଦିନ ହଳେ ନିର୍ଲୋମ ମେଣ୍ଢା ଦମ୍ପତି ଚେତକ ସହିତ ସହରକୁ ଆସିଲେ । ସହରରେ ପହଞ୍ଚିଲା ବେଳେକୁ ବେଳ ରତ ରତ । ଚାରିଆଡ଼ ଉଜ୍ଜ୍ୱଳ ଆଲୁଅରେ ଚମକୁଥାଏ । ସେଇ ଆଲୁଅରେ ନିର୍ଲୋମ ମେଣ୍ଢା ଦମ୍ପତିଙ୍କୁ ଚେତକ ଦେଖାଇଦେଲା ରଙ୍ଗ ବେରଙ୍ଗ ସ୍ୱେଟର ପିନ୍ଧି କେମିତି ଶହ ଶହ ଲୋକ ଆତଯାତ ହେଉଛନ୍ତି ।

ତେବେ ମେଣ୍ଢା ଦମ୍ପତି କିନ୍ତୁ ଏ ଦୃଶ୍ୟ ଦେଖି ଖୁସିରେ କୁରୁଳି ଉଠିଲେ । ଇସ୍ କି ସୁନ୍ଦର ଡିଜାଇନ୍ ! ପତ୍ନୀ ମେଣ୍ଢା ରୋମାଞ୍ଚିତା ହୋଇ ସ୍ୱାମୀକୁ କହିଲା- ପ୍ରିୟତମ, ଏଥର ତମ ଦେହରେ ବାଳ ଉଠୁ ତାକୁ ମୁଁ କଣ୍ଟାରେ ବୁଣି ଏମିତି ଡିଜାଇନ୍ କରିଦେବି ।

ମେଣ୍ଢୀର କଥା ଶୁଣି ଚେତକ ରାଗ ଜର୍ଜରିତ ସ୍ୱରରେ କହିଲା -ଆପଣମାନଙ୍କ ଜୀବନକୁ ଧିକ୍ ! ଏସବୁ ଦେଖି କିଛି ପ୍ରତିକ୍ରିୟା ହେଉନାହିଁ?

ମେଣ୍ଢା ଦମ୍ପତି ଉଦ୍‌ବେଳିତ ହୋଇ କହିଲେ- ଯାହାବି କୁହ ଚେତକ ଭାଇ, ଆମ ଲୋମ ଯାଙ୍କୁ ଯେମିତି ମାନୁଛି ଆମକୁ କ'ଣ ସେମିତି ମାନେ? ଏଗୁଡ଼ା ତାଙ୍କରି ପାଇଁ । ଆମେ ଅଯଥା କାହିଁକି କନ୍ଦଳ କରିବା !

ସେତେବେଳକୁ ଶୀତର ପ୍ରକୋପ ବଢ଼ିଗଲାଣି । ଚେତକର କାନରେ ବାଜିଲା- ସ୍ତ୍ରୀ ମେଣ୍ଢାର ଥରିଲା କଣ୍ଠର କିଛି କଥା । ସିଏ ତା' ସ୍ୱାମୀକୁ କହୁଥାଏ- ପ୍ରିୟତମ ଶୀତରେ ମୋ' ଦେହ ଥରିଲାଣି । ଆଉ ଏଠି ରହିହେବନି । ଚାଲ ଆମ ଜାଗାକୁ ଫେରିଯିବା ।

ଚେତକ କ'ଣ କରିବ ବୁଝିପାରୁନଥାଏ । ତା'ର ସେତେବେଳକୁ ଗୋଦାବରୀଶଙ୍କ 'ଉଠ କଙ୍କାଳ' କବିତାଟି ମନେପଡୁଥାଏ । ସେଥିରୁ ପଦୁଟିଏ ଗାଇବ ବୋଲି ଭାବୁଥିଲା । ମାତ୍ର ପରେ ଭାବିଲା ଏମାନେ କୋଉ କଙ୍କାଳ ହୋଇ କି ଅଛନ୍ତି ଯେ ଯାଙ୍କୁ ଉଠେଇ ହେବ । ଏମାନେ ତ ଶଳା ଫସିଲ ହୋଇଗଲେଣି...!!!

## ହଜାରରେ ଠକିଥିଲେ ଲକ୍ଷରେ ଗଣିବ...



ମହାଶୟ,

ଉଧାର ମାଣକ ତିନି ପା । ଆପଣ ସାମାଜିକ ସୁରକ୍ଷା ଉପରେ ଲେଖିଥିବାରୁ ଧନ୍ୟବାଦ ।

**ନୀଳ ମୋହନ ତ୍ରିପାଠୀ,**
ଅବସରପ୍ରାପ୍ତ ପୋଲିସ ଅଧିକାରୀ, ଭୁବନେଶ୍ୱର

ମହାଶୟ,

ଆଲେଖ୍ୟଟି ଅତି ସୁନ୍ଦର ହୋଇଛି ।

**ପ୍ରିୟଦର୍ଶନ ଦାସ**, ନୂଆପଲ୍ଲି, ଭୁବନେଶ୍ୱର

ମହାଶୟ,

ଟେକାଟିଏ ପକାଇଲେ ପଥରଟିଏ ଥୁଆ ପରି ହଜାରେ କ'ଣ ଶହେ ଠକି ଥିଲେ ବି ଡାକ୍ତରଖାନାରେ ଲକ୍ଷ ଲକ୍ଷ ଗଣିବାକୁ ପଡ଼େ । କାରଣ ନିୟତି କାହାର ହାଇ ସହି ପାରେ ନାହିଁ । ଆମ ସମାଜରେ ଏମିତି ଅନେକ ବ୍ୟକ୍ତି ଅଛନ୍ତି, ଭୁଲବଶତଃ କାହାଠାରୁ ଦଶ ଟଙ୍କା ଅଧିକ ନେଇଥିଲେ ଶହେ ଟଙ୍କା ଖର୍ଚ୍ଚ କରି ତାକୁ ଫେରାଇବା ପାଇଁ ଆସନ୍ତି । ଏହାର ବିପରୀତ ମାସକୁ ଲକ୍ଷେ ଟଙ୍କା ଦରମା ପାଉଥିବା ବ୍ୟକ୍ତି କାମ କରିଦେବା ଆଳରେ ଗରିବ ସୁଇପର ଠାରୁ ଶହେ ଟଙ୍କା ଲାଞ୍ଚ ନେବାପାଇଁ କୁଣ୍ଠିତ ହୁଏ ନାହିଁ । ମଣିଷ ଖାଲି ହାତରେ ଆସି ଖାଲି ହାତରେ ଯାଇଥାଏ । ସାଙ୍ଗରେ ସେ ଜୀବନ ସାରା ଅର୍ଜନ କରିଥିବା ଧର୍ମ ବ୍ୟତୀତ ଆଉ କେହି ନଥାନ୍ତି । ଏକଥା ଯେଉଁମାନେ ବୁଝିଥାନ୍ତି ସେମାନେ ସୁନାମୁଣ୍ଡାଟିଏ ବାଟରେ ପଡ଼ିଥିଲେ ବି ତାହା ମୋର ନୁହେଁ କହି ବାଟ ଭାଙ୍ଗି ଚାଲି ଯାଆନ୍ତି । ଯେଉଁମାନେ ଜାଣି ଅଜଣା ରହନ୍ତି ସେମାନେ ହଜାର ହଜାର କୋଟି ଟଙ୍କା ଅସତ୍ ଉପାୟରେ ଅର୍ଜନ କରି କିପରି ଅଭିଶପ୍ତ ଜୀବନଯାପନ କରିଛନ୍ତି ବା କରୁଛନ୍ତି ତାହା ଆମେ ନିତି ଦେଖୁଛୁ, ଅଧିକ କହିବା ନିଷ୍ପ୍ରୟୋଜନ ।

**କୈଳାସ ଚନ୍ଦ୍ର ସାମନ୍ତରାୟ**, ଅନ୍ତେଇ,ପାଟକୁରା

# ବେଦାନ୍ତ ବେଦର ସାରତତ୍ତ୍ୱ

■ ଅଜୟ କୁମାର ବେହେରା ■

କାମ, ଜନ୍ମର କାରଣ, କାଳ, ମୃତ୍ୟୁର କାରଣ ରାମ ଜୀବନର ଅଭିଭାବକ । କାମନା ବାସନା ଯୋଗୁଁ ଜନ୍ମ ଲାଭ ହୁଏ ଓ କାହାକୁ ଭ୍ରୁକ୍ଷେପ ନକରି ଅବିରତ ବହି ଯାଉଥିବା କାଳ ଯୋଗୁଁ ଜୀବନର ସୂତ୍ର ଛିନ୍ନ ହୋଇଯାଏ । ଅବିରତ ଭଗବତ ନାମ ସ୍ମରଣ ଦ୍ୱାରା ଜୀବନ ସାର୍ଥକ ହୋଇଥାଏ । ଜୀବନର ଏକ ସଂଗ୍ରାମ, ବିଜୟ ହାସଲ କରିବା ପର୍ଯ୍ୟନ୍ତ ଯୁଦ୍ଧ କରାଯାଇଥାଏ । ବିଜୟ ଲାଭ କରିବାର ଲକ୍ଷ ହିଁ ଆତ୍ମାର ରାଜମୁକୁଟ ଓ ମୋକ୍ଷ ରାଜ୍ୟର ସାର୍ବଭୌମତ୍ୱ । ଏହା ଲାଭ କରାଯାଏ, ବେଦାନ୍ତର୍ଗତ ବିଧି ବିଧାନ ପାଳନ ଦ୍ୱାରା ।

ବେଦାନ୍ତ ବେଦଗୁଡ଼ିକର ସାରତତ୍ତ୍ୱ । କ୍ଷୀରକୁ ଦହି କଲେ ଯାଇ ସେଥିରୁ ଲହୁଣୀକୁ ଅଲଗା କରି ହୁଏ ଯାହାକୁ ଗରମ କଲେ, ଘିଅ ମିଳେ । ଘିଅ ହିଁ କ୍ଷୀରର ସାରତ୍ୱ, ଅନ୍ତିମ ଅବସ୍ଥା । ସେହିପରି ଆତ୍ମମାନଙ୍କର ଅନ୍ତ ହେଉଛି ମୋକ୍ଷ । ଏହି ସଂଗ୍ରାମରେ ବିଜୟ ହାସଲ କରିବା ପାଇଁ ଆମେ ଯେତବେଳେ ଆମ ଇନ୍ଦ୍ରିୟ ଓ ଷଡ଼ ରିପୁମାନଙ୍କ ସହ ପ୍ରସ୍ତୁତି ଆରମ୍ଭ କରିଦେଇଥାଉ, ଆମ ପାଇଁ ଆବଶ୍ୟକ ଶକ୍ତି ଭଗବାନ ଆମକୁ ଦେଇଥାନ୍ତି, କାରଣ ଆମେ ପରା ତାଙ୍କ ଆଡ଼କୁ ଅଗ୍ରସର ହେଉଛୁ । ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ତାଙ୍କ ଆଡ଼କୁ ଆମର ପ୍ରତି ଦଶ ପାହୁଣ୍ଡ ବଦଳରେ ସେ ଆମ ଆଡ଼କୁ ଶହେ ପାଉଣ୍ଡ ଲେଖାଏଁ ଆସିବେ ।'

ମନ ହିଁ ଆମକୁ ସଂସାରରେ ଆବଦ୍ଧ କରି ରଖିଥାଏ । ଯେଉଁଠି ମନର ସା ନାହିଁ, ସେଠାରେ ବନ୍ଧନର ପ୍ରଶ୍ନ ନାହିଁ । ମନ ତାର ଅଜ୍ଞତା ଓ ଅବିମୃଷ୍ୟତା ହେତୁ କଳ୍ପନା କରେ, ଆତ୍ମା ତାର ଦେହ ମଧ୍ୟରେ ଆବଦ୍ଧ ହୋଇ ରହିଛି ଫଳରେ ସେ ଦେଖେ, ଆତ୍ମା ସଂସାର ବନ୍ଧନରେ ପଡ଼ିଛି । ମନ ଦେଖେ, ସେ ଜୀବାତ୍ମା ଠାରୁ ଭିନ୍ନ ନୁହେଁ ସେ ଅନୁଭବ କରେ ଯେ, ଏହି 'ମୁଁ' ଟି ଜୀବାତ୍ମା । ତେଣୁ ସେ ଭାବେ, 'ମୁଁ ବନ୍ଧନରେ ପଡ଼ି ରହିଛି' । ଅହଂବାଦୀ ମନ ହିଁ ସଂସାର-ବନ୍ଧନର ପ୍ରକୃତ କାରଣ । ଯେଉଁ ମନରେ ଅହଂକାର ନାହିଁ, ସେ ମନ ମୋକ୍ଷ ପ୍ରଦାନ କରେ ।

ମୋ. ୯୪୩୭୦୩୧୨୫୩

# ଠକାଠକି କରି ଖାଉଥିବି ଯିଏ ଡାକିଲେ ବି ସାଆନ୍ତ ପରିକା ଯାଉଥିବି



**ଝିଙ୍କି ମହାକାଳି ଚକୁଳି**

**ସମରେନ୍ଦ୍ର ବଳିଆରସିଂହ**

ଆମ ନେତାଏ କହୁଛନ୍ତି, ଓଡ଼ିଶା ହବ ପୂର୍ବଭାରତର ପ୍ରୟୋଗଶାଳା । ପ୍ରୟୋଗଶାଳା ହେଲେ ସାରା ଭାରତରେ ଭାରି ନାଁ କରିବ ଆମ ରାଜ୍ୟ । ହଉ ଭଲ କଥା । ଖୁସିର କଥା । ଗର୍ବର କଥା । ହେଲେ ଆମ ଆଲୋଚନାର ବାଗଟା ଟିକେ ଅଲଗା । କଥା କ'ଣ କି, ପ୍ରୟୋଗଶାଳା ହବାରେ ଆମ ରାଜ୍ୟ ଆଉ ବାକି ନାହିଁ, ବହୁ ବର୍ଷ ତଳୁ ହୋଇ ସାରିଛି । ବେଳୁବେଳ ଆହୁରି ବଢୁଛି । ମହାତ୍ମା ଦୀନକୃଷ୍ଣ ଦାସ 'ଭବିଷ୍ୟ ବଉଳ ଚଉତିଶା'ରେ ଲେଖିଥିଲେ, 'ଠକ ଚତୁର ହୋଇବେ ଧନ ଦେଖିବାରେ, ଠକ ଲୋକଙ୍କୁ ନଚିହ୍ନି ଓଡ଼ିଶା କାଙ୍ଗାଳେ ।' ଠକ ଲୋକଙ୍କୁ ନ ଚିହ୍ନି ସେକାଳେ ସିନା ଓଡ଼ିଶା କାଙ୍ଗାଳ ହେଇଥିଲା, ଏକାଳେ କିନ୍ତୁ ଧନୀ ହେଇଗଲାଣି । ଭରା ମାଲ । ଏବର ଓଡ଼ିଶାରେ ନିତି ପ୍ରତିଦିନ ଠକଙ୍କ ସଂଖ୍ୟା ବଢି ବଢି ଚାଲିଚି । ଗଣମାଧ୍ୟମରେ ଯେତିକି ବାହାରୁଛି, ସିଏ କିଛି ନୁହଁ । ସମୁଦ୍ରକୁ ଶଙ୍ଖେ । ଠକ ଭରିହେଇକି ଅଛନ୍ତି ଉତ୍କର୍ଷ କଳାର ରାଜ୍ୟ ଉତ୍କଳରେ । ସାଂଘାତିକ କଳା ଏ ଠକଙ୍କର । ଖାଇ ପିଇ ହୃଷ୍ଟପୁଷ୍ଟ ହେଇ ବଢୁଛନ୍ତି । କଥାରେ ନାହିଁ, 'ଠକାଠକି କରି ଖାଉଥିବି, ଯିଏ ଡାକିଲେ ବି ସାଆନ୍ତ ପରିକା ଯାଉଥିବି' । ପୂରା ରାଜାଙ୍କ ପରି ଅୟସ । ଗାଡ଼ିଘୋଡା, ଚାଳିଚଳଣରେ କିଛି ଅଭାବ ନାହିଁ ।

ପାଠକବନ୍ଧୁ, କଥାଟା ଏଇ ରକମର । ଆପଣ ଘରେ ବସିଥିବେ, ଆପଣଙ୍କ ଘର ବିକ୍ରି କିମ୍ବା ନିଲାମ ହେଇଯିବ, ଆପଣ ଟେର୍ ପାଇବେନି । ଆପଣ ଘରେ ବସିଥିବେ, ଆପଣଙ୍କ ଘର କିମ୍ବା ଜମି ଉପରେ ଲକ୍ଷ ଲକ୍ଷ କିମ୍ବା କୋଟି କୋଟି ଟଙ୍କାର ଋଣ ହେଇଯାଇଥିବ, ଆପଣ ଟେର୍ ପାଇବେନି । ହଁ ଆଜ୍ଞା, ଏଇ ରକମର ମାମଲାକୁ ନେଇ ଏବେ ଜବର ଝାମେଲା । ବିଶେଷକରି ସ୍ମାର୍ଟସିଟିରେ ଏଇ ରକମର ଠକଙ୍କର ଭାରି ରାଜୁତି । ଖାଲି ସ୍ମାର୍ଟସିଟି ନୁହଁ, ସିଲଭର ସିଟି କଟକ ବି ଏଥିରୁ ବାଦ୍ ଯାଉନି । ଏ ଦୁଇ ନଗରୀରେ ଜାଗା ଅମୂଲ ମୂଲ । ତେଣୁ ଜାଗା ଉପରେ ପୂରା ଶାଗୁଣା ଆଖି । ଆଗରୁ ଏମିତି ହେଉଥିଲା, ଯଦି ଜାଗା ଖାଲି ପଡ଼ିଥିବ କିମ୍ବା ପାଚେରି ହୋଇନଥିବ, ଏମାନେ ସେଠି ଜୋରଜବରଦସ୍ତ ଘର ବନେଇଦେବେ । ମାଲିକ ଆସିଲା ବେଳକୁ ଜାଗା ଜବରଦଖଲ ହେଇସାରିଥିବ । ସାଧାରଣ ଲୋକଟିଏ ହୋଇଥିଲେ ପ୍ରଶାସନ ବା ଥାନା ଫାଣ୍ଡିକୁ ଯାଇ ଖାଲି ହାତରେ ଫେରିବ । କାରଣ ସବୁକିଛି ଗାନ୍ଧୀମୁଣ୍ଡ ଉପରେ ନିର୍ଭରଶୀଳ । ଯୋଉ ଗାନ୍ଧୀ ଅହିଂସାର କଥା କହୁଥିଲେ, ସେଇ ଗାନ୍ଧୀ ହେଉଛନ୍ତି ହୀନିମାନ । ତାଙ୍କରି ମୁଣ୍ଡଛପା ହେଇଥିବା ନୋଟ୍ ନେଇ ଆମ ସରକାରୀ କଳ ଚୁପ୍ ବସିଯିବେ! ତା' ପରେ ଜାଗା ମାଲିକ ଶାଗ, ମାଛ ମୂଲରେ ଠକ, ଟାଉଟରଙ୍କୁ ଜାଗା ସମର୍ପି ଦେବ । ଜାଗା ଦଲାଲ, ମାଫିଆ ଓ ବିଲଡରଙ୍କ ସହର-କଟକ ଓ ଭୁବନେଶ୍ୱର । ଇଏ ଦ୍ୱୈତ ନଗରୀ ନୁହେଁ, ଦୈତ୍ୟ ନଗରୀ । ଏଠି ଅସୁର ପୂରା ଛାଇ ଯାଇଛନ୍ତି । ଆଇନ-ଶୃଙ୍ଖଳା ଆଉ ନାହିଁ ।

ଆଗରୁ ଜଣକର ଜାଗା କାଗଜପତ୍ର ଜାଲିଆତି କରି ଆଉ ଜଣକୁ ବିକ୍ରି କରିଦିଆଯାଉଥିଲା । ଏବେ ବି ସେଇ ରକମର ଚାଲିଛି । ତେବେ ନୂତନ କ୍ରେତା ଆସି ପାଚେରି ବା ଘର କଲାବେଳକୁ ଅସଲ ମାଲିକ ଯଦି ଖବର ପାଇ ପହଞ୍ଚିଗଲେ, ତା' ହେଲେ ମାମଲା ବିଗିଡ଼ିଯାଉଛ । ପୁଲିସ କିମ୍ବା ଅର୍ଥନୈତିକ ଅପରାଧ ଶାଖାରେ ମାମଲା ଦର୍ଜ ହେବା ପରେ କେତେକାଂଶରେ ମାମଲା ଫଇସଲା ହଉଛି ନ ହେଲେ କୋର୍ଟ କଚେରିରେ ମାମଲା ଗଡୁଛି । ତେବେ ଏଥିସହ ଯୋଡ଼ିହୋଇଯାଇଛି ଜମି ଜାଲିଆତିର ନୂଆ ଉପାୟ । ଜମିର ଦଲିଲ ଓ ପଟାକୁ ଜାଲିଆତି କରି ଆଉ ଜଣେ ନକଲି ଜମି ମାଲିକଙ୍କୁ ଛିଡ଼ା କରାଯାଉଛି । ଗତ କିଛିବର୍ଷ ଧରି ଏଭଳି ଘଟଣା ଘଟିଥିବାବେଳେ ସଂପ୍ରତି ଏଭଳି ସାଂଘାତିକ ଜାଲିଆତି ସାମ୍ନାକୁ ଆସିଛି । ଜମିର ମାଲିକ ଜାଣୁନାହାନ୍ତି, ତାଙ୍କ ଅଜାଣତରେ ତାଙ୍କ ନାମରେ ଉଠୁଛି ଲକ୍ଷ ଲକ୍ଷ, କୋଟି କୋଟି ଟଙ୍କାର ଋଣ । କେତେକ କ୍ଷେତ୍ରରେ ନକଲି ଜମି ମାଲିକ ଅସଲି ଜମି ମାଲିକଙ୍କ କାଗଜପତ୍ର ଜାଲ କରି ତାଙ୍କ ନାଁରେ ଉଠାଉଛନ୍ତି ଋଣ । ଆଉ କେତେକ କ୍ଷେତ୍ରରେ ନକଲି ଦଲିଲ ତିଆରି କରାଯାଇ ତାକୁ ବ୍ୟାଙ୍କରେ ବନ୍ଧକ ରଖାଯାଇ ଉଠିଯାଉଛି ଟଙ୍କା । ଶେଷରେ ବ୍ୟାଙ୍କର ନୋଟିସ୍ ଆସିଲାବେଳକୁ ଅସଲି ମାଲିକ ମୁଣ୍ଡରେ ହାତ ଦେଉଛନ୍ତି । ବେଳେବେଳେ ସରଫେଶୀ ନିୟମ ଅନୁଯାୟୀ ଆସୁଥିବା ନୋଟିସକୁ ଲୁଚାଇ ଦିଆଯାଉଛି । ଡେବ୍‌ଟ ରିକୋଭରି ଟ୍ରିବୁନାଲର ହାଜିରା ନୋଟିସ୍‌କୁ ମଧ୍ୟ ଭୁଲ ଠିକଣା ଦେଇ ଗାଏବ୍ କରିବାକୁ ଉଦ୍ୟମ କରିଦିଆଯାଉଛି । ତା' ପରେ ଜମି ନିଲାମ ପାଇଁ ବ୍ୟାଙ୍କ କାମ ଆରମ୍ଭ କରିଦେଉଛି । ଅବସ୍ଥା ଏଭଳି ଯେ, ଆପଣ ଘରେ ବସିଥିବେ, ଅଥଚ ସେହି ଜମି ବା ଘରର ନିଲାମ ବିଜ୍ଞପ୍ତି ଖବରକାଗଜରେ ବାହାରିଥିବ । ଚାରଶୋ ବିଶ୍‌ଙ୍କର ତ ସବୁବେଳେ ଅସାଧୁ ପ୍ରବୃତି, ଅନ୍ୟାୟ ଅନୀତି । ଏସବୁ ଠକଙ୍କର ମତି । ତେବେ ବ୍ୟାଙ୍କ ଅଧିକାରୀଙ୍କ ମତିକୁ କ'ଣ କହିବା? ମୋଟା ଦରମାରେ ଚାକିରି କରୁଥିବା କିଛି ବ୍ୟାଙ୍କ ଅଧିକାରୀମାନଙ୍କ ଯୋଗୁଁ ବିଜୟ ମାଲ୍ୟା, ନୀରବ ମୋଦୀଙ୍କ ଭଳି ଠକ ସୃଷ୍ଟି ହୋଇଛନ୍ତି । ଆମ ଓଡ଼ିଶାରେ ବି ବେଶ୍ କିଛି ଖୁଚୁରା ମାଲ୍ୟା ଓ ମୋଦୀ ମହଜୁଦ୍ ହେଇଗଲେଣି । ବ୍ୟାଙ୍କ ସହ ସଲାସୁତୁରାରେ ଲକ୍ଷ ଲକ୍ଷ, କୋଟି କୋଟି ଟଙ୍କା ଆତ୍ମସାତ୍ ହେଇଚାଲିଛି । ଏଥିରେ ସାମିଲ ଅଛନ୍ତି ରିଅଲ ଇଷ୍ଟେଟ୍ ବେପାରି ଓ ଜମିଦଲାଲ । ମାଲିକଙ୍କ ଅଜାଣତରେ ଜମିକୁ ବନ୍ଧକ ପକାଇ ଚାଲିଛି ଖେଳ । ଭୟ ଓ ଧମକ ଦେଖାଇ ଜମି ହଡ଼ପ ଅପେକ୍ଷା ଏଇଭଳି ଚକ୍ରାନ୍ତ ଓ ଷଡଯନ୍ତ୍ର ଚାଲିଛି । ହାତରେ ନ ମାରି ଭାତରେ ମାରିବା ଭଳି । ବେଶ୍ କିଛି ସରକାରୀ କର୍ମଚାରୀ ବି ଏଥିରେ ସାମିଲ ହୋଇ ମାଲେମାଲ ହେଉଛନ୍ତି । ସବ-ରେଜିଷ୍ଟ୍ରାର ଅଫିସର କିଛି ଅସାଧୁ କର୍ମଚାରୀ, ଓକିଲ, ମୋହରିରଙ୍କ ସହାୟତାରେ ଜାଲ ଦଲିଲ ଓ ପଟା ପ୍ରସ୍ତୁତ ହେଉଛି । ଅନାୟାସରେ ଜମି ବିକ୍ରି ହେଇଯାଉଛି, ବନ୍ଧକ ଚୁକ୍ତିନାମା ବି ହେଇଯାଉଛି । ସବୁକିଛି ଚାଲିଛି ଦିବାଲୋକରେ । ଆଧାର କାର୍ଡ, ପ୍ୟାନ୍ କାର୍ଡ... ମଣିଷ ଚିହ୍ନିବା ପାଇଁ କେତେ ପ୍ରକାର କାର୍ଡ ଆମ ସରକାର କରୁଛନ୍ତି । ବିଭିନ୍ନ ଯୋଜନାର ଲାଭ ପାଇଁ ଏସବୁ କାର୍ଡ ଭାରି କାମରେ ଲାଗୁଛି । ହେଲେ ଠକେଇ ହେଲାବେଳକୁ କାର୍ଡ କୁଆଡ଼େ ଯାଉଛି? ତନଖିରେ ଜାଲି କାର୍ଡ କମିତି ଧରାପଡୁନି?

ସାଧାରଣ କୃଷିଋଣଟେ ଦବାପାଇଁ ବ୍ୟାଙ୍କ କେତେ ଦସ୍ତାବିଜ୍ ମାଗୁଛି, କେତେ ଦସ୍ତଖତ୍ ହେଉଛି ହେଲେ ୫୦ଲକ୍ଷ, କୋଟିଏ ଋଣ ଦେବାପାଇଁ ବ୍ୟାଙ୍କ ସବୁ ଭୁଲିଯାଉଛି । ଦଲିଲ ନକଲି, ପରିଚୟପତ୍ର ନକଲି । ହେଲେ ଋଣ ଅସଲି । ଏଇଭଳି ଉପାୟରେ ଆମ ଅର୍ଥ ବ୍ୟବସ୍ଥାକୁ ବରବାଦ କରୁଛନ୍ତି କିଛି ଠକ, ଦଲାଲ, ଟାଉଟର । ଭୁଶୁଡ଼ିପଡ଼ିଲାଣି ବ୍ୟବସ୍ଥା । ସାଧାରଣ ଲୋକର କାହା ଉପରେ ଭରସା ଆସିବ? ମହାପୁରୁଷ ଅଚ୍ୟୁତାନନ୍ଦ 'ଗୁପ୍ତ ଗହନ ଗୀତା'ରେ କହିଛନ୍ତି, 'ଅଗାଡ଼ି ମିଶାଇ ବିକିବେ ଧାନ, ପାପ ପୁଣ୍ୟକୁ ଯେ ନୋହିବ ଜ୍ଞାନ ।'

***ବିଶ୍ୱାତ୍ମା, ଏମ୍-୨୩,***
***ବିଡିଏ କଲୋନୀ, ଖୋର୍ଦ୍ଧା***
***ମୋ ୮୨୪୯୬୭୯୦୯୯***

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨ ଫେବୃଆରୀ ୨୦୨୬ ସୋମବାର ପୃଷ୍ଠା ୫




ଦୈନନ୍ଦିନ ଜୀବନରେ ନିଜ ସ୍ୱାସ୍ଥ୍ୟକୁ ନେଇ ଦାୟିତ୍ୱହୀନ ରହୁଥିବା ଲୋକମାନେ ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଆସିଲେ ବିଚଳିତ ହୋଇଯାଆନ୍ତି । ଏହାଠାରୁ ଭଲ ଆମେ ଏମିତି କୌଣସି ସମସ୍ୟା ଆସିବା ପୂର୍ବରୁ ଦୈନନ୍ଦିନ ଜୀବନରେ କିଛି ପରିବର୍ତ୍ତନ କରିନେବା, ଯଦ୍ୱାରା ଆମେ ଫିଟ୍ ରହିବା ।

# ସୁସ୍ଥତା ପାଇଁ ବଦଳାନ୍ତୁ ଜୀବନଶୈଳୀ

**ପୂରା ନିଦ ଶୁଅନ୍ତୁ :** ଆପଣ କାର୍ଯ୍ୟବ୍ୟସ୍ତ ଯୋଗୁଁ ଆବଶ୍ୟକ ପରିମାଣର ନିଦ୍ରା ପାଉନାହାନ୍ତି । ଅଧିକ ସମୟ ଶୋଇଲେ ଘର ସହ ଅଫିସ୍ କେମିତି ମ୍ୟାନେଜ୍ କରିବି ଚିନ୍ତା କରି ହୁଏତ ଆପଣ ଏହାକୁ ଅଣଦେଖା କରିପାରନ୍ତି । କିନ୍ତୁ ଦୀର୍ଘ ଦୌଡ଼ରେ ଏହା ଆପଣଙ୍କ ପାଇଁ କ୍ଷତିକାରକ ହେବ । ପୂରା ନିଦ ଶୋଇନପାରିଲେ ସାରା ଦିନ ଆପଣଙ୍କୁ ନିଦୁଆ ଲାଗିବ, ଛୋଟରୁ ଛୋଟ କାମ ମଧ୍ୟ ଆପଣ ଠିକ୍ ଭାବରେ କରିପାରିବେ ନାହିଁ । ତେଣୁ ଏହାଠାରୁ ଭଲ ଆପଣ ପ୍ରତିଦିନ ଅତିକମ୍‌ରେ ୬ରୁ ୭ ଘଣ୍ଟା ଶୁଅନ୍ତୁ । ଭଲ ନିଦ ହେବା ପାଇଁ ବେଡ୍‌ରୁମ୍‌ରେ ଟି.ଭି, କମ୍ପ୍ୟୁଟର ଓ ଅନ୍ୟ ବୈଦ୍ୟୁତିକ ଉପକରଣ ରଖନ୍ତୁ ନାହିଁ । ଶୋଇବାର ଠିକ୍ ପୂର୍ବରୁ ନଖାଇ, ଖାଇବା ଓ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରଖନ୍ତୁ । ଚେଷ୍ଟା କରନ୍ତୁ ସବୁଦିନ ଗୋଟିଏ ସମୟରେ ଶୋଇବା ଏବଂ ଉଠିବା ପାଇଁ । ବେଡ୍‌ରୁମ୍ ଆରାମଦାୟକ ହେଲେ ନିଦ ଭଲ ହେବ ଆପଣଙ୍କୁ ।



**ଉଷୁମ ପାଣି :** ପ୍ରଥମେ ପ୍ରଥମେ ଉଷୁମ ପାଣି ପିଇବାକୁ ଖୁବ୍ ଅବାଗିଆ ଲାଗିବ । କିନ୍ତୁ ଏହା ଆପଣଙ୍କ ପାଇଁ ଲାଭଜନକ ସାବ୍ୟସ୍ତ ହେବ । ଏହା ଶରୀରକୁ ଶୋଧନ କରିବ ଏବଂ ସବୁ ଅଦରକାରୀ ଉପାଦାନ ବାହାର କରି ଦେବ ଦେହରୁ । ଉଷୁମ ପାଣି ପିଇଲେ ପାଚନ ପ୍ରଣାଳୀ ଠିକ୍ ଭାବରେ କାମ କରିବ ଏବଂ ଚେହେରାରେ ଚମକ ଆସିଯିବ ।

**ଇଣ୍ଟରନେଟ୍ ଟିକେ ଦୂରରେ ରହନ୍ତୁ :** ଏକ ଗବେଷଣାରୁ ଜଣାପଡ଼ିଛି ଇଣ୍ଟରନେଟ୍‌ରେ ସମୟ ବିତାଉଥିବା ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିଶେଷ କରି ସୋସିଆଲ ନେଟୱାର୍କିଂ ସାଇଟ୍‌ରେ ଲୋକମାନେ ଅଧିକ ସମୟ କଟାଉଛନ୍ତି । ଯଦି ଆପଣ ନିଜ ସ୍ୱାସ୍ଥ୍ୟ ଠିକ୍ ରଖିବାକୁ ଚାହାନ୍ତି ତା'ହେଲେ ନିଜକୁ ପଚାରନ୍ତୁ ଗତ ସପ୍ତାହରେ ଆପଣ କେତେ ସମୟ ଇଣ୍ଟରନେଟ୍‌ରେ କଟାଇଥିଲେ । ଏଥିରେ ଆପଣଙ୍କର କ'ଣ ଲାଭ ହୋଇଥିଲା । ଭଲ ହେବ ଯଦି ଆପଣ ଇଣ୍ଟରନେଟ୍‌ରେ ନିଜ ସମୟ ନଷ୍ଟ ନକରି ଅନ୍ୟ କିଛି ହବି ରଖିବେ । ଆପଣ କିଛି ନୂଆ କାମ ଶିଖିପାରିବେ ନହେଲେ ଲୋକମାନଙ୍କ ସହ ଯୋଗାଯୋଗ କରିପାରିବେ । ବନ୍ଧୁତା ବଢ଼େଇ ପାରିବେ ।

**ନିୟମିତ ବ୍ୟାୟାମ :** ନିଜକୁ ଫିଟ୍ ରଖିବା ପାଇଁ ସବୁଦିନ ଜିମ୍ ଯାଇ ୱେଟ୍ ଉଠାଇବା ଜରୁରୀ ନୁହେଁ । ଆପଣ ଘର ପାଖରେ ଥିବା ପାର୍କକୁ ଯାଇ କିମ୍ବା ରାସ୍ତାରେ ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିପାରିବେ । ଏହା ଆପଣଙ୍କୁ ଫିଟ୍ ରଖିବ । ଏହା ବ୍ୟତୀତ ଆପଣ ଘରେ ଦିନେ ଛଡ଼ା ଦିନେ ବ୍ୟାୟାମ କରିପାରିବେ । ଏଥିସହ ଯୋଗ ଓ ଧ୍ୟାନ କରିବା ଖୁବ୍ ଲାଭଜନକ । ଏହା ବ୍ୟତୀତ ୱାକିଂ, ସାଇକେଲିଙ୍ଗ, ସ୍ୱିମିଙ୍ଗ ଏବଂ ଡ୍ୟାନ୍ସିଂ ଦ୍ୱାରା ମଧ୍ୟ ଅନେକ ପରିମାଣରେ ନିଜକୁ ଫିଟ୍ ରଖାଯାଇ ପାରିବ ।

**ସିଗାରେଟ୍ ଠାରୁ ଦୂରତା :** ଯଦି ଆପଣଙ୍କର ଧୂମପାନ କରିବାର କୁଅଭ୍ୟାସ ଅଛି ତା'ହେଲେ ତାକୁ ଛାଡ଼ିବାକୁ ଚେଷ୍ଟା କରନ୍ତୁ । ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ କ୍ଷତିକାରକ ହେବ । ଆପଣ ବି ଜାଣିଥିବେ ଧୂମପାନ ଆପଣଙ୍କ ଶରୀରର ଏବଂ ଆପଣଙ୍କ ପରିବାରର କ୍ଷତି କରୁଛି । ତେଣୁ ଯେତେଶୀଘ୍ର ସମ୍ଭବ ଏ ଅଭ୍ୟାସରୁ ନିଜକୁ ମୁକ୍ତ କରନ୍ତୁ ।

**ଠିକ୍ ଖାଆନ୍ତୁ :** ଫିଟ୍‌ନେସ୍ ପାଇଁ ଓଜନ କମାଇବାକୁ ଚାହୁଁଥିଲେ ଏକଦମ୍ ଖାଇବା ପିଇବା ଛାଡ଼ିଦିଅନ୍ତୁ ନାହିଁ, ବରଂ ଡାକ୍ତରଙ୍କ ପରାମର୍ଶରେ ଯୋଜନା କରନ୍ତୁ କ'ଣ ଖାଇବେ କେତେବେଳେ । ଚେଷ୍ଟା କରନ୍ତୁ ଏପରି ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ପାଇଁ ଯାହା ଆପଣଙ୍କ ଓଜନ ବଢ଼ାଇବ ନାହିଁ । ଆପଣ ଅଧିକ ଥର ଖାଆନ୍ତୁ କିନ୍ତୁ ପ୍ରତ୍ୟେକ ଥର ଏହାର ପରିମାଣ କମ୍ ରଖନ୍ତୁ । ଖାଦ୍ୟରେ ଅଧିକ ପନିପରିବା ଏବଂ ଫଳ ସାମିଲ କରନ୍ତୁ ।



**ମସ୍ତିଷ୍କକୁ ସକ୍ରିୟ ରଖନ୍ତୁ :** ଫିଟ୍‌ନେସ୍ ପାଇଁ ଶରୀର ସହ ମସ୍ତିଷ୍କର ସତେଜତା ମଧ୍ୟ ଜରୁରୀ । ତେଣୁ ଏକୁଟିଆ ବସିଥିଲେ କିଛି ମେଣ୍ଟାଲ୍ ଗେମ୍ ଖେଳନ୍ତୁ, କ୍ରସୱାର୍ଡ ପଜଲ ସବୁଠୁ ଭଲ । ମସ୍ତିଷ୍କକୁ ସକ୍ରିୟ କରିବା ପାଇଁ ଜିଗ୍ ଶ' ପଜଲ ଏକ ଭଲ ମାଧ୍ୟମ ।

## ଫଳ ଖାଆନ୍ତୁ, ଫିଟ୍ ରୁହନ୍ତୁ

ଦୀର୍ଘ ନିରାମୟ ଜୀବନର ସ୍ୱପ୍ନ କିଏ ନ ଦେଖେ ? ଆପଣ ବି ନିଶ୍ଚୟ ଚାହୁଁଥିବେ ରୋଗ ଆପଣଙ୍କୁ କେବେ ଛୁଇଁ ନପାରୁ । ରୋଗ ବି ଆପଣଙ୍କ ପାଖ ମାଡ଼ିବାକୁ ଟିକେ ଭୟ କରିବ ଯଦି ଆପଣ ଖାଦ୍ୟରେ କଞ୍ଚା ପନିପରିବା ଓ ଫଳ ସାମିଲ କରିନେବେ । ବିଶେଷଜ୍ଞମାନେ କୁହନ୍ତି କଞ୍ଚା ପନିପରିବା ଓ ଫଳ ଔଷଧ ଠାରୁ ଢେର୍ ଭଲ । ଏହା ଖାଦ୍ୟକୁ ଠିକ୍ ଭାବରେ ହଜମ ହେବାକୁ ଦିଏ ।

ଖାଦ୍ୟ ବିଶେଷଜ୍ଞ ଡଃ ଅମିତା ସିଂହଙ୍କ ଅନୁଯାୟୀ ଫଳ ଓ ଗ୍ରୀନ୍ ସାଲାଡ୍‌ରେ ଖାଦ୍ୟ ତନ୍ତୁ ଅଧିକ ଥିବାରୁ ଏହା ହଜମ ପ୍ରକ୍ରିୟାକୁ ସହଜ କରେ । ତେଣୁ ଯଦି ଆପଣଙ୍କର ପିଜା ଖାଇବାର ଅଛି ତା'ହେଲେ ପ୍ରଥମେ କିଛି ସାଲାଡ୍ ଖାଇନିଅନ୍ତୁ । ଆଇସକ୍ରିମ୍ ଖାଇବାର ଥିଲେ ପ୍ରଥମେ ସେଓଟିଏ ଖାଇ ନିଅନ୍ତୁ । ଏଥିରେ ଥିବା ଖାଦ୍ୟତନ୍ତୁ ପେଟରେ ଭରିଯିବ ଓ କମ୍ ଖାଇବାରେ ମଧ୍ୟ ପେଟ ପୂରିଯିବ । ଖାଦ୍ୟ ତନ୍ତୁ ଯୋଗୁଁ ଖାଦ୍ୟ ମଧ୍ୟ ଶୀଘ୍ର ହଜମ ହୁଏ । ଖାଦ୍ୟ ବିଶେଷଜ୍ଞମାନଙ୍କ ମତାନୁଯାୟୀ ଗୋଟିଏ ମିଲ୍‌ରେ ଗୋଟିଏ କଞ୍ଚା ଫଳ ବା ପରିବା ସାମିଲ କରିନେବା ଉଚିତ୍ । ଏ ସବୁଥିରେ ଅନେକ ପରିମାଣର ଭିଟାମିନ୍ ଓ ମିନେରାଲ୍‌ସ ଥାଏ । ତେଣୁ ଔଷଧ ଦୋକାନରୁ ଭିଟାମିନ୍ ଓ ମିନେରାଲ୍ ଟାବ୍‌ଲେଟ୍ ନକିଣି କଞ୍ଚା ଫଳ ଓ ପନିପରିବା ଖାଆନ୍ତୁ । ଭିଟାମିନ୍ ଓ ମିନେରାଲ ଟାବ୍‌ଲେଟ୍ ଦ୍ୱାରା ଶରୀରର ଆବଶ୍ୟକତା ପୂରଣ ହୋଇଯାଏ, ମାତ୍ର ଏହାର ଖରାପ ପାର୍ଶ୍ୱ ପ୍ରତିକ୍ରିୟା ଶରୀର ଉପରେ ପଡ଼େ । ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କ ପାଇଁ ଫଳ ଓ କଞ୍ଚା ପରିବା ଅଧିକ ଜରୁରୀ । ଏହା ରଜନିବୃତ୍ତି ପରେ ସୃଷ୍ଟି ହେଉଥିବା ସମସ୍ୟାକୁ ଦୂର କରିବା ସହ ଡାୟାବିଟିସ୍‌ର ଆଶଙ୍କାକୁ ମଧ୍ୟ କମ୍ କରେ ।

ଏହାଛଡ଼ା ବୟସ ବଢ଼ିବା ସହ ଆପଣ ଯେତେ ଫଳ ଓ କଞ୍ଚା ପନିପରିବା ଖାଦ୍ୟରେ ସାମିଲ କରିପାରିବେ ସେତେ ଭଲ । କାରଣ ଏଥିରେ ପର୍ଯ୍ୟାପ୍ତ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଥାଏ ଯାହାକି ରକ୍ତଚାପକୁ ଦୂରେଇପାରେ । ଏହାଛଡ଼ା ଏଥିରେ କ୍ୟାଲୋରୀ ପରିମାଣ ମଧ୍ୟ କମ୍ ଥାଏ । ଫଳରେ ମେଦବୃଦ୍ଧି ଓ କୋଲେଷ୍ଟ୍ରଲ୍ ବୃଦ୍ଧିର ଆଶଙ୍କା ମଧ୍ୟ କମ୍ ହୋଇଯାଏ ।

> ଯଦି ଆପଣଙ୍କର ଧୂମପାନ କରିବାର କୁଅଭ୍ୟାସ ଅଛି ତା'ହେଲେ ତାକୁ ଛାଡ଼ିବାକୁ ଚେଷ୍ଟା କରନ୍ତୁ । ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ କ୍ଷତିକାରକ ହେବ । ଆପଣ ବି ଜାଣିଥିବେ ଧୂମପାନ ଆପଣଙ୍କୁ ଶରୀରର ଏବଂ ଆପଣଙ୍କ ପରିବାରର କ୍ଷତିକରୁଛି ।



### ଟିକେ ସଜାଗ ହୁଅନ୍ତୁ : ସୁସ୍ଥ ରୁହନ୍ତୁ

ସୁସ୍ଥ ରହିବା ପାଇଁ ଆମେ ଔଷଧ ଖାଇବା, ସ୍ୱତନ୍ତ୍ର ଖାଦ୍ୟ ଖାଇବା କିମ୍ବା ଜିମ୍ ଯିବା ଜରୁରୀ ନୁହେଁ । ଜରୁରୀ ଛୋଟ ଛୋଟ କିଛି କଥାକୁ ଜୀବନଶୈଳୀରେ ସାମିଲ କରିନେବା । ଦେଖିବେ ସ୍ୱାସ୍ଥ୍ୟ ପାଇଁ ଆଉ ଚିନ୍ତା ରହିବନି ।

**ଓଜନ ଠିକ୍ ରଖିବା ପାଇଁ :**

- ହାଲ୍‌କା ଭୋଜନ କରନ୍ତୁ । ପ୍ରାତଃ ଭୋଜନରେ ସୁପ୍, ଗହମ ଖିରି, ଗଜା ମୁଗ ଆଦି ଖାଇ ପାରନ୍ତି ।
- ଶୀତଦିନେ ସବୁବେଳେ ଉଷୁମ ପାଣି ପିଅନ୍ତୁ ।
- ଛେନା ଓ ଅତ୍ୟଧିକ ଫ୍ୟାଟ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ ।
- ପ୍ରକ୍ରିୟାକୃତ ପ୍ୟାକେଟ୍ ବନ୍ଦୀ ଖାଦ୍ୟ ଅପେକ୍ଷା ସବୁବେଳେ ତାଜା ରନ୍ଧା ଖାଦ୍ୟ ଖାଆନ୍ତୁ । ଶୀତଦିନେ ଶାଗ, ରାଶି, ଗୁଡ଼, ବାଦାମ, ଗାଜର, ଟମାଟୋ ଓ ଫଳ ଖାଆନ୍ତୁ ।
- ଅଧିକ ତନ୍ତୁଯୁକ୍ତ ଖାଦ୍ୟ ଖାଇବାକୁ ଭୁଲନ୍ତୁ ନାହିଁ ।
- ମଞ୍ଜିଯୁକ୍ତ ପରିବା ଯଥା ଶିମ୍ବ, ମଟର ଆଦି ଅଧିକ ପରିମାଣରେ ଖାଆନ୍ତୁ ।
- ସକାଳୁ ହସନ୍ତୁ ।
- ଯୋଗ, ପ୍ରାଣାୟାମ କରନ୍ତୁ ।
- ଅସମୟରେ ଭୋକ ଲାଗିଲେ ଛଣାଛଣି ଖାଦ୍ୟ ଅପେକ୍ଷା ଫଳ ଖାଆନ୍ତୁ ।
- ସକାରାତ୍ମକ ଚିନ୍ତା କରନ୍ତୁ, ହସଖୁସିଆ ଲୋକଙ୍କ ସହ ମିଶନ୍ତୁ ।
- କାହାକୁ ଦୋଷ ଦେଇ ଚିଡ଼ ଚିଡ଼ ହେବା ପୂର୍ବରୁ ନିଜର ଭୁଲ୍-ଠିକ୍‌କୁ ଟିକେ ପରଖି ନିଅନ୍ତୁ ।
- ଖାଲି ସମୟରେ ଭଲ ବହି ପଢ଼ନ୍ତୁ ।
- ପାଖପଡ଼ୋଶୀଙ୍କ ସହ ମିଶନ୍ତୁ ।
- କିଛି ନୂଆ କରିବାକୁ ସବୁବେଳେ ଚେଷ୍ଟା କରନ୍ତୁ ।
- ଭାଗ୍ୟ ଅପେକ୍ଷା ନିଜ ପରିଶ୍ରମ ଉପରେ ଅଧିକ ଜୋର ଦିଅନ୍ତୁ ।



# ସଫଳତା ର ଚାବିକାଠି

ଆଜିର ଯୁଗରେ ସମସ୍ତେ ସଫଳତା ଓ ପ୍ରାଚୁର୍ଯ୍ୟ ପଛରେ । ଏଥିପାଇଁ ଦୌଡରେ ସମସ୍ତେ ସାମିଲ ଏବେ । ସମସ୍ତେ ଆଗକୁ ଦଉଡୁଛନ୍ତି । ହେଲେ ସଫଳତା ସମସ୍ତଙ୍କୁ ମିଳୁନି । କାରଣ ଏଥିପାଇଁ ପ୍ରଥମେ ନିଜକୁ ପ୍ରସ୍ତୁତ କରିବାକୁ ହେବ, ହାସଲ କରିବାକୁ ହେବ ସଫଳତାର ଚାବିକାଠି । ଜାଣିବାକୁ ହେବ ଆପଣଙ୍କ ପ୍ରତିବନ୍ଧକ କିଏ, କେଉଁ ଦୁର୍ବଳତାକୁ ବାଦ୍‌ଦେଲେ ଲକ୍ଷ୍ମୀ ଆପଣଙ୍କ ସାଥ୍ ଦେବେ ।



ଧନୀ ହେବାକୁ ଚାହୁଁଥିଲେ ପ୍ରଥମେ ଆପଣଙ୍କୁ ନିଜର ଅଭ୍ୟାସ ଓ ଦୁର୍ବଳତାକୁ ଖୁବ୍ ଭଲ ଭାବେ ବୁଝିବାକୁ ହେବ । ଦେଖିବାକୁ ହେବ ଏମିତି କେଉଁ ଅଭ୍ୟାସ ଅଛି ଯାହା ଆପଣଙ୍କ ଉନ୍ନତି ରାସ୍ତାରେ ପ୍ରତିବନ୍ଧକ ସାଜୁଛି । ଏମିତି କ'ଣ ଦୁର୍ବଳତା ଅଛି ଯାହା ଦୂର କରି ଆପଣ ଧନୀ ହୋଇପାରିବେ । କଠୋର ପରିଶ୍ରମ ନକରି ଆପଣ ପରିସ୍ଥିତି ଓ ଅନ୍ୟମାନଙ୍କ ଉପରେ ଦୋଷାରୋପ କଲେ କେବେ ବି ଉନ୍ନତି ରାସ୍ତାରେ ଆଗକୁ ବଢିପାରିବେ ନାହିଁ । ଆପଣଙ୍କୁ ପ୍ରଥମେ ନିଜ ପାଇଁ ରାସ୍ତା ତିଆରି କରିବାକୁ ହେବ । ପରିସ୍ଥିତିକୁ ନିଜ ଅନୁକୂଳ କରିବାକୁ ହେବ । ଯେତେବେଳେ ଆପଣ ପରିସ୍ଥିତିକୁ ନିଜ ନିୟନ୍ତ୍ରଣକୁ ଆଣିପାରିବେ, ସେତେବେଳେ ଜାଣିବେ ଆପଣ ସଫଳତାର ପ୍ରଥମ ସିଡ଼ି ପାର କରିନେଲେ । ଏହି କ୍ରମରେ ଆସନ୍ତୁ ଦେଖିବା ବ୍ୟକ୍ତିତ୍ୱରେ ଲୁକ୍କାୟିତ ଥିବା କିଛି ସୂତ୍ରକୁ ଯାହା ପ୍ରତ୍ୟେକ ବ୍ୟକ୍ତିର ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରେ ।

ଯଦି ଆପଣ ନିଜକୁ ଧନୀ ଲୋକଙ୍କ ସୂଚୀରେ ସାମିଲ କରିବାକୁ ଚାହୁଁଛନ୍ତି ତା' ହେଲେ ପ୍ରଥମେ ସମୟର ମୂଲ୍ୟ ବୁଝନ୍ତୁ, ଏହାକୁ ସମ୍ମାନ ଦିଅନ୍ତୁ । କାରଣ ସମୟ ହିଁ ସେହି ଶକ୍ତି ଯିଏ ଆପଣଙ୍କୁ ମାଲାମାଲ୍ କରିଦେବ । ଦୁନିଆରେ ଅନେକେ ସମୟର ସଦ୍‌ବ୍ୟବହାର କରି ଧନକୁବେର ପାଲଟିଛନ୍ତି । ପ୍ରଥମେ ଆଜିର କାମ କାଲି ପାଇଁ ରଖନ୍ତୁ ନାହିଁ । କାରଣ କାଲି ଯେଉଁସବୁ କାମ ରଖିବେ ସେ ମଧ୍ୟରୁ ଅଧିକାଂଶ କେବେ ବି ହୋଇପାରେ ନାହିଁ । କାରଣ ଆସନ୍ତା କାଲିର ବି ଅନେକ କାମ ଥିବ କରିବାକୁ । ଏହା ପ୍ରକୃତିର ନିୟମ - ସମୟକୁ ପଛରୁ ନୁହେଁ, ବରଂ ଆଗକୁ ବଢି ଧରି ହେବ । ବିତି ଯାଇଥିବା ସମୟ ପୁଣି ଥରେ ଲେଉଟି ଆସେ ନି । ଯେତେ ଧନୀ ହେଲେ ବି କେହି ନିଜର ବିଗତ ଦିନକୁ ଫେରାଇ ଆଣିପାରେନି ।

ସଫଳ ହେବାକୁ ଏକନିଷ୍ଠ ଥିଲେ ପ୍ରଥମେ ଏମିତି କାମ ବାଛନ୍ତୁ ଯେଉଁଥିରେ ଆପଣଙ୍କର ଆଗ୍ରହ ଅଛି । ଯାହାକରି ଆପଣ ଥକି ପଡନ୍ତି ନି କିମ୍ବା ବିରକ୍ତ ହୋଇଯା'ନ୍ତି ନାହିଁ ।

ମନୋବିଜ୍ଞାନୀମାନେ କୁହନ୍ତି, ସମସ୍ତେ ନିଜ ପସନ୍ଦର କାମକୁ ବେଶୀ ଭଲ ଭାବରେ କରିପାରନ୍ତି । କାମ ଆପଣଙ୍କର ପସନ୍ଦ ହେଲେ ଏହା ପ୍ରତି ନିଶା ବଢ଼ିବ ଏବଂ ଆପଣ ଏହାକୁ ସଫଳତାର ଶିଖରରେ ପହଞ୍ଚାଇପାରିବେ । ଉତ୍ସାହ, ଧୈର୍ଯ୍ୟ, ନିଷ୍ଠା ଓ ଏକାଗ୍ରତାର ସହ ଆପଣ ଯାହା କରିବେ ସେଥିରେ ନିଶ୍ଚୟ ସଫଳ ହେବେ ।

ତେଣୁ ପ୍ରଥମେ ନିଜର ଲକ୍ଷ୍ୟ ବାଛନ୍ତୁ । ଯୋଜନାବଦ୍ଧ ଭାବରେ ଏହା କରିବା ଆରମ୍ଭ କରି ଦିଅନ୍ତୁ । ଲକ୍ଷ୍ୟପ୍ରତି ସମର୍ପଣ ଭାବ ରଖନ୍ତୁ । ନିଜ ଠାରୁ ଅଧିକ ଅନୁଭବୀ ଓ ଯୋଗ୍ୟ ଲୋକଙ୍କୁ ପାଖରେ ରଖନ୍ତୁ । ଦେଖିବେ ସଫଳତା ଓ ଧନ ଆପଣଙ୍କର ମିତ୍ର ପାଲଟିଯିବେ ।

# ମୁମ୍ବାଇରେ ଅଛି ସବୁଠୁ ବଡ଼ ଟାୱାର



ଦେଶରେ ବିମାନ ଚଳାଚଳ ଗତ ଦଶକରେ ଖୁବ୍ ବଢ଼ିଛି । ବିଶେଷ କରି ମୁମ୍ବାଇ ପରି ମହାନଗରଗୁଡ଼ିକରେ ଏୟାର ଟ୍ରାଫିକ୍ ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆର୍ଥିକ ରାଜଧାନୀ ମୁମ୍ବାଇର ଛତ୍ରପତି ଶିବାଜୀ ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦରରେ ଦେଶ ସବୁଠାରୁ ବଡ଼ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ଟାୱାର ନିର୍ମାଣ କରାଯାଇଛି । ଏହି ଟାୱାର ଉପରୁ ପାଞ୍ଚ ମାଇଲ୍ ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତ ଅଞ୍ଚଳ ସ୍ପଷ୍ଟ ଦେଖାଯିବ ।

ଏହି ଟାୱାରର ଉଚ୍ଚତା ୮୩.୩ ମିଟର । ଯାହାକି ୩୦ ମହଲା ସହ ସମାନ । ଏହାର ନିର୍ମାଣରେ ପ୍ରାୟ ୧୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଟାୱାରକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ୫୦୦ ଲୋକ ୨୦ଲକ୍ଷ ଘଣ୍ଟା କାର୍ଯ୍ୟ କରିଛନ୍ତି । ସୂଚନାଯୋଗ୍ୟ ପୁରୁଣା ଟାୱାର ବିଦେଶୀ ବିମାନଗୁଡ଼ିକ ପାଇଁ ସମସ୍ୟା ହେଉଥିଲା । ଏହା ନୂତନ ଟେକ୍ନୋଲୋଜି ଏବଂ ବିମାନ ହିସାବରେ ଆଧୁନିକ ମଧ୍ୟ ନଥିଲା ।



ଏହି ଟାୱାରକୁ ୨୮୦୦ ବର୍ଗ ମିଟର କ୍ଷେତ୍ର ଉପରେ ନିର୍ମାଣ କରାଯାଇଛି । ଏଠାରୁ ୭୫୦ଟି ବିମାନର ଅବତରଣ ଏବଂ ଆରୋହଣ ସହ ୯୬୦ ଅତିରିକ୍ତ ବିମାନ ନିୟନ୍ତ୍ରିତ କରାଯାଇପାରିବ । ଅଧିକ ଉଚ୍ଚତା ଯୋଗୁ ଏଠାରୁ ରନ୍‌ୱେ ଉପରେ ମଧ୍ୟ ନଜର ରଖିହେବ । ଟାୱାରରେ ଲଗାଯାଇଥିବା କାଚ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି । ଖରାପ ପାଣିପାଗରେ ମଧ୍ୟ ଏଠାରୁ ଦୂର ପର୍ଯ୍ୟନ୍ତ ଦେଖିହେବ । ତୀବ୍ର ପବନ ମଧ୍ୟ ଏହାର କାର୍ଯ୍ୟରେ ବାଧା ସୃଷ୍ଟି କରିପାରିବ ନାହିଁ । ଏଥିରେ ଲାଗିଥିବା ଆଧୁନିକ ଉପକରଣ ଟ୍ରାଫିକ୍ ସମସ୍ୟା କମ୍ କରିବ ଏବଂ ବିମାନ ଚଳାଚଳ ଅଧିକ ସୁରକ୍ଷିତ ହେବ । ଏଥିରେ ଲାଗିଥିବା ଆଧୁନିକ ଉପକରଣ ଯୋଗୁ ବିମାନ ଗମନାଗମନକୁ ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରଣ କରିପାରିବ । କମ୍ ସମୟରେ ଅଧିକ ବିମାନ ଚଳାଚଳ କରିପାରିବ । ଆଗାମୀ ଡିସେମ୍ବର ମାସରେ ଏହାର ବ୍ୟବହାର ଆରମ୍ଭ ହେବ । ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଏବଂ ଜିବିକେ କମ୍ପାନୀ ଏହି ଟାୱାର ନିର୍ମାଣ କରିଛନ୍ତି । ତେବେ ଦେଶର ସବୁଠାରୁ ଉଚ୍ଚ ଟାୱାର ହେବାର ସମ୍ମାନ ଖୁବ୍‌ଶୀଘ୍ର ଏହା ହରାଇବ । କାରଣ ନୂଆଦିଲ୍ଲୀସ୍ଥିତ ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦରରେ ୧୦୨ ମିଟର ଉଚ୍ଚତା ବିଶିଷ୍ଟ ଏୟାର ଟ୍ରାଫିକ୍ ଟାୱାରର ନିର୍ମାଣ କାର୍ଯ୍ୟ ଏବେ ଆରମ୍ଭ ହୋଇଯାଇଛି ।



# ରୂପସୀଙ୍କ ପାଇଁ ଗୋଲାପ

ଗୋଲାପର ସୌନ୍ଦର୍ଯ୍ୟରେ କିଏ ବା ବିମୋହିତ ନହୁଏ । ସୌନ୍ଦର୍ଯ୍ୟ ଓ ଭାବନାତ୍ମକ ମୂଲ୍ୟ ଥିବା ଗୋଲାପକୁ ଫୁଲରେ ଶ୍ରେଷ୍ଠ ସ୍ଥାନ ଦିଆଯାଏ । ହେଲେ ଜାଣନ୍ତି କି ଗୋଲାପ ଯେତିକି ସୁନ୍ଦର ସେତିକି ଉପଯୋଗୀ । ଶରୀରର ବିକାଶ ପାଇଁ ଉପଯୋଗୀ ଅନେକ ଭିଟାମିନ୍, ଏସିଡ୍ ଏବଂ ରସାୟନ ଅଛି ଏଥିରେ । ସବୁଠାରୁ ବଡ କଥା ସଂକ୍ରମଣ ନିରୋଧୀ ଗୁଣ ଅଛି ଗୋଲାପରେ । ପ୍ରାକୃତିକ ଚିକିତ୍ସାବିଜ୍ଞାନୀ ଡଃ କେ.ସି. ଗର୍ଗ କହିଛନ୍ତି । ଯେଉଁମାନଙ୍କର ମୂତ୍ରାଶୟ ସମ୍ବନ୍ଧୀୟ ସମସ୍ୟା ଥାଏ ସେମାନଙ୍କ ପାଇଁ ଗୋଲାପ ସେବନ ଲାଭଦାୟକ ହୁଏ କାରଣ ଏହା ସଂକ୍ରମଣ ନିରୋଧୀ । ଗୋଲାପ ଜାତ ସାମଗ୍ରୀ ସେବନ କରୁଥିବା ଲୋକମାନଙ୍କ ମୂତ୍ରାଶୟରେ ପଥର ସୃଷ୍ଟି ହୁଏ ନାହିଁ ।



ଡାଏଟିସିଆନ୍ ଅନୁଜା ଅଗ୍ରୱାଲଙ୍କ ମତ ଅନୁଯାୟୀ ଗୋଲାପ ପାଖୁଡାରେ ଭିଟାମିନ୍ ଇ,ଡି,ବି-୩, ଏ ଏବଂ ଆସ୍କୋବିକ୍ ଏସିଡ୍, ମେଲିକ୍ ଏସିଡ୍, ବାୟୋଫ୍ଲେବନଏଡ୍, ସାଇଟ୍ରିକ୍ ଏସିଡ୍, ଜିଙ୍କ୍, ଟାନିନ୍ ଏବଂ ଫ୍ରୁକ୍ଟୋଜ ବହୁଳ ପରିମାଣରେ ମିଳେ । ଏସବୁ ଉପାଦାନ ଯୋଗୁଁ ଗୋଲାପ ସଂକ୍ରମଣ ନିରୋଧୀ । ଗର୍ଗଙ୍କ ଅନୁଯାୟୀ ଗୋଲାପ ପତଳାଝାଡା ରୋକିବାରେ ଏବଂ ଅସ୍ଥି ମଜବୁତ କରିବାରେ ସାହାଯ୍ୟ କରେ । ଏହାର ପାଖୁଡାରେ ଆଇରନ୍, କ୍ୟାଲ୍‌ସିୟମ୍, ନିୟାସିନ୍ ଓ ଫସଫରସ୍ ପରି ଉପାଦାନ ଥାଏ । ଯେଉଁମାନଙ୍କର ଦାନ୍ତ ସମସ୍ୟା ଅଛି ସେମାନଙ୍କ ପାଇଁ ମଧ୍ୟ ଗୋଲାପ ସୁଫଳ ଦିଏ । ଉଦ୍ଭିଦ ବିଜ୍ଞାନୀମାନଙ୍କ ମତାନୁଯାୟୀ ଗୋଲାପ ଶୀତଳତା ଦିଏ । ଏହି କାରଣରୁ ଚକ୍ଷୁରେ ଜ୍ୱଳନ ହେଲେ ଗୋଲାପ ଜଳ ପକାଇବାର ପରାମର୍ଶ ଦିଆଯାଏ । ଏହି ଗୁଣ ରକ୍ତସ୍ରାବ ଓ ତ୍ୱଚାଜ୍ୱଳନ ରୋକିବା ପାଇଁ ମଧ୍ୟ ସାହାଯ୍ୟ କରେ । ଏହା ବ୍ୟତୀତ ସୁଗନ୍ଧ ପାଇଁ ମଧ୍ୟ ଗୋଲାପ ଜଳ ଓ ଗୋଲାପ ଅର୍କ ବ୍ୟବହାର କରାଯାଏ ।

ହୃଦୟ ରୋଗ, ପେପ୍‌ଟିକ୍ ଅଲସର୍, ପିତ୍ତ, ବଦହଜମୀ, ଗର୍ଭାଶୟ ଏବଂ ସ୍ନାୟୁ ସମସ୍ୟା ଦୂର କରିବା ପାଇଁ ଗୋଲାପ ପାଖୁଡ଼ାରେ ତିଆରି ଔଷଧ ବେଶ୍ ଉପଯୋଗୀ ହୁଏ । ସଂକ୍ରମଣ ନିରୋଧୀ ଗୁଣ ଯୋଗୁଁ ଗୋଲାପଜଳ ତ୍ୱଚା ପାଇଁ ଟନିକ୍ ସାବ୍ୟସ୍ତ ହୁଏ ।

ସୌନ୍ଦର୍ଯ୍ୟ ବିଶେଷଜ୍ଞମାନଙ୍କ ମତାନୁଯାୟୀ ଗୋଲାପଜଳ ଶୀତଳତା ପ୍ରଦାନ କରେ, ତେଣୁ ପ୍ରସାଧନରେ ଏହାର ବହୁଳ ବ୍ୟବହାର ହୁଏ । ଏହା ବ୍ୟତୀତ ଗୋଲାପ ସୁଗନ୍ଧର ସତେଜତା ପ୍ରଦାନକାରୀ ଗୁଣ ଯୋଗୁଁ ମଧ୍ୟ ଏହା ପ୍ରସାଧନ ସାମଗ୍ରୀ ପାଇଁ ଖୁବ୍ ଉପଯୋଗୀ ।



ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨ ଫେବୃଆରୀ ୨୦୨୬ । ସୋମବାର

# ମିଳିତ ଜାତିସଂଘର ହସ୍ତକ୍ଷେପ ଦାବି

**ଢେଙ୍କାନାଳ,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ସଭାପତି ପ୍ରଫେସର ଡାକ୍ତର ତୁଷାର କାନ୍ତି ନାୟକ, ଉପସଭାପତି ରୁଦ୍ର ପ୍ରକାଶ ଶରଣ ଓ ସରୋଜ ସତପଥି, ସଦସ୍ୟା ଗୀତା ସାମଲ, ପୁଷ୍ପାଳି ପାଢ଼ୀ ପ୍ରମୁଖ ସମ୍ପ୍ରତି ଇରାନ ଉପରେ ଆକ୍ରମଣ ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ତାର ଯୁଦ୍ଧ ଜାହାଜ ଏବଂ ମଧ୍ୟପ୍ରାଚ୍ୟରେ ରହିଥିବା ସାମରିକ ଘାଟିରେ ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର ଆଦିକୁ ଏକତ୍ରିତ କରି ଘେରାବନ୍ଦି କରିବା ଭୟଙ୍କର ଯୁଦ୍ଧର ବିଭିଷିକା ସୃଷ୍ଟି କରିଛି ଏବଂ ଏଥିରେ ମିଳିତ ଜାତିସଂଘ ତୁରନ୍ତ ହସ୍ତକ୍ଷେପ କରି ଏହା ଯେପରି ନଘଟେ ସେଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜାତିସଂଘର ସେକ୍ରେଟାରୀ ଜେନେରାଲ ଆଂଟୋନିଓ ଗୁଟେରୋସଙ୍କ ନିକଟକୁ ଇମେଲ ଏବଂ ପୋଷ୍ଟ ଯୋଗେ ଦାବିପତ୍ର ପଠାଯାଇଛି ଯାହାର କପି ନୂଆଦିଲ୍ଲୀ ସ୍ଥିତ ଜାତିସଂଘର ଅଫିସ ଏବଂ ଆମେରିକାର ଦୂତାବାସକୁ ପ୍ରେରିତ ହୋଇଛି । ଜାତିସଂଘର ସିକ୍ୟୁରିଟି କାଉନସିଲକୁ ଅଣଦେଖା କରି ଆମେରିକାର ଏତାଦୃଶ କାର୍ଯ୍ୟକଳାପ ସାରା ବିଶ୍ୱରେ ବିଶେଷ କରି ମଧ୍ୟ ପ୍ରାଚ୍ୟରେ ଥିବା ଦେଶ ସମୂହରେ ଭୟ ଏବଂ ଅସ୍ଥିରତାର ବାତାବରଣ ସୃଷ୍ଟି କରିଅଛି । ନିକଟରେ ଇସ୍ରାଏଲ ଆକ୍ରମଣରେ ଲକ୍ଷାଧିକ ସାଧାରଣ ଲୋକଙ୍କର ମୃତ୍ୟୁ ହେବା ସହିତ ସମଗ୍ର ଗାଜା ଏକ ଧ୍ୱଂସ ସ୍ତୁପରେ ପରିଣତ ହୋଇଯାଇଛି । ଇରାନ ସହିତ ଯୁଦ୍ଧ ହେଲେ ମଧ୍ୟ ପ୍ରାଚ୍ୟରେ ଏପରି ଧ୍ୱଂସର ଲୀଳା ପୁଣି ଆରମ୍ଭ ହୋଇଯିବ । ଗଲ୍ଫ ରେ କାର୍ଯ୍ୟରତ ୭୦-୮୦ଲକ୍ଷ ଭାରତୀୟମାନଙ୍କର ଜୀବନ ଜୀବିକା ମଧ୍ୟ ବିପନ୍ନ ହୋଇପଡିବ । ଯୁଦ୍ଧକୁ ଏଡାଇବା ନିମନ୍ତେ ଜାତିସଂଘ ହସ୍ତକ୍ଷେପ କରି ଉଭୟ ଦେଶ ମଧ୍ୟରେ ଆଲୋଚନା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ପ୍ରୟାସ କରିବା ଆବଶ୍ୟକ । ମହାତ୍ମାଗାନ୍ଧୀଙ୍କର ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି ଯିଏ ଅହିଂସା ଏବଂ ଶାନ୍ତି ମାର୍ଗରେ ଅନେକ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ବାର୍ତ୍ତା ଦେଇ ଯାଇଛନ୍ତି ବୋଲି ସଂଗଠନ ପତ୍ରରେ ଦର୍ଶାଇଛି । ମଧ୍ୟ ପ୍ରାଚ୍ୟ ଅଞ୍ଚଳରେ ପ୍ରାକୃତିକ ତୈଳ ସମ୍ପଦକୁ ସେଠିକାରେ ଅଧିବାସୀମାନଙ୍କ ପାଇଁ ଏକ ଅଭିଶାପ ସଦୃଶ ବୋଲି ସଂଗଠନ ବର୍ଣ୍ଣନା କରିଛି । ଆମେରିକା ସିକ୍ୟୁରିଟି କାଉନସିଲର ସ୍ଥାୟୀ ସଦସ୍ୟ ହୋଇଥିବା ଯୋଗୁଁ ଜାତିସଂଘର ନିୟମାବଳୀକୁ ପାଳନ ନକରିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ସଂଗଠନ ଅଭିଯୋଗ କରିଛି ।

# କେନ୍ଦ୍ରାପଡା କଲେଜରେ ବାର୍ଷିକ କ୍ରୀଡା

**କେନ୍ଦ୍ରାପଡ଼ା,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୨ତମ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି । ୩ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ +୨ ଓ +୩ ବିଭାଗର ୧୦୦,୨୦୦ ଓ ୧୫ଶହ ମିଟର ଦୌଡ, ଲଙ୍ଗଜମ୍ପ, ହାଇଜମ୍ପ ପ୍ରଭୃତି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଭୁବନେଶ୍ୱର ଶାରିରୀକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ନାୟକ ମୁଖ୍ୟଅତିଥି, ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ସୟଦ ଅକମଲ ଅଲ୍ଲୀ, କଲେଜ କ୍ରୀଡା ସଂସଦ ଉପସଭାପତି ଡ. ଗୌର ପ୍ରସାଦ ଷଡଙ୍ଗୀ ଯୋଗଦେଇ ରାଜ୍ୟ ଓ ଆନ୍ତର୍ଜାତୀୟ ସ୍ତରରେ ଖେଳୁଥିବା କେନ୍ଦ୍ରାପଡାର ପିଲାମାନଙ୍କୁ ପ୍ରଶଂସା କରିଥିଲେ । +୩ ବାଳକ ବିଭାଗ ଚମ୍ପିୟନ ସ୍ମୃତିରଞ୍ଜନ ପ୍ରଧାନ, ବାଳିକା ବିଭାଗ ଚମ୍ପିୟନ ସରିତା ପଲେଇ, +୨ ବାଳକ ବିଭାଗ ଚମ୍ପିୟନ ଜାମସେଦ ଖାନ୍, ବାଳିକା ବିଭାଗ ଚମ୍ପିୟନ ପ୍ରଜ୍ଞାସିନୀ ନାୟକଙ୍କୁ ଚମ୍ପିୟନ୍ସ ଟ୍ରଫି ଏବଂ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ବାଣିଜ୍ୟ ବିଭାଗ ପ୍ରାଧ୍ୟାପିକା ଡ. ୱାଇ. ପଦ୍ମାବତୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶାରିରୀକ ଶିକ୍ଷା ବିଭାଗ ଅଧ୍ୟାପିକା ପ୍ରତିମାରାଣୀ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉପଭୋକ୍ତା ସଚେତନତା କର୍ମଶାଳା

**କେନ୍ଦ୍ରାପଡ଼ା,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶ ଦ୍ୱାରା ଜିଲ୍ଲା ଉପନିୟନ୍ତ୍ରକଙ୍କ ବୈଧ ମାପ ବିଜ୍ଞାନ କେନ୍ଦ୍ରାପଡା ଉପନିୟନ୍ତ୍ରକ ଲିତାମୟ ଦତ୍ତ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବୈଧମାପ ବିଜ୍ଞାନର ଓଜନ ମାପ ଏବଂ ଗୁଣାତ୍ମକ ମାନ ବିକାଶ ଏବଂ ଉପସ୍ଥିତ ଉପଭୋକ୍ତାମାନଙ୍କୁ ବୈଧମାପ ବିଜ୍ଞାନ ବିଷୟରେ ବିଭିନ୍ନ ପ୍ରକାର ନମୁନା ପ୍ରଦର୍ଶନ କରିବା ଦ୍ୱାରା ସଚେତନ କରାଇଥିଲେ । ଉପସ୍ଥିତ ଖାଉଟିମାନଙ୍କୁ ପ୍ରଶ୍ନର ଉତ୍ତର ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୈଧମାପ ବିଜ୍ଞାନ ବିଭାଗ କେନ୍ଦ୍ରାପଡା ନିରୀକ୍ଷକ ଈଶ୍ୱର ବାଲିଆ ମୁର୍ମୁ ବିଭିନ୍ନ ଓଜନ ମାପ ବଟକରା ମିନର ରଡ ପ୍ରଦର୍ଶନ କରି ସଚେତନତା ସୃଷ୍ଟି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ବ୍ଲକ ଯୋଗାଣ ନିରୀକ୍ଷିକା ସରୋଜିନୀ ଦଲେଇ ଏବଂ କେନ୍ଦ୍ରାପଡା ପୌରପାଳିକାର ନିରୀକ୍ଷିକା ପି.ସୌମ୍ୟା ପଣ୍ଡା ରହିବା ସହ ସଠିକ ଓଜନର ରେସନ ଆଣିବାବେଳେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ସରପଞ୍ଚ ଅଙ୍କୁର ଚରଣ ସେଠୀ ସମବେତ୍ ଉପଭୋକ୍ତା ମାନଙ୍କୁ ସବୁବେଳେ ଜାଗ୍ରତ ରଖିବାକୁ ପରାମର୍ଶ ଦେବାସହ ସବୁ ସମୟରେ ରେସନ ସାମଗ୍ରୀ ଆଣୀବା ବେଳେ ଓ ଠିକ୍ ଓଜନ ଦେଖି ଆଣନ୍ତୁ କାଲି କହିଥିଲେ ଉକ୍ତ ସଚେତନତା ସଭାରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଖାଉଟି ସଂଗଠନର ସମ୍ପାଦକ ମନୋଜ କୁମାର ଶତପଥୀ ସଭାପତିତ୍ୱ କରିବା ସହ ସମସ୍ତ ଉପଭୋକ୍ତାମାନଙ୍କୁ ଜିଲ୍ଲା ଖାଉଟି ବିବାଦ ସମାଧାନ କମିଶନ କାର୍ଯ୍ୟାଳୟ ଠାରେ ଖୋଲାଯାଇଥିବା ଜିଲ୍ଲାର ଉପଭୋକ୍ତା ପରାମର୍ଶ କେନ୍ଦ୍ରର ସାହାଯ୍ୟ ସହଯୋଗ ନେବାକୁ ଅନୁରୋଧ କରିଥିଲେ । ଉକ୍ତ ଉପଭୋକ୍ତା ସଚେତନତା ସଭାରେ ଶତାଧିକ ମହିଳା, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟମାନେ ଯୋଗ ଦେଇଥିଲେ ।

# ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**ରାଜନଗର,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କୁରୁଣ୍ଟି ସ୍ଥିତ କଞ୍ଚନେଶ୍ୱର ଉ.ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ନାଥଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସିଆରସିସି ବୈଲୋଚନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜନଗର ବ୍ଲକର ବିଆରସିସି ଭକ୍ତିଲତା ବାରିକ, ମୁଖ୍ୟବକ୍ତା ଭାବେ ରାଜନଗର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଦୟାନିଧି ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସ୍ତରୀୟ ଶିକ୍ଷକ ନେତା ସୁଶାନ୍ତ କୁମାର ପ୍ରଧାନ, ଦାମୋଦର ସ୍ୱାଇଁ, ସୁଖଶ୍ୟାମ ରାଉତ, ହେମନ୍ତ କୁମାର ବାରିକ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଜେନା, କଳ୍ପତରୁ ପରିଡା, ସନ୍ତୋଷ ମହାନ୍ତି, ପ୍ରଭାତ ପ୍ରଧାନ, ହୃଷିକେଶ ପ୍ରଧାନ, ସନାତନ ଜେନା ଓ ସ୍ଥାନୀୟ ସରପଞ୍ଚ ଶଶ୍ମିତା ମହାନ୍ତି ଯୋଗ ଦେଇଥିଲେ । ଦିଲ୍ଲିପ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ, ବିଶ୍ୱଜିତ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବନ୍ଦେ ମାତରମ୍ ଉତ୍ସବ

**କେନ୍ଦ୍ରାପଡ଼ା,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକ ପୂର୍ତ୍ତି ଉପଲକ୍ଷେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ପୌର ଅଧ୍ୟକ୍ଷା ସରିତା ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଏସଡିପିଓ ଜ୍ୟୋତି ରଂଜନ ଗୌଡ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଓ ପୌର ସଦସ୍ୟ ଉମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଏହି ବନ୍ଦେ ମାତରମ୍‌ର ଐତିହାସିକ ତଥ୍ୟ, ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀମାନଙ୍କର ପ୍ରେରଣାର ଉତ୍ସ ଭାବେ ସାହାସ ଓ ମନୋବଳ ବଢାଇଥିଲା ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାପତିଙ୍କ ଅନୁମତି କ୍ରମେ ସଭାକାର୍ଯ୍ୟ ଓ ମଞ୍ଚ ପରିଚାଳନା ବରିଷ୍ଠ କର୍ମଚାରୀ ଅଶୋକ କୁମାର ସାହୁ କରିଥିଲେ । କାର୍ଯ୍ୟକ୍ରମରେ ଜ୍ୟୋତି ରଂଜନ ରାଉତ ଶ୍ରୀଦେବୀ ପରିଡା, ମୋନାଲି ସାହୁ, ମଧୁସ୍ମିତା ଧଳ, ମିଲି ବେହେରା, କପିଳେନ୍ଦ୍ର ପଣ୍ଡା, ପ୍ରଶାନ୍ତ ନାୟକ, ଅଜୟ ବେହେରା, ସୁଚିସ୍ମିତା ଜେନା, ମନୋରଂଜନ ସାହୁ, ନନ୍ଦିନୀ ବେହେରା, ମଧୁସ୍ମିତା ଗୋଛାୟତ ଓ ସନ୍ତୋସୀ ଭଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ଶ୍ରମିକ ବଦଳରେ ମେସିନରେ ହେଉଛି କାମ

**ନିଆଳୀ,୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ନିଆଳୀ ବ୍ଲକ ରେ ସରକାର ବଦଳିବାର ମାତ୍ର ୨୦ମାସ ହୋଇନାହିଁ ପୂର୍ବ ସରକାରରେ ଯେଉଁ କାମ ହୋଇପାରିନଥିଲା ବର୍ତ୍ତମାନ ସରକାର ଏହାକୁ କରି ଦେଖାଉଛନ୍ତି । ସେ ସରକାରୀ ନିୟମ ଉଲଗ୍ନ ହେଉ ବା ବିଭିନ୍ନ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହେଉ । ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଶାସକ ଦଳର କ୍ଷମତାର ଚାପ ପକାଇ ଆଇନ ଉଲ୍ଲଂଘନ କରି ବେଆଇନ କାମରେ ବ୍ୟସ୍ତ ରହୁଛନ୍ତି । ଶାସକ ଦଳର କର୍ମୀ, ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । କଟକ ଜିଲ୍ଲା ନିଆଳୀ ବ୍ଲକ୍ ମହଙ୍ଗପଡ଼ା ଗ୍ରାମରେ ଏହି ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୦୨୪ ଓ ୨୦୨୫ଆର୍ଥିକ ବର୍ଷରେ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ମହଙ୍ଗ ପଡ଼ା ସୁରେନ୍ଦ୍ର ପାଇଟାଳ ଘରଠାରୁ ମହାରଣା ପ୍ଲଟପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ, ଉକ୍ତ କାର୍ଯ୍ୟ ଟି ୬. ୬. ୨୫ରେ ଆରମ୍ଭ ହୋଇଥିବା ବେଳେ କାମ ଆରମ୍ଭରୁ ଗ୍ରାମବାସୀ ବିରୋଧ କରିବାରୁ କାମ ବନ୍ଦ ରହିଥିଲା । ଉକ୍ତ ଯୋଜନାରେ ଅଣକୁଶଳୀ ଶ୍ରମିକ ମଜୁରୀ ୨୭୩ ଟଙ୍କାରେ କାମ କରିବା ପାଇଁ ନିୟମ ରହିଥିବା ବେଳେ ଚଳିତ ବର୍ଷ କୌଣସି ଶ୍ରମିକ ଦ୍ୱାରା ଉକ୍ତ କାମ ନକରି ଜେସିବି ଓ ଟ୍ରାକ୍ଟର ସହାୟତାରେ ମାଟି ଖୋଳି ରାତି ଅଧରେ ରାସ୍ତା ନିର୍ମାଣ କରାଯାଉଛି । ଶ୍ରମିକ ବଦଳରେ ଟ୍ରାକ୍ଟର ଓ ମେସିନ ସହାୟତାରେ କାମ କରାଉଥିବା ବେଳେ ଯେଉଁ ଜାଗାରେ ରାସ୍ତା ନିର୍ମାଣ ହେଉଛି ଉକ୍ତ ଜାଗାର କିଛି ଅଂଶ ମହଙ୍ଗ ପଡ଼ା ମୋଡ଼ଯାର ଜଙ୍ଗଲ ଜମି ଅଟେ । ଅବଶିଷ୍ଟ ରାସ୍ତା ନିର୍ମାଣ ହେଉଥିବା ଜାଗାଗୁଡିକ ମହଙ୍ଗପଡ଼ା ପ୍ରସ୍ତାବିତ ମାଇନର ସ୍କୁଲ ମ୍ୟାନେଜିଂ କମିଟି ନାମରେ ରହିଛି । ରାସ୍ତା ନିର୍ମାଣ ହେଉଥିବା ଜାଗାରେ କୌଣସି ଘରଦ୍ୱାରା ନ ଥିବା ବେଳେ ଜଙ୍ଗଲ ଜମି ଉପରେ ଜଣେ ବେଆଇନ ଭାବେ ଘର କରି ରହିଛନ୍ତି । ଯାହାକୁ ନେଇ ଗ୍ରାମବାସୀମାନେ ଶୁକ୍ରବାର ଦିନ ନିଆଳୀ ବ୍ଲକ ବିଡ଼ିଓ ଓ କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ପକ୍ଷରୁ ଜଗବନ୍ଧୁ ସାହୁ, ମନମୋହନ ପ୍ରଧାନ, ସୌଦାମିନୀ ପ୍ରଧାନ, ନିତ୍ୟାନନ୍ଦ ପାଇଟାଳ, ଭବାନୀ ପ୍ରଧାନ, ପୁନଃଚନ୍ଦ୍ର ଜେନା, ଅଜୟ କୁମାର ପ୍ରଧାନ, ଅଭିମନ୍ୟୁ ଦାସ, ମୀନ କେତନ ଜେନା, ପ୍ରକାଶ ଜେନା, ସୀମିତ ପଚାଶ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

# ଭାରତ ରଙ୍ଗ ମହୋତ୍ସବ




**ପାରାଦୀପ,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ, ପାରାଦୀପ ବନ୍ଦର ଓ ବନ୍ଦର ନଗରୀର ଅଗ୍ରଣୀ ଅନୁଷ୍ଠାନ କାନମାସର ମିଳିତ ଆନୁକୁଲ୍ୟରେ ଫେବୃଆରୀ ୨ ତାରିଖ ଠାରୁ ୬ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ଜୟଦେବ ସଦନ ଠାରେ ଆୟୋଜିତ ହେବାକୁଯାଉଛି । ଏହି ମହୋତ୍ସବ ଭାରତର ୪୩ ଗୋଟି ସହରରେ ଆୟୋଜିତ ହେବ ଏବଂ ସେଥି ମଧ୍ୟରୁ ପାରାଦୀପ ଅନ୍ୟତମ ଯାହାକି ପାରାଦୀପ ବାସିଙ୍କ ପାଇଁ ଗୌରବର ବିଷୟ ବୋଲି ଆଜି ଅଫିସର୍ କ୍ଲବ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାନମାସର ବରିଷ୍ଠ ସଦସ୍ୟ ତଥା ବନ୍ଦର ସିଏମଇ ସୁଶିଲ ନାହକ, ସମ୍ପାଦକ ଶ୍ରୀମନ ମିଶ୍ର ପ୍ରକାଶ କରିଛନ୍ତି । ଏହି ଅବସରରେ ରଙ୍ଗ ମହୋତ୍ସବର ପୋଷ୍ଟର ପ୍ରଦର୍ଶିତ ହୋଇଥିଲା । ଆସନ୍ତା ୨ ତାରିଖ ଦିନ ଉଦଘାଟନୀ ସନ୍ଧ୍ୟାରେ ପ୍ରସିଦ୍ଧ କଳାକାର କେ ଶ୍ରୀନିବାସ ରାଓ, ବନ୍ଦର ଅଧକ୍ଷ ପିଏଲ ହରନାଧ, ସିନେ କଳାକାର ସମରେଶ ରାଉତରାୟ, ସ୍ତମ୍ଭକାର ଗୌରହରି ଦାସ, ପାରାଦୀପ ରିଫାଇନରୀ ମୁଖ୍ୟ କୌଶିକ ବସୁ ଆନୁଷ୍ଠାନିକ ଭାବେ ମହୋତ୍ସବଟିକୁ ଉଦଘାଟନ କରିବେ । ଏହି ମହୋତ୍ସବରେ ଭୁବନେଶ୍ୱର, କଲିକତା, ମୁମ୍ବାଇ ଓ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନ ମାନେ ଓଡ଼ିଆ, ଉର୍ଦ୍ଦୁ, ହିନ୍ଦୀ, ବଙ୍ଗଳା ଓ ଶିଂହଳି ଭାଷାରେ ନାଟକ ପରିବେଷଣ କରିବେ । ପ୍ରଥମ ଥର ପାଇଁ ଶ୍ରୀଲଙ୍କାର ନାଟ୍ୟ ଅନୁଷ୍ଠାନର କଳାକାର ଆସନ୍ତା ୫ ତାରିଖ ଦିନ ସେମାନଙ୍କର ସିଂହଳି ଭାଷାର ନାଟକ ମଞ୍ଚସ୍ତ କରିବେ ଯାହାକି ପାରାଦୀପ ପରି ସହର ପାଇଁ ଗୌରବ ଆଣିଦେବ । ଏହି ସାମ୍ବାଦିକ ସମ୍ମିଳନୀରେ କାନ୍ମାସର ମିଡ଼ିଆ ସଂଯୋଜକ ନିରୋଜ ପଟ୍ଟନାୟକ ଉପସ୍ଥିତ ଥିଲେ ଓ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ରଙ୍ଗ ମହୋତ୍ସବର ଅଧିକ ପ୍ରଚାର ପ୍ରସାର ପାଇଁ ଅନୁରୋଧ କରିଥିଲେ ।

# ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପୋଲିସ ଓ ଜିଲ୍ଲା ପ୍ରଶାସନର ସ୍ଥିତି ଅନୁଧ୍ୟାନ

**ଯାଜପୁର,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଫେବ୍ରୁଆରୀ ୩ ତାରିଖ ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଶାସନିକ ଭବନ ପଡ଼ିଆରେ ହେଲିକପ୍ଟର ଯୋଗେ ଅବତରଣ କରି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କୁ ଦର୍ଶନ କରିବା ସହ ନାଭିଗୟାରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଯାଜପୁର ଚଳଚଞ୍ଚଳ ହୋଇ ଉଠିଛି । ରାଷ୍ଟ୍ରପତି ପ୍ରଶାସନିକ ଭବନ ପଡ଼ିଆରୁ ଯେଉଁ ରାସ୍ତା ଦେଇ ମା'ବିରଜା ମନ୍ଦିର ନିକଟକୁ ଯିବେ ସେ ରାସ୍ତାର ଦୁଇ ପାର୍ଶ୍ୱକୁ ବ୍ୟାରିକେଡ୍ କରାଯାଇଛି । କଡ଼ା ସୁରକ୍ଷା ବଳୟ ଭିତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମା' ବିରଜାଙ୍କ ମନ୍ଦିରକୁ ଯିବେ । ମା' ବିରଜା ମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା ବଳୟ ଭିତରେ ରଖାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ଥିବାରୁ ସେହିଦିନ ସାଧାରଣ ଦର୍ଶନ ଉପରେ କଟକଣା ଜାରି କରାଯାଇଛି । ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପୋଲିସ ଓ ଜିଲ୍ଲା ପ୍ରଶାସନ ମିଳିତ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ । ବୈଠକ ପରେ ଜିଲାପାଳ ଅମ୍ବର କୁମାର କର, ଆରକ୍ଷୀ ଅଧିକ୍ଷକ ଯଶ୍ ପ୍ରତାପ ଶ୍ରୀମଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ଡିଏସ୍‌ପି ଶଙ୍କର୍ଷଣ ଦଲେଇ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ସମେତ ପୋଲିସ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ସ୍ଥିତି ଅନୁଧ୍ୟାନ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯେଉଁ ପଡ଼ିଆରେ ଅବତରଣ କରିବେ ସେହି ପଡ଼ିଆରେ ଚାଲିଥିବା କାମର ଅନୁଧ୍ୟାନ କରିବା ସହ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ରାଜ୍ୟପାଳ ହେଲିକପ୍ଟର ଯୋଗେ ଆକାଶ ମାର୍ଗରୁ ଅବତରଣ କରିବାର କାର୍ଯ୍ୟକ୍ରମ ଥିବାରୁ ସେ ସ୍ଥିତି ମଧ୍ୟ ଅନୁଧ୍ୟାନ କରାଯାଇଥିଲା । ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଗାଡ଼ି ଗୁଡ଼ିକ କ୍ଷେତ୍ର ପରିଦର୍ଶନ କରିଥିଲେ । ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଯାଜପୁରକୁ ନବବଧୂ ଭାବେ ସଜା ଯାଉଛି । କେଉଁଠାରେ ଯେପରି ବ୍ୟତିକ୍ରମ ନ ଘଟେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ପ୍ରଥମଥର ପାଇଁ ଭାରତର ରାଷ୍ଟ୍ରପତି ଯାଜପୁର ଗସ୍ତରେ ଆସିବା ସହ ମା' ବିରଜାଙ୍କୁ ଦର୍ଶନ ଓ ନାଭିଗୟାରେ ପିଣ୍ଡଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ପୂର୍ବରୁ କୌଣସି ରାଷ୍ଟ୍ରପତି ମା' ବିରଜାଙ୍କୁ ଦର୍ଶନ କରିବା ନିମନ୍ତେ ଆସିନଥିବା ଜଣାପଡ଼ିଛି ।

# 'ବୁଦ୍ଧ ସଂଘରେ ୪୦ ବର୍ଷ' ଲୋକାର୍ପିତ

**ଭୁବନେଶ୍ୱର,୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଭୁବନେଶ୍ୱର ବୁଦ୍ଧ ମନ୍ଦିର ସହ ଦୀର୍ଘ ୪୦ ବର୍ଷର ସମ୍ପର୍କକୁ ନେଇ ବିଶିଷ୍ଟ ରାଜନେତା, ଆର୍ଯ୍ୟସମାଜ, ଓଡ଼ିଶାର ସଭାପତି ତଥା ସର୍ବଭାରତୀୟ ମହାବୋଧି ସମିତିର ପୂର୍ବତନ ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଲିଖିତ ପୁସ୍ତକ 'ବୁଦ୍ଧ ସଂଘରେ ୪୦ବର୍ଷ'କୁ ଶନିବାର ଅପରାହ୍ନରେ ଲୋକସେବା ଭବନଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଲୋକାର୍ପିତ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସଂକ୍ଷିପ୍ତ ଉତ୍ସବରେ ସ୍ୱାଗତ ଭାଷଣରେ ଡଃ ଜ୍ଞାନେନ୍ଦ୍ର କହିଲେ ଯେ, ଆଜକୁ ୪୩ବର୍ଷ ତଳେ ଡଃ ହରେକୃଷ୍ଣ ମହତାବଙ୍କ ଦ୍ୱାରା ସେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସହ ଜଡ଼ିତ ହୋଇଥିଲେ । ଦୀର୍ଘ ୪୦ ବର୍ଷର ଅଙ୍ଗେ ଲିଭାଇଥିବା ବହୁ ସତ୍ୟ ଘଟଣାର ସେ ଏହି ପୁସ୍ତକରେ ଅବତାରଣା କରିଛନ୍ତି । ବ୍ୟକ୍ତିଗତ ମାଲିକାନାକୁ ନେବା ପାଇଁ ବହୁ ବ୍ୟକ୍ତିବିଶେଷଙ୍କ ଚେଷ୍ଟାକୁ ସେ କିଭଳି ଆଇନଗତ ଭାବେ ପ୍ରତିହତ କରିଛନ୍ତି ତାହା ଏହି ପୁସ୍ତକରେ ରହିଛି । ପୁସ୍ତକର ଅଗ୍ରଲେଖ ଲେଖିଥିବା ବିଶିଷ୍ଟ ସାମ୍ବାଦିକ, ସୁବାର୍ତ୍ତାର ସମ୍ପାଦକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି କହିଲେ ଯେ, ସତ୍ୟ ଅନେକଙ୍କୁ ହୁଏତ ବାଧିପାରେ, କିନ୍ତୁ ଡଃ ଜ୍ଞାନେନ୍ଦ୍ର କଠୋର ସତ୍ୟ ପ୍ରକାଶ କରି ବୁଦ୍ଧ ମନ୍ଦିରର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନର ସହଯୋଗ କାମନା କରିବା ସହ କୌଣସି ପରିସ୍ଥିତିରେ ସ୍ୱେଚ୍ଛାଚାରିତାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ । ଶେଷରେ ପ୍ରଦୀପ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଦଳର ମୁଖପାତ୍ର ମନୋଜ ମହାପାତ୍ର, ଡଃ ସଞ୍ଜୟ କୁମାର ବେହେରା, ଅଧିବକ୍ତା ପ୍ରଶାନ୍ତ ମିଶ୍ର, ଅଧିବକ୍ତା ନଟବର ପଣ୍ଡା, ଋଟାର୍ଡ଼ ଅଲେଖ ଚନ୍ଦ୍ର ବେହେରା, ସାମ୍ବାଦିକ ଚିରଞ୍ଜିବୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ସଡ଼କ ସୁରକ୍ଷା ମାସ

**ଜଗତସିଂହପୁର,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ନିମାଇଁ ଭବନ (ଟାଉନ ହଲ)ରେ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ର ଉଦଯାପନ ହୋଇଛି । ଚଳିତ ମାସ ପ୍ରଥମ ଦିନରୁ ଏହି କାର୍ଯ୍ୟକ୍ରମ ଜଗତସିଂହପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ସମସ୍ତ ଅଟୋ ମୋବାଇଲ ଡିଲରମାନଙ୍କୁ ନେଇ ବାଇକ ରାଲି ଆରମ୍ଭ ହୋଇ ଜଗତସିଂହପୁର ସହର ପରିକ୍ରମା କରି ଗାନ୍ଧୀ ଛକ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଚାଲିଥିଲା ପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତାଧର୍ମୀ ସଭା ସହିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପରେ ସମଗ୍ର ଜିଲ୍ଲାର ପଞ୍ଚାୟତସ୍ତରରୁ ଆରମ୍ଭ କରି ବ୍ଲକସ୍ତର ପର୍ଯ୍ୟନ୍ତ ଏବଂ ବିଭିନ୍ନ କଲେଜରେ ଛାତ୍ରଛାତ୍ରୀଙ୍କ ସହ ଜନସାଧାରଣଙ୍କୁ ନେଇ ସଡ଼କ ସୁରକ୍ଷା ମାସ ୨୦୨୬ର ସଚେତନତା କାର୍ଯ୍ୟକ୍ରମ ହୋଇଥିବାର ଆଞ୍ଚଳିକ ପରିବହନ ଅଧିକାରୀ ଦିପକ କୁମାର ସେଠୀ ସୂଚନା ଦେଇଥିଲେ । ତତସହିତ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ସଚେତନତା ପାଇଁ ସପଥପାଠ କରାଇଥିଲେ । ଏଥିରେ ଜିଲ୍ଲାପାଳ ଜେ ସୋନାଲ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରଦିପ ଉଜ୍ୱଳ କରିବା ସହ ସମସ୍ତେ ରାସ୍ତାରେ ଗଲାବେଳେ ସଚେତନ ହେଲେ ସଡ଼କ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିବ ବୋଲି ମତବ୍ୟକ୍ତ ରଖିଥିଲେ । ଏଥିରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା ଯୋଗଦେବା ସହ ସମସ୍ତେ ଶୃଙ୍ଖଳାର ସହ ନିୟମ ମାନିଲେ ଦୁର୍ଘଟଣାକୁ ନିୟନ୍ତ୍ରଣ କରିହେବ ବୋଲି ବକ୍ତବ୍ୟ ରଖିଥିଲେ । ତତସହିତ ଯେଉଁମାନେ ଦୁର୍ଘଟଣାରେ ସହଯୋଗ କରୁଛନ୍ତି ସେମାନଙ୍କୁ ଭୂରି ଭୂରି ପ୍ରଶଂସା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଜଗତସିଂହପୁର ସିମା ଜେନା ଏବଂ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ପାରାଦୀପ ଅଭିଷେକ ପଣ୍ଡା ସମ୍ମାନୀତ ଅତିଥି ଭାବରେ ଯୋଗଦାନ ଦେଇଥିଲେ ।

# ୩ରୁ ସୁନାପୁର ବେଳାଭୂମି ମହୋତ୍ସବ

**ବ୍ରହ୍ମପୁର,୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀର ହୃତ ଗୌରବକୁ ଫେରେଇ ଆଣିବା ପାଇଁ ଚଳିତ ବର୍ଷ ମହା ସମାରୋହରେ ସୁନାପୁର ବେଳାଭୂମି ମହୋତ୍ସବ ଫେବୃଆରୀ ୩ ରୁ ୫ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି । ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଶନିବାର ସୁନାପୁର ଇକୋ ରିଟ୍ରିଟ ପରିସରରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ବିଧାୟକ ଶ୍ରୀ ସାମନ୍ତରାୟ ସୁନାପୁର ବେଳାଭୂମି ମହୋତ୍ସବ ସମ୍ପର୍କିତ ସବିଶେଷ ସୂଚନା ପ୍ରଦାନ କରିଥିଲେ । ଚିକିଟିସ୍ଥିତ ମା'ବାଳକୁମାରୀ ଓ ମା'ବଗଳାମୁଖୀ ମନ୍ଦିର, ଜୟନ୍ତିପୁରସ୍ଥିତ ମା'ପର୍ଣ୍ଣେଶ୍ୱରୀ ମନ୍ଦିର, ପାତ୍ରପୁରସ୍ଥିତ ମା'କୁଠାରୀଶ୍ୱରୀ, ସୁନାପୁରସ୍ଥିତ ମା'ଫୁଲକାଶୁଣୀ ଗ୍ରାମ ଦେବତୀଙ୍କ ଠାରୁ ଆଶୀର୍ବାଦ ଓ ଆଜ୍ଞା ମାଳ ଆଣି ପଣ୍ଡିତ, ସାଧୁସନ୍ଥଙ୍କ ଦ୍ୱାରା ସମୁଦ୍ର ଆଳତି କରାଯାଇ ସୁନାପୁର ବେଳାଭୂମି ମହୋତ୍ସବର ଶୁଭାରମ୍ଭ କରାଯିବ । ପ୍ରଥମ ଦିବସରେ ଓଡିଶା ବିଧାନ ସଭାର ବାଚସ୍ପତି ସୁରମା ପାଢ଼ୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କବିସୂର୍ଯ୍ୟ ନଗର ବିଧାୟକ ପ୍ରତାପ ନାୟକ ଓ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଦ୍ୱିତୀୟ ଦିବସରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଆସ୍କା ବିଧାୟକ ସରୋଜ କୁମାର ପାଢୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ଉଦଯାପନ ଦିବସରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଶିକ୍ଷ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ କୁମାର ପାଣିଗ୍ରାହୀ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବ୍ରହ୍ମପୁର ବିଧାୟକ କେ. ଅନିଲ୍ କୁମାର, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡା ବିଧାୟକ ନୀଳମଣି ବିଷୋୟୀ, ଆନ୍ଧ୍ର ପ୍ରଦେଶ ଇଚ୍ଛାପୁରମ୍ ବିଧାୟକ ବି. ଅଶୋକ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

# ଚମ୍ପୁଆରେ ସଂପୂର୍ଣ୍ଣତା ଅଭିଯାନ




**ଚମ୍ପୁଆ,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ଲକରେ ସଂପୂର୍ଣ୍ଣତା ଅଭିଯାନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କର ନୀତି ଆୟୋଗ ତରଫରୁ ଦେଶର ଅନୁନ୍ନତ ଅଞ୍ଚଳର ଦ୍ରୁତ ବିକାଶପାଇଁ ସମ୍ପୂର୍ଣ୍ଣତା ଅଭିଯାନର ଲକ୍ଷ୍ୟ ରହିଛି । ସାମାଜିକ, ଅର୍ଥନୈତିକ ବିକାଶ ସହିତ ବିବିଧ କ୍ଷେତ୍ରରେ ବ୍ୟାପକ ଉନ୍ନତି ପାଇଁ କାର୍ଯ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟଉଦେଶ୍ୟ । ଏହି ପରିପ୍ରେକ୍ଷୀରେ ଆଜି ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟଅତିଥିଭାବେ ଚମ୍ପୁଆ ବ୍ଲକ ସାଂସଦ ପ୍ରତିନିଧି ସିଦ୍ଧାର୍ଥ କୁମାର ସିଂ, ଚମ୍ପୁଆ ବିଧାୟକ ପ୍ରତିନିଧି ସଞ୍ଜୀବ କୁମାର ବେହେରା, ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ୧୫ନଂ ଜୋନ ଜିଲ୍ଲା ପରିଷଦ ରମଣି ନାଏକ, ବ୍ଲକ ଉପାଧ୍ୟକ୍ଷା ମଞ୍ଜୁଲତା ମହାକୁଡ, ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଭଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓମ ପ୍ରକାଶ ବାରିକ ପ୍ରଭୃତି ମଞ୍ଚାସିନଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ଚମ୍ପୁଆ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ସଂପୂର୍ଣ୍ଣତା ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଓଡିଶାର ୬ଟି ଜିଲ୍ଲାରେ ଏବଂ ୫୧୪ ବ୍ଲକରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମଗୁଡିକ ମଧ୍ୟରେ ଶିଶୁ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ଧନ ତଥା ପାନୀୟ ଜଳ ଓ ପରିମଳର ବିକାଶ କରିବାକୁ ୨୮ ତାରିଖ ଠାରୁ ୧୪।୪।୨୦୨୬ ତାରିଖ ଏକ ସମୟ ସୀମା ଧାର୍ଯ୍ୟ କରାଯାଇଛି । ସେହି ସମୟସୀମା ମଧ୍ୟମରେ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ଜଳ ପରିମଳ, କୃଷି ତଥା ପ୍ରାଣୀଧନ ସମ୍ପଦର ଦ୍ରୁତ ବିକାଶ ସହ ସାମଗ୍ରୀକ ଉନ୍ନତି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । କେବଳ ବିଭାଗ ନୁହେଁ ସମସ୍ତ ଲାଇନ ବିଭାଗ ଜନ ପ୍ରତିନିଧି, ଜନ ସାଧାରଣ ଆଦି ସମସ୍ତେ ଏକ ହୋଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେବା ସହିତ ଏକ ଶପଥ ପାଠ ମଧ୍ୟ କରିଥିଲେ ।

# ପାଲା ଗାୟକ ଗାୟିକା ସମ୍ମିଳନୀ

**କେନ୍ଦ୍ରାପଡ଼ା,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଗଡାସ୍ଥିତ ସିଦ୍ଧ ମରିଚିଆଣୀ ମନ୍ଦିର ପରିସରରେ ବଳଦେବଜୀଉ ମଣ୍ଡଳ ଗାୟକ/ଗାୟିକା ସମ୍ମିଳନୀ ଶରତ ଚନ୍ଦ୍ର ସ୍ୱାଇଁଙ୍କ ଆବାହତତ୍ତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ପ୍ରଫେସର ଅଜୟ ସାମଲ ସଭାପତିତ୍ୱ କରିଥିଲେ । ସରପଂଚ ସୁବନି ଚରଣ ସାହୁ , ସଭାପତି ବସନ୍ତ କୁମାର ବେହେରା, ସମ୍ପାଦକ ବିଶ୍ୱମ୍ଭର ପ୍ରସାଦ ରଣା, ମଣ୍ଡଳ ସଭାପତି ସୁଶାନ୍ତ କୁମାର ମଲ୍ଲିକ, ଫକୀର ଚରଣ ଓଝା, ପ୍ରତାପ ଚନ୍ଦ୍ର ନାୟକ, ରମଣୀ ରଂଜନ ରାଉତରାୟ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ପାଲା ସଂସ୍କୃତି ଓଡିଶାର ଏକ ଆଦ୍ୟ ଏବଂ ପୁରାତନ କଳା । ଯାହା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ପାଲା ପଚାଶ ଦଶନ୍ଧିରୁ ଦୁଇ ହଜାର ମସିହା ପର୍ଯ୍ୟନ୍ତ ପ୍ରଚାର ଏବଂ ପ୍ରସାର ଲାଭ କରିଥିଲା । ପାଲା ମାଧ୍ୟମରେ ସାହିତ୍ୟିକ, ସ୍ରଷ୍ଟା ଏବଂ ସାମାଜିକ ଚିତ୍ରକୁ ନେଇ ପାଲା ପରିବେଷଣ କରାଯାଉଥିଲା । ଯାହାର ପ୍ରଭାବ ସାମାଜିକ ଜନଜୀବନ ଉପରେ ପ୍ରତିଫଳୀତ ହେଉଥିଲା ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଆଗାମୀ ଦିନରେ ପାଲାକୁ ଲୋକାଭିମୁଖୀ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ।

# ପ୍ରଥମ ଗ୍ରାମସ୍ତରୀୟ ହିତାଧିକାରୀ ବୈଠକ

**କଟକ,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଶନିବାର କଟକ ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ବାରଙ୍ଗ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିବା ପ୍ରସ୍ତାବିତ ଟାଉନ ପ୍ଲାନିଂ ସ୍କିମ ନମ୍ବର-୧ର ପ୍ରଥମ ଗ୍ରାମସ୍ତରୀୟ ହିତାଧିକାରୀ ବୈଠକ ସଫଳତାର ସହିତ ସମାପନ ହୋଇଛି । ରତାଗଡ଼-ଲେଙ୍କାସାହି ଏବଂ ଚଣ୍ଡିପ୍ରସାଦ ଗ୍ରାମର ଜମି ମାଲିକମାନେ ବୈଠକରେ ସକ୍ରିୟ ଅଂଶଗ୍ରହଣ କରି ଯୋଜନା ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ ।

ସିଡିଏର ଉପାଧ୍ୟକ୍ଷା ସୁଶ୍ରୀ କିରଣଦୀପ୍ କୌର୍ ସହୋତା, ଆଇଏଏସ୍‌ଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ସିଡିଏ ସଚିବ ଡକ୍ଟର ଶ୍ୱେତ କୁମାର ଦାଶ, ସହକାରୀ ଟାଉନ ପ୍ଲାନର ତଥା ନୋଡାଲ୍ ଅଫିସର (ଟାଉନ ପ୍ଲାନିଂ ସ୍କିମ) ବିଷ୍ଣୁ ପ୍ରସାଦ ସାହୁ, ପ୍ରଶାସନିକ ଅଧିକାରୀ ଜନକ କୁମାର ନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଏହି ବୈଠକର ଉଦ୍ଦେଶ୍ୟ ଥିଲା ଜମି ସମ୍ବନ୍ଧୀୟ ଯୋଜନା ପ୍ରସ୍ତାବ, ବିକାଶ ବ୍ୟବସ୍ଥା ଏବଂ ଟାଉନ ପ୍ଲାନିଂ ସ୍କିମ-୧ ଅନ୍ତର୍ଗତ ଆବଣ୍ଟନ ନୀତି ଉପରେ ଆଲୋଚନା କରିବା । ଟିପି ସ୍କିମର ନୋଡାଲ ଅଧିକାରୀ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକୁ ବର୍ଣ୍ଣନା କରିଥିଲେ, ଯେଉଁଥିରେ ଯୋଜନାବଦ୍ଧ ଭିତ୍ତିଭୂମି ବିକାଶ, ଉନ୍ନତ ରାସ୍ତା ସଂଯୋଗୀକରଣ, ସାଧାରଣ ସୁବିଧା ଯୋଗାଣ ଏବଂ ବ୍ୟବସ୍ଥିତ ସହରାଞ୍ଚଳ ବିକାଶ ଅନ୍ତର୍ଭୁକ୍ତ । ଉକ୍ତ ବୈଠକରେ ଜମି ମାଲିକମାନଙ୍କୁ ସେମାନଙ୍କର ମତାମତ, ପରାମର୍ଶ ଏବଂ ସମ୍ପୃକ୍ତ ହେବା ପାଇଁ ଉତ୍ସାହିତ କରାଯାଇଥିଲା ।

ସିଡିଏ ଉପାଧ୍ୟକ୍ଷା ସ୍ୱଚ୍ଛ ଶାସନ ଏବଂ ଅନ୍ତର୍ଭୁକ୍ତ ଯୋଜନା ପ୍ରତି ସିଡିଏର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ସିଡିଏ ଟାଉନ ପ୍ଲାନିଂ ସ୍କିମର ସଫଳ କାର୍ଯ୍ୟାନ୍ୱୟନରେ ବହୁ ମାନରେ ଜନ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ରୂପେ ଗ୍ରହଣ କରେ । ଏହା ସହ ଅଧିକାରୀମାନେ ଜମି ମାଲିକମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଯୋଜନା ପ୍ରଣୟନ ଏବଂ କାର୍ଯ୍ୟାନ୍ୱୟନ ସମୟରେ ସେମାନଙ୍କ ପରାମର୍ଶଗୁଡ଼ିକୁ ଉପଯୁକ୍ତ ଭାବରେ ବିଚାର କରାଯିବ ।

ବୈଠକଟି ଏକ ପ୍ରଶ୍ନୋତ୍ତର ଅଧିବେଶନ ସହିତ ଶେଷ ହୋଇଥିଲା, ଯାହା ଜନସାଧାରଣଙ୍କଠାରୁ ଆଗ୍ରହ ଏବଂ ସହଯୋଗ ହାସଲ କରିଥିଲା । ଟାଉନ ପ୍ଲାନିଂ ସ୍କିମ ନମ୍ବର-୧ ଅନ୍ତର୍ଗତ ସ୍ଥାୟୀ ଏବଂ ନାଗରିକ-କୈନ୍ଦ୍ରିକ ସହରାଞ୍ଚଳ ବିକାଶ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପର୍ଯ୍ୟାୟରେ ଜମି ମାଲିକମାନଙ୍କ ସହ ଆଲୋଚନା ଜାରି ରଖିବା ପାଇଁ ସିଡିଏ ପ୍ରତିବଦ୍ଧତାକୁ ଦୋହରାଇଥିଲା ।

# ତୁଣ୍ଡୁପୁର ବିଦ୍ୟାଳୟରେ ବାର୍ଷିକୋତ୍ସବ

**କେନ୍ଦ୍ରାପଡ଼ା,୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ତୁଣ୍ଡୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯଥା- ପଦ୍ମଲୋଚନ ଭୂୟାଁ, ଅମିତା ମିଶ୍ର, ସୁଶ୍ରୀ ଦିବ୍ୟକାନ୍ତି ବେହେରା ଓ ସସ୍ମିତା ମହାନ୍ତିଙ୍କ ପୂର୍ଣ୍ଣ ସହଯୋଗରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଭକ୍ତିଲତା ସାହୁ ସଭାପତିତ୍ୱ କରିଥିଲେ । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଗଡା ଗ୍ରାମପଞ୍ଚାୟତର ସରପଞ୍ଚ ସୁବନି ସାହୁ ଯୋଗଦେବା ସହିତ ସମ୍ମାନିତ ଅତିଥି ଭାବରେ ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚଙ୍କ ପ୍ରତିନିଧି ତଥା ତୁଣ୍ଡୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ପ୍ରଧାନ ଓ ସମିତି ସଭ୍ୟା ସୌଦାମିନୀ ଦାସ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ସଂଯୁକ୍ତା ସାହୁ ଯୋଗ ଦେଇଥିଲେ । ବାର୍ଷିକ ଉତ୍ସବରେ ସମସ୍ତ ଉପସ୍ଥିତ ଅତିଥି ବୃନ୍ଦ ଶିକ୍ଷାର୍ଥୀଙ୍କୁ ଉପାଦେୟ କଥା କହିବା ସହିତ ବାର୍ଷିକ କ୍ରିଡା ଉତ୍ସବ ଓ ୨୦୨୪-୨୫ ଶିକ୍ଷାବର୍ଷର ଶୈକ୍ଷିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରଥିଲେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨ ଫେବୃଆରୀ ୨୦୨୬ ● ସୋମବାର


## ଜାହାନିଆଁ କୂଳରୁ ଉଦ୍ଧାର କୁମ୍ଭୀର ରାଜନଗରରେ ଛଡ଼ାଯିବ



**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ସମୁଦ୍ର କୂଳରେ ଶନିବାର ଦେଖାଦେଇଥିବା କୁମ୍ଭୀରକୁ ରବିବାର ଦିନ ପୂର୍ବାହ୍ନ ୧୧ଟା ସମୟରେ ଉଦ୍ଧାର କରାଯାଇଛି । ସୂଚନାଯୋଗ୍ୟ କି ପୀର୍ ଜାହାନିଆଁ ପର୍ଯ୍ୟଟନ ସ୍ଥଳ ଶୀତ ଆରମ୍ଭ ନଭେମ୍ବର ମାସ ଦେଖିବାକୁ ମିଳିଥିଲା ଏକ କୁମ୍ଭୀର । ଲୋକଙ୍କୁ ଦେଖି ପୁଣି ସମୁଦ୍ରକୁ ଚାଲିଯାଇଥିଲା । ପୁନର୍ବାର ଗତ ଶନିବାର ଦିନ ପ୍ରାୟ ୧୦ ଫୁଟର ଏକ କୁମ୍ଭୀର ସମୁଦ୍ର କୂଳରେ ଦେଖିବାକୁ ମିଳିଥିଲା । ପୁନର୍ବାର କୁମ୍ଭୀର ଦେଖି ସ୍ଥାନୀୟ ଜନସାଧାରଣ ମନରେ ଭୟ ସୃଷ୍ଟି ହୋଇଥିଲା । କୁମ୍ଭୀରଟି ଉପରେ ପଡି ରହୁଥିଲା ସମୁଦ୍ରକୁ ଯାଉନଥିବା ଯାହା ଜଣାପଡିଥିଲା । କୁମ୍ଭୀରଟି ଜାହାନିଆଁ ସମୁଦ୍ର କୂଳରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ପ୍ରାୟ ଚାରି କିଲୋମିଟର ପର୍ଯ୍ୟନ୍ତ ଚାଲି ଯାଇଥିଲା । ବନ ବିଭାଗ ପକ୍ଷରୁ ବନପାଳ ମାନସ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ କୁମ୍ଭୀର ଉପରେ ନଜର ରଖିଥିଲେ । ଆଜି ରାଜନଗରରୁ ଏକ କୁମ୍ଭୀର ଧରାଳି ଦଳ ଓ ସ୍ଥାନୀୟ ବନ କର୍ମଚାରୀଙ୍କ ସହାୟତାରେ ଜାଲ ଦ୍ୱାରା ଧରିଥିଲେ ଏବଂ ରାଜନଗରର ଭିତରକନିକାରେ ଛଡାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । କୁମ୍ଭୀର କୌଣସି ଆଘାତ ଲାଗିଥିବା ଅନୁମାନ କରାଯାଉଥିଲା । ସେଠାରେ ବନବିଭାଗ ପକ୍ଷରୁ କର୍ମଚାରୀ ଗତକାଲିଠାରୁ ଜଗିରହିଥିଲେ ।

## ବ୍ରାଉନସୁଗର କାରବାର: ୪ ଗିରଫ



**ଝାରସୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର ଝାରସୁଗୁଡ଼ା ଥାନା ପୁଲିସ୍ ବିଜୁନଗରର ଏକ ପରିତ୍ୟକ୍ତ ଘରେ ବ୍ରାଉନସୁଗର କାରବାର ହେଉଥିବା ଖବର ପାଇ ଚଢ଼ଉ କରିବା ପରେ ଅନ୍ତଃରାଜ୍ୟ ଲିଙ୍କର ପର୍ଦ୍ଦାଫାସ ହୋଇଛି । ଏହି ଘଟଣାରେ ପୁଲିସ୍ ମାତ୍ର ୬.୩୬ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲେ ହେଁ ବିପୁଳ ପରିମାଣର ଷ୍ଟିମୁଲାଣ୍ଟସ ବା ଉତ୍ତେଜନାକାରୀ ଧଳାରଙ୍ଗର ଗୁଣ୍ଡ, କିଛି ପଥର ଭଳି ପଦାର୍ଥ, କାଚ ଜାର୍ ଆଦି ଜବତ କରିଛି । ପୁଲିସ୍ ମୋଟ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ବିଟିଏମ୍ କଲୋନିରେ ରହୁଥିବା ବାଲେଶ୍ୱରର ଅନନ୍ତ ପଣ୍ଡା (୫୨), ଝାରସୁଗୁଡ଼ା ଥାନା ପୁରୁଣାବସ୍ତି ବନ୍ଧପଡ଼ାର ମଣ୍ଟୁ ଦାଶ (୩୧), ବିଜୁନଗରରେ ଭଡ଼ାଘରେ ରହୁଥିବା ବିହାରର ସଞ୍ଜୟ ଓରଫ ଅନୁରାଗ ସିଂ (୩୫) ଏବଂ ଜିତୁ ଓରଫ ଅବିନାଶ କୁମାର (୩୩) । ଅଭିଯୁକ୍ତଙ୍କ ନିକଟରୁ ଓଜନ ମେସିନ୍, ଗୋଟିଏ ବାଇକ, ବ୍ରାଉନସୁଗର ପ୍ୟାକିଂରେ ବ୍ୟବହାର ହେଉଥିବା କାଗଜ ଓ ପଲିଥିନ୍ ଜବତ କରାଯାଇଥିବା ସଦର ଏସଡିପିଓ ଉମାଶଙ୍କର ସିଂ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସହର ପୁଲିସ ସୂଚନା ଅନୁସାରେ, ସଞ୍ଜୟ ଆସି ବିଜୁନଗର ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିବା ବେଳେ ସେ ବିହାରରୁ ଅବିନାଶ କୁମାର ସହାୟତାରେ ବ୍ରାଉନସୁଗର ଝାରସୁଗୁଡ଼ାକୁ ଆଣୁଥିଲା । ଏଠାରେ ବ୍ରାଉନସୁଗର ସହ ଅନ୍ୟ ଉତ୍ତେଜନାକାରୀ ପଦାର୍ଥ ମିଶାଯିବା ପରେ ଅନନ୍ତ ଓ ମଣ୍ଟୁ ସହାୟତାରେ ଝାରସୁଗୁଡ଼ାର ବିଭିନ୍ନ ଅଞ୍ଚଳରେ ଏହାକୁ ଚାଲାଣ କରାଯାଉଥିଲା ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**କୋରେଇ:ଏକ୍ସପ୍ରେସ୍ ନ୍ୟୁଜ୍**

ଜନ୍‌ହା ପଂଚାୟତରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ଶୁଭ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗ ଆକାଶ ଦାସ ନାୟକ । ଆଜି କୋରେଇର ବିଧାୟକ ଆକାଶ ଦାସ ନାୟକ ଜନ୍‌ହା ପଂଚାୟତରେ ନୂତନ ସ୍ୱାସ୍ଥ୍ୟ କେନ୍ଦ୍ର, ଜନ୍‌ହା ଖମଣ ନାଳର ପୁନଃରୁଦ୍ଧାର ଓ ମା କଲ୍ୟାଣଦେବୀ ମନ୍ଦିରର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନାର ଶୁଭାରମ୍ଭ କରିଥିଲେ । ଏଥିରେ ଜନ୍‌ହା, ଖମଣ ପଂଚାୟତ ସମେତ ଆଖପାଖ ଦୁଇ ତିନୋଟି ପଞ୍ଚାୟତର ଲୋକମାନେ ଉପକୃତ ହେବେ ବୋଲି ବିଧାୟକ ସୂଚନା ଦେଇଥିଲେ । ଯୁବ ନେତା ପ୍ରୀତିରଞ୍ଜନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜନ୍‌ହା ସରପଞ୍ଚ, ଜିଲ୍ଲା ପରିଷଦ ଅଧକ୍ଷାଙ୍କ ସମେତ ଅନେକ ସରପଞ୍ଚ, ସମିତି ସଭ୍ୟ ଓ ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ ।

## 'ସଂସ୍କାରକ ଫକୀରମୋହନ' ଶୀର୍ଷକ ଆଲୋଚନାଚକ୍ର



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡଗିରି ସ୍ଥିତ ସତ୍ୟସାଇ ଏନକ୍ଲେଭ ୱେଲଫେୟାର ସୋସାଇଟି ପକ୍ଷରୁ 'ସଂସ୍କାରକ ଫକୀରମୋହନ' ଶୀର୍ଷକ ଏକ ଆଲୋଚନା ଚକ୍ର ସୋସାଇଟି ସଭା ଗୃହରେ ପ୍ରବୋଧ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଡକ୍ଟର ଆରତି କର ଯୋଗଦେଇ କଥାସମ୍ରାଟ ଫକୀରମୋହନଙ୍କ ଚାରୋଟି ଉପନ୍ୟାସ ଓ ବିଭିନ୍ନ ଗଳ୍ପ ସମୂହରେ ନାରୀ ଜାଗରଣ, ନିଶାର କୁପ୍ରଭାବ, ଜମିଦାରମାନଙ୍କ ଅତ୍ୟାଚାର, କୁପଥଗାମୀ ଯୁବସମାଜ ଓ ଆଧୁନିକତା ନାମରେ ସ୍ୱେଚ୍ଛାଚାରିତା ପ୍ରଭୃତି ଚିତ୍ର ନିଖୁଣ ଭାବେ ବର୍ଣ୍ଣନା କରି ସମାଜରେ ସଂସ୍କାର ଆଣିବାକୁ ଚେଷ୍ଟା କରିଛନ୍ତି ଯାହାର ଆଜି ମଧ୍ୟ ପ୍ରାସଙ୍ଗିକତା ରହିଛି ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ ବର୍ଣ୍ଣନା କରିଥିଲେ । ଆଲୋଚନାରେ ବରିଷ୍ଠ ସାହିତ୍ୟିକ ପ୍ରଭାତ କୁମାର ନନ୍ଦ, ଡକ୍ଟର ଇନ୍ଦିରା ଦତ୍ତ, ଲକ୍ଷ୍ମୀଧର ମିଶ୍ର, ଅନୁଜା ମିଶ୍ର ଓ ହରେକୃଷ୍ଣ ନନ୍ଦ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଓଡ଼ିଆ ଭାଷାର ପ୍ରାଚୀନତା ଓ ମହତ୍ତ୍ୱ ସମ୍ପର୍କରେ ଜନ୍ ବିମ୍ସ ଓ ରେଭେନ୍ସା ପ୍ରଭୃତି ତତ୍କାଳୀନ ପ୍ରଶାସକଙ୍କୁ ତଥ୍ୟ ପ୍ରମାଣ ସହ ଅବଗତ କରାଇ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ବିଲୋପ କରିବାକୁ ଚାଲିଥିବା ଚକ୍ରାନ୍ତକୁ ପରାହତ କରି ପାରିଥିଲେ, ସେଥି ନିମନ୍ତେ ସେ ସଦା ନମସ୍ୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସୋସାଇଟିର ସମ୍ପାଦକ ପ୍ରଣୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ଅପହରଣ ନେଇ ବିଧାୟକ ପ୍ରାର୍ଥୀଙ୍କ ନାମରେ ଅଭିଯୋଗ

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଳ ପକ୍ଷରୁ ଆଜି ପ୍ରେସ କ୍ଲବ ସଭା ଗୃହରେ ଏକ ସାମ୍ବାଦିକ ସମ୍ମିଳନୀ କରା ଯାଇଥିଲା । ଏଥିରେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ସୁକାନ୍ତ ଶତପଥୀ, ଗଣିଆ ବ୍ଲକ ସଭାପତି ହଲିମ ଖାଁ, ନୂଆଗାଁ ବ୍ଲକ ସଭାପତି ଅଶୋକ ନାୟକ, ଦଶପଲ୍ଲା ବ୍ଲକ ସଭାପତି ବୁଲୁ ପରିଡା, ଲଡୁ କିଶୋର ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ବିଜେପିର ବିଧାୟକ ପ୍ରାର୍ଥୀ ଥିବା ରାଘବ ମଲ୍ଲିକଙ୍କ ସମ୍ପର୍କରେ ଅଭିଯୋଗ କରି କହିଲେ କାଳନ୍ଧା ଗ୍ରାମର ବନମାଳୀ ନାୟକଙ୍କ ପତ୍ନୀଙ୍କୁ ସେ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇ ଥିଲେବି ଥାନା ପକ୍ଷରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ତେଣୁ କଂଗ୍ରେସ ଏସପିଙ୍କୁ ଭେଟିବା ସହ ଆନ୍ଦୋଳନକୁ ଓହ୍ଲାଇବ । ପୀଡିତ ବନମାଳୀ ନାୟକ ମଧ୍ୟ କହିଲେ ଯେ ମୋତେ ନ୍ୟାୟ ମିଳୁ । ମୋ ସ୍ତ୍ରୀ ଆଉ ପୁଅକୁ ମୋତେ ଫେରେଇ ଦିଆଯାଉ । ଏତଦ ବ୍ୟତୀତ ଧାନ କୁଇଣ୍ଟାଲ ପିଛା ୮କିଲୋ, ୫୦୦ ଶହ କଟନୀ ଛଟନୀ ବନ୍ଦ କର, ବିଦ୍ୟୁତ ୩ ଶହ ୟୁନିଟ ମାଗଣା ଦେବା ପ୍ରତିଶ୍ରୁତି ପୂରଣ କର ଏବଂ ୬୦ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ୩୫୦୦ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଦିଅ କହି ଚେତାବନୀ ଦେଇ ଥିଲେ ଯେ, ଯଦି ସରକାର ଆମ କଥା ନ ଶୁଣନ୍ତି ତେବେ କଂଗ୍ରେସ ଦଳ ରାସ୍ତା, ଗାଡି ମଟର ଆଦି ବନ୍ଦ କରିବା ସହ ରାଜ ରାସ୍ତାକୁ ଓହ୍ଲାଇବ । ସେଥିପାଇଁ ସରକାର ଦାୟୀ ରହିବେ ।

## ସ୍କୁଲ ଛାତ ଉପରେ ବେଆଇନ ହୋର୍ଡ଼ିଂ: ବିପଦରେ ବିଦ୍ୟାର୍ଥୀ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ମହାନଗର ନିଗମ ଅନ୍ତର୍ଗତ ୫୬ ନମ୍ବର ୱାର୍ଡ ଅଧୀନସ୍ଥ ପାଇକ ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଘଟିଥିବା ଏକ ଅତ୍ୟନ୍ତ ଭୟାବହ ଓ ଚିନ୍ତାଜନକ ଘଟଣା ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରଶ୍ନର ସମ୍ମୁଖୀନ କରିଛି । ବିଦ୍ୟାଳୟର ଛାତ ଉପରେ ଶହଶହ କିଲୋ ଓଜନର ଏକ ବେଆଇନ ହୋର୍ଡ଼ିଂ ଦୀର୍ଘ ଦିନ ହେବାକୁ ବସିଥିବା ସତ୍ତ୍ୱେ ପ୍ରଶାସନ ଚୁପ୍ ରହିବା ଘଟଣା ସାଧାରଣ ଲୋକଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି କରିଛି । ଏନ୍ଏଚ୍ ସର୍ଭିସ ରୋଡକୁ ଲାଗି ରହିଥିବା ଏହି ସରକାରୀ ବିଦ୍ୟାଳୟ ଉପରେ କାହା ଇଙ୍ଗିତରେ ଏହି ହୋର୍ଡ଼ିଂ ବସାଯାଇଛି ? କେଉଁ ଗୋଷ୍ଠୀ କିମ୍ବା ପ୍ରଭାବଶାଳୀ ବ୍ୟକ୍ତି ଏଥିରୁ ଅବୈଧ ଭାବେ ଅର୍ଥ ଆଦାୟ କରି ଲାଭ ଉଠାଉଛନ୍ତି ? ଏହି ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ । ହୋର୍ଡ଼ିଂର ଅତ୍ୟଧିକ ଓଜନ ହେତୁ ବିଦ୍ୟାଳୟର ଛାତ ଓ କାନ୍ଥରେ ଗଭୀର ଫାଟ ଦେଖାଦେଇଛି । କାଳବୈଶାଖୀ, ବର୍ଷା କିମ୍ବା ଜୋର୍ ପବନ ସମୟରେ ଯଦି ଏହି ହୋର୍ଡ଼ିଂ ଭାଙ୍ଗି ପଡ଼େ, ତେବେ ଶତାଧିକ ନିରୀହ ଛାତ୍ରଛାତ୍ରୀଙ୍କ ଜୀବନ ମୁହୂର୍ତ୍ତ ମଧ୍ୟରେ ବିପଦରେ ପଡ଼ିପାରେ । ଏଭଳି ସ୍ଥିତିରେ କିଏ ଦାୟୀ ହେବ ?



ଏହା ନେଇ ଅଞ୍ଚଳବାସୀ ଓ ଅଭିଭାବକ ମହଲ ଖୋଲାମେଲା ପ୍ରଶ୍ନ ଉଠାଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଲୁହାରେ ତିଆରି ହୋଇଥିବା ଏହି ହୋର୍ଡ଼ିଂରେ କୌଣସି ଆର୍ଥିଂ ବ୍ୟବସ୍ଥା ନାହିଁ । ବର୍ଷାଦିନେ ଘଡ଼ଘଡ଼ି ମାରିଲେ ସମ୍ପୂର୍ଣ୍ଣ ବିଦ୍ୟାଳୟ ଘର ଚାର୍ଜ ହୋଇଯିବାର ଭୟଙ୍କର ଆଶଙ୍କା ରହିଛି ବୋଲି ସହକାରୀ ଶିକ୍ଷକମାନେ ସତର୍କ କରିଛନ୍ତି । ଏଥିସହ ଦୀର୍ଘଦିନ ଧରି ହୋର୍ଡ଼ିଂର ଲୁହାଗୁଡ଼ିକ ଖାଇଯାଇଥିବାରୁ ଜଏଣ୍ଟ ମରାଯାଇଥିବା ଦୃଶ୍ୟ ଦେଖିଲେ ଯେକୌଣସି ମଣିଷ ଭୟଭୀତ ହୋଇଯିବ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପୁଷ୍ପିତା ସାମଲ ସ୍ପଷ୍ଟ କରିଛନ୍ତି ଯେ ଏହି ହୋର୍ଡ଼ିଂ ବସାଇବା ପାଇଁ ବିଦ୍ୟାଳୟ ପକ୍ଷରୁ କିମ୍ବା କୌଣସି ଶିକ୍ଷା ବିଭାଗୀୟ ଅନୁମତି କେବେ ଦିଆଯାଇନି । ତେଣୁ ଏହା ସମ୍ପୂର୍ଣ୍ଣ ବେଆଇନ ଓ ନିୟମ ବିରୋଧୀ । ଅଞ୍ଚଳବାସୀ ଓ ଅଭିଭାବକମାନେ ଦାବି କରିଛନ୍ତି ଯେ ଯଥାଶୀଘ୍ର ଏହି ବେଆଇନ ହୋର୍ଡ଼ିଂକୁ ହଟାଇ ଛାତ୍ରଛାତ୍ରୀଙ୍କ ଜୀବନକୁ ସୁରକ୍ଷିତ କରାଯାଉ । ଯଦି ଏକ ମାସ ମଧ୍ୟରେ ପ୍ରଶାସନ ଏହାକୁ ନକାଢ଼େ ତେବେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ ସହ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେମାନେ ସତର୍କ କରିଛନ୍ତି ।

### ବିଧାୟକଙ୍କ ଚିଠା କାମରେ ବ୍ୟାପକ ଅର୍ଥ ଅନିୟମିତତା

## ନିମ୍ନ ମାନରକୁ ମହିଳାଙ୍କ ବିରୋଧ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ଗୋବିନ୍ଦପୁର ପଂଚାୟତରେ ଗତ ୨୦୧୯ ବିଧାନସଭା ନିର୍ବାଚନରେ ବିଜେଡି ବିଧାୟକ ଡ଼. ପ୍ରମୋଦ କୁମାର ମଲିକ ବିରୋଧୀ କଂଗ୍ରେସ ବିଜେପିଠାରୁ ୧୨ ଶହ ଊର୍ଦ୍ଧ୍ୱ ଭୋଟ ପାଇଥିବା ବେଳେ ୨୦୨୪ ବିଧାନସଭା ନିର୍ବାଚନରେ ଲୋକମାନେ ଅତିଷ୍ଠ ହୋଇ ବିଜେଡିକୁ ଶୋଚନୀୟ ପରାଜୟର ବାଟ ଦେଖାଇଥିଲେ । କେବଳ ଗୋବିନ୍ଦପୁର ପଂଚାୟତରେ ପ୍ରମୋଦ ମଲିକ ପାଇଥିବା ୧୨ ଶହରୁ ଊର୍ଦ୍ଧ୍ୱ ଭୋଟକୁ କାଟି ଶହେରୁ ଅଧିକ ଭୋଟ ବିଜେପିର ବିଧାୟକ ଛବି ମଲିକଙ୍କୁ ଦେଇ ନିର୍ବାଚିତ କରିଥିଲେ । ଯେଉଁ ଆଶା ଆଶଙ୍କାରେ ବିଧାୟକ ପରିବର୍ତ୍ତନ କରି ସାଧାରଣ ଲୋକମାନେ ଭୋଟ ଦେଇଥିଲେ ସେମାନେ ବିଧାୟକଙ୍କଠାରୁ ନିଜର ନାର୍ଯ୍ୟ ଦାବି ପାଇବା ପରିବର୍ତ୍ତେ ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ପଂଚାୟତରୁ ମାତ୍ର ୨-୩ ଜଣ ବ୍ୟକ୍ତି



ନେତାଙ୍କଠାରୁ ଚିଠା ଆଣି ନିମ୍ନମାନର କାମ କରି ମୋଟା ଅଙ୍କର ପିସି କାରବାରରେ ଲିପ୍ତ ରହିଛନ୍ତି । ସେ ଆଲୋକୀକରଣ ହେଉ କିମ୍ବା ଉକ୍ତ ପଂଚାୟତ ତରଡ଼ପଡା ଭଗବତ ଗୋସେଇଁ କମ୍ୟୁନିଟି ସେଣ୍ଟରର ପୁନଃରୁଦ୍ଧାର ହେଉ । ତରଡ଼ପଡା ସାମଲ ସାହି ରାସ୍ତା ୧୪ଲକ୍ଷ ଟଙ୍କାର ୩ଟି ବିଧାୟକ ଚିଠାରେ ସିମଳଦା ଦେବଦାସ୍ ପରଠାରୁ ମଶାଣି ଛକ ନଦୀବନ୍ଧ ରାସ୍ତା ନିମ୍ନମାନର ପିଚୁ ପକାଇ ରାସ୍ତାକାମ ହେଉଥିବାରୁ ଗ୍ରାମର ମହିଳା ବିରୋଧ କରିଥିଲେ । ସେହିଭଳି ଅନେକ ଜାଗାରେ ନିମ୍ନ ମାନର କାମ କରିଛନ୍ତି । ବିଧାୟକଙ୍କ ଚିଠାରେ କାମ କରି ନିଜ ପକେଟକୁ ମୋଟା ଅଙ୍କର ଅର୍ଥ ନେଉଛନ୍ତି । ଏଥିସହିତ ଉକ୍ତ ପଂଚାୟତରେ ଥିବା ବାଲି ଘାଟ, ଦେବୀ ନଦୀରେ ପଥର ପ୍ୟାକିଙ୍ଗ ସହିତ ପଂଚାୟତ ଓ ଏହାର ଆଖପାଖରେ ହେଉଥିବା ସରକାରୀ କାମରେ ନିଜର ଶାସକ ଦଳର ଭୟ ଦେଖାଇ ଚାନ୍ଦା ଆଦାୟ କରୁଛନ୍ତି । ଯଦି ଆଗକୁ ଏଭଳି ଜାରି ରୁହେ, ବିଧାୟକ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆଗାମୀ ଦିନରେ ଗୋବିନ୍ଦପୁରରେ ବିଜେପିକୁ ଶକ୍ତ ଝଟକା ଲାଗିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

## କୋଲ୍ ଇଣ୍ଡିଆର 'ଜୀବୋଦୟା' ରେଶମ ଚାଷ କ୍ଷେତ୍ରରେ ସଫଳତା

**ସମ୍ବଲପୁର:ଏକ୍ସପ୍ରେସ୍ ନ୍ୟୁଜ୍**

କୋଲ ଇଣ୍ଡିଆର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପାଣ୍ଠି ଦ୍ୱାରା ସମର୍ଥିତ ଆଇଆଇଟି ବମ୍ବେର ଏକ ଅନନ୍ୟ ପାଇଲଟ ପ୍ରକଳ୍ପ ଜୀବୋଦୟା ତିନି ବର୍ଷର ନିରନ୍ତର ଗବେଷଣା ଏବଂ ବିକାଶ ପରେ ନୈତିକ ରେଶମ ଚାଷ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି ।

ଏହି ପ୍ରକଳ୍ପ ଅଧୀନରେ, ଆଇଆଇଟି ବମ୍ବେର ସେଣ୍ଟର ଫର୍ ଟେକ୍ନୋଲୋଜି ଅଲଟରନେଟିଭ୍ ଫର୍ ରୁରାଲ୍ ଏରିଆସ୍ (ସି-ତାରା) ସଫଳତାର ସହ ରେଶମ ଚାଷର ଏକ ଅଭିନବ କୌଶଳ ବିକଶିତ କରିଛି ଯେଉଁଥିରେ ରେଶମ କୀଟ ମାରିବାର ଆବଶ୍ୟକତା ନାହିଁ । ପାରମ୍ପରିକ ପଦ୍ଧତିର ବିପରୀତ ଏହି କୌଶଳରେ ରେଶମ କୀଟ ରେଶମ ସୂତା ଉତ୍ପାଦନ



କରିବା ପରେ ପତଙ୍ଗରେ ରୂପାନ୍ତରିତ ହୋଇ ସେମାନଙ୍କର ପ୍ରାକୃତିକ ଜୀବନ ଚକ୍ରକୁ ସମ୍ପୂର୍ଣ୍ଣ କରିଥାଏ । ସେଥିପାଇଁ, ଏହି ରେଶମର ନାମ 'ଜିବୋଦୟା ସିଲ୍କ' ରଖାଯାଇଛି, ଯାହା ମାନବିକ ଏବଂ ନୈତିକ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି । ପାରମ୍ପରିକ ଭାବରେ, ମଲବେରୀ ପତ୍ରରେ ପାଳନ କରାଯାଉଥିବା ରେଶମ କୀଟମାନେ ନିଜ ଚାରିପାଖରେ କୋକୁନ୍ ଗଠନ କରନ୍ତି । ରେଶମ ବାହାର କରିବା ପାଇଁ ଏହି କୋକୁନକୁ ସିଝାଇ ଦିଆଯାଏ, ଯାହା ଲକ୍ଷ ଲକ୍ଷ ରେଶମ ପୋକଙ୍କ ମୃତ୍ୟୁର କାରଣ ହୋଇଥାଏ । 'ଜୀବୋଦୟା' ପ୍ରକଳ୍ପ ସହାନୁଭୂତିଶୀଳ ବୈଜ୍ଞାନିକ ନବସୃଜନ ମାଧ୍ୟମରେ ରେଶମ ଚାଷ ପ୍ରକ୍ରିୟାକୁ ପୁନଃ ପରିଭାଷିତ କରିଛି ଏବଂ ଏହି ଦୀର୍ଘ ଦିନର ଅଭ୍ୟାସକୁ ଆହ୍ୱାନ ଦେଇଛି ।

ନିରନ୍ତର ପରୀକ୍ଷଣ ପରେ, 'ସି-ତାରା 'ଏକ ବିରଳ ବୈଜ୍ଞାନିକ ସଫଳତା ହାସଲ କରିଛି, ଯାହା ଅଧୀନରେ ରେଶମ କୀଟମାନଙ୍କୁ କୋକୁନ୍ ଗଠନ ନକରି ଏକ ସମତଳ ପୃଷ୍ଠରେ ରେଶମ ସୂତା ବୁଣିବା ପାଇଁ ତାଲିମ ଦିଆଯାଇଥିଲା । ଫଳସ୍ୱରୂପ, ରେଶମ କୀଟଗୁଡ଼ିକ ଆଉ କୋକୁନ୍ ଗଠନ କରିବାର ଆବଶ୍ୟକତା ନାହିଁ ଏବଂ ଶେଷରେ ପତଙ୍ଗ ଭାବରେ ମୁକ୍ତ ଭାବରେ ଉଡ଼ିବାକୁ ସକ୍ଷମ ଅଟନ୍ତି । ଏହି ସଫଳତା ପ୍ରାଚୀନ ଭାରତୀୟ ଦର୍ଶନର ଭାବନାକୁ ପ୍ରତିଫଳିତ କରିଥାଏ ।

ନିରନ୍ତର ସି.ଏସ୍.ଆର୍. ସହାୟତା ଜରିଆରେ ଏହି ଅସାଧାରଣ ପରୀକ୍ଷଣକୁ ସଫଳତାରେ ପରିଣତ କରିବାରେ କୋଲ୍ ଇଣ୍ଡିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ନୈତିକ ଏବଂ ପରିବେଶଗତ ଗୁରୁତ୍ୱ ସହିତ, ଏହି ପ୍ରଯୁକ୍ତିବିଦ୍ୟା ରେଶମ ଚାଷ ସହିତ ଜଡିତ ସମସ୍ତ କୃଷକମାନଙ୍କ ପାଇଁ ଆୟର ଏକ ନୂତନ ଏବଂ ସ୍ଥାୟୀ ଉତ୍ସ ମଧ୍ୟ ପ୍ରଦାନ କରିଥାଏ, ଯାହା ଗ୍ରାମୀଣ ଜୀବିକା ନିର୍ବାହକୁ ମଜବୁତ କରିବ । 'ଜୀବୋଦୟା' ପାଇଲଟ ପ୍ରକଳ୍ପର ସଫଳତା ସହିତ, ଏହି ପଦକ୍ଷେପ ସ୍ଥାୟୀ ଏବଂ ନୈତିକ ରେଶମ ଚାଷର ବ୍ୟାପକ ଗ୍ରହଣ ଏବଂ ପ୍ରୋତ୍ସାହନ ପାଇଁ ଅପାର ସମ୍ଭାବନା ରଖିଛି ।

## ଆକାଶବାଣୀ ସ୍ୱୀକୃତି ପ୍ରାପ୍ତ ମ୍ୟୁଜିକ କମ୍ପୋଜର୍ସ ଆସୋସିଏସନର ବୈଠକ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସ୍ତରୀୟ ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ମ୍ୟୁଜିକ କମ୍ପୋଜର୍ସ ଆସୋସିଏସନର ବୈଠକ ରବିବାର ସ୍ଥାନୀୟ ଚହଟା ସ୍ଥିତ ରଶ୍ମି ପ୍ୟାଲେସଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆସୋସିଏସନର ସଭାପତି ପ୍ରଫୁଲ୍ଲ ମିତ୍ର ଅଧକ୍ଷତା କରିଥିଲେ । ଉକ୍ତ ବୈଠକରେ ଭାରତୀୟ ସଂଗୀତ, ଓଡ଼ିଶା ବିଭିନ୍ନ ଶୈଳୀର ସଂଗୀତ ତଥା ଲୋପ ପାଇ ଆସୁଥିବା ସଂଗୀତର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସଂଗୀତ ସଂଯୋଜକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସର୍ବ ସମ୍ମତି କ୍ରମେ ମତ ପ୍ରକାଶ ପାଇଥିଲା । ଏହି ବୈଠକରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସଂଗୀତ ନିର୍ଦ୍ଦେଶକ ଓମ ପ୍ରକାଶ ମହାନ୍ତି, ମନ୍ମଥ ମିଶ୍ର, ସୁବାସ ଦାସ, ଚୌଧୁରୀ ଭାରତୀକୃଷ୍ଣ ଦାସ, ଜଗନ୍ନାଥ କୁଅଁର, ବିଶ୍ୱନାଥ ମିଶ୍ର, ଗୁରୁ ପ୍ରସାଦ ଦାସ, ସୁଶାନ୍ତ ନାଥ, ପ୍ରଫୁଲ୍ଲ ବେହେରା, ଗଂଗାଧର ଦାସ, ବିଜୟ ସାମନ୍ତରାୟ, ଶଙ୍କର ପ୍ରଧାନ, ସନ୍ନ୍ୟାସୀ ପରିଛା, ଧୀରେନ ପଟ୍ଟନାୟକ, ପରମାନନ୍ଦ ସାହୁ, ପ୍ରଦୀପ ଗୁରୁୱାରା, ରଂଜନ ମିଶ୍ର, ମନୋରଂଜନ ପାଢ଼ିଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ସଂଗୀତ ନିର୍ଦ୍ଦେଶକ ଉପସ୍ଥିତ ଥିଲେ । କର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ୨ ବରିଷ୍ଠ ପୋଲିସ ଅଧିକାରୀ ଅମିତାଭ ମହାପାତ୍ର ଓ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇ ମାର୍ଗ ଦର୍ଶନ କରିଥିଲେ । ବୈଠକ ପ୍ରାରମ୍ଭରେ ଦିବଂଗତ ସୀତାର ବାଦକ ତଥା ସଂଗୀତ ସଂଯୋଜକ ରବି ଶଙ୍କର ପ୍ରଧାନ, ଅଖିଳ ଲେଙ୍କା, ଭାନୁମତି ସାହୁ, ନିହାର ରଂଜନ ମହାନ୍ତି ଓ ରାଧାକାନ୍ତ ନନ୍ଦଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା ।

## ରାଧା କୃଷ୍ଣଙ୍କ ଅଷ୍ଟପ୍ରହରୀ

**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ଚଉଦଗୁଣ୍ଠ ଗ୍ରାମରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଚତୁର୍ଦ୍ଦଶୀ ତିଥିରେ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀ ରାଧାକୃଷ୍ଣ ମଠ ପ୍ରାଙ୍ଗଣରେ ବାର୍ଷିକ ଅଷ୍ଟପ୍ରହରୀ ନାମଯଜ୍ଞ -୨୦୨୬ ପାଳିତ ହୋଇଯାଇଛି । ଗ୍ରାମବାସୀଙ୍କ ମିଳିତ ଉଦ୍ୟମ ଏବଂ ଯୁବକମାନଙ୍କର ସହଯୋଗରେ ତିନିଦିନ ଧରି ଆୟୋଜିତ ଏହି ଧର୍ମାନୁଷ୍ଠାନ ଶନିବାର ଆରମ୍ଭ ହୋଇ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୀର୍ତ୍ତନ ମଣ୍ଡଳ ହରିନାମ କୀର୍ତ୍ତନ କରି ବେଶ୍ ଭକ୍ତି ଭାବ ଜାଗ୍ରତ ଅତ୍ୟନ୍ତ ଆକର୍ଷଣ ସାଜିଥିଲା । ନାମପ୍ରେମୀ ଭକ୍ତମାନେ ବେଶ୍ ବିଭୋର ହୋଇଥିଲେ । ଦ୍ୱିତୀୟ ଦିବସରେ ବୈଠକ କୀର୍ତ୍ତନ ପରେ ନଗର ପରିକ୍ରମା କରାଯାଇ ପ୍ରସାଦ ସେବନ କରାଯାଇଥିଲା । କାର୍ଯ୍ୟକ୍ରମରେ ଚଉଦଗୁଣ୍ଠ ଗ୍ରାମବାସୀର ଭାଗବତ ମହାପାତ୍ର, ସଚ୍ଚିକାନ୍ତ ମହାପାତ୍ର, ବିଶ୍ୱନାଥ ମହାପାତ୍ର, ସହଦେବ ମହାପାତ୍ର, ଆଲୋକ ମହାପାତ୍ର, ଧନେଶ୍ୱର ମହାପାତ୍ର, ପ୍ରକାଶ ମହାପାତ୍ର, ସୁଦର୍ଶନ ମହାପାତ୍ର, ଆଦିକନ୍ଦ ମହାପାତ୍ର, ଭଗବାନ ଜେନା, ମଦନା ମହାପାତ୍ର, ବିଭୁ ପ୍ରସାଦ ମହାପାତ୍ର, ଲୋଚନ ମହାପାତ୍ର, ସଂଜୟ ମହାପାତ୍ର, ସମସ୍ତ ଗ୍ରାମବାସୀ ସହଯୋଗ କରିବା ସହିତ ପ୍ରସାଦ ସେବନ କରିଥିଲେ ।

## ଖଣ୍ଡିଆ ଜଗନ୍ନାଥଙ୍କ ମୃତ୍ୟୁ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ପୌରାଞ୍ଚଳ, ପଞ୍ଚୁଘଣ୍ଟା ଗ୍ରାମର ଦିବ୍ୟାଙ୍ଗ ଜଗନ୍ନାଥ ଦାସ (୬୭)ଙ୍କ ଶୁକ୍ରବାର ରାତ୍ରିରେ ବାଲେଶ୍ୱର ହସ୍ପିଟାଲରେ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ସେ ଜନ୍ମରୁ ଗୋଡ଼ ହାତ ଖଣ୍ଡିଆ ହୋଇଥିବା ବେଳେ ତାଙ୍କୁ ଶ୍ରଦ୍ଧାରେ ସମସ୍ତେ ଖଣ୍ଡିଆ ଜଗନ୍ନାଥ ବୋଲି ସମ୍ବୋଧନ କରି ସହାୟତା କରୁଥିଲେ । ତାଙ୍କର ଧର୍ମପତ୍ନୀ ସହ ରିକ୍ସାରେ ଭିକ୍ଷାବୃତ୍ତି କରି ଜୀବନ ଧାରଣ କରୁଥିବା ବେଳେ ସମସ୍ତ ଯାତ୍ରୀ ଓ ସହରବାସୀ ତାଙ୍କୁ ଭଲ ପାଉଥିଲେ । ଅସହାୟ ଦମ୍ପତିଙ୍କୁ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ପକ୍ଷରୁ ଦୀର୍ଘ ୬ବର୍ଷଧର ନିରନ୍ତର ମଧ୍ୟାହ୍ନରେ ଖାଦ୍ୟ ଯୋଗାଇ ଦିଆଯାଉଥିଲା । ସେ କିଛିଦିନ ତଳେ ମସ୍ତିଷ୍କାଘାତ ରୋଗରେ ପୀଡ଼ିତ ହୋଇ ଜଳେଶ୍ୱର ହସପିଟାଲରେ ଭର୍ତ୍ତି ପରେ ବାଲେଶ୍ୱର ସ୍ଥାନାନ୍ତର ବେଳେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ଖବର ପାଇ ଶବ ସତ୍କାର କ୍ଷେତ୍ରରେ ନିଆରା ନିଦର୍ଶନ ସାଜିଥିବା ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ସଂଗଠନର ପ୍ରମୁଖ ସଭ୍ୟ ହରିଶଙ୍କର ପଣ୍ଡା ଓ ସହଯୋଗୀ ଏବଂ କାଉନସିଲର ଚିତ୍ତରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମ୍ୟ ମୁଖ୍ୟ ଓ ସ୍ଥାନୀୟବାସି ସହଯୋଗରେ ସୁବର୍ଣ୍ଣରେଖା ନଦୀ କୂଳ ପଞ୍ଚୁଘଣ୍ଟା ଠାରେ ଶବ ସତ୍କାର ହୋଇଥିଲା ।



## ୧୨ରେ ଭାରତ ବନ୍ଦକୁ ସଫଳ କରିବା ଲାଗି ଆହ୍ୱାନ

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଫେବୃଆରୀ ୧୨ ତାରିଖରେ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ଆହୁତ 'ସର୍ବଭାରତୀୟ ଧର୍ମଘଟ' ଓ 'ଭାରତ ବନ୍ଦ'କୁ ସଫଳ କରିବା ପାଇଁ ଭଦ୍ରକ ଜିଲ୍ଲା ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଏକ ବିଶାଳ ପ୍ରସ୍ତୁତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

ଏହି ସମ୍ମିଳନୀରେ କାଳନ୍ଦୀ ପାତ୍ର (ସିଆଇଟିୟୁ), ରମେଶ ଜେନା (ଏଆଇଟିୟୁସି), ସମର ବଳ (ଏଆଇସିସିଟିୟୁ) ଏବଂ ରାମଚନ୍ଦ୍ର ଶଙ୍ଖୁଆ (ଏଆଇୟୁଟିୟୁସି)ଙ୍କୁ ନେଇ ଏକ ଅଧକ୍ଷ ମଣ୍ଡଳୀ ଗଠନ କରାଯାଇଥିଲା । କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପ୍ଲାଟଫର୍ମର ସମନ୍ୱୟକ ତଥା ଏଆଇସିସିଟିୟୁର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା ଏହି ସମ୍ମିଳନୀରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ବିରୋଧୀ ନୀତି ଉପରେ ଶାଣିତ ଆକ୍ରମଣ କରିଥିଲେ । ଏହି ଅବସରରେ ବସନ୍ତ ନାୟକ, ନବ ବେହେରା, ଭୀମସେନ ଶଙ୍ଖୁଆ, ଶାନ୍ତିଲତା ରାଉତ, ସୀତା ଦାସ, ସୁରଜିତ ନାୟକ, ରଂଜିତା ପଣ୍ଡା, ଗାୟତ୍ରୀ ବେହେରା, ଦିବ୍ୟସିଂହ ନାୟକ, ସମର ବଳ, ପ୍ରଭାସ ମହାପାତ୍ର, ଶୁଭେନ୍ଦୁ ପ୍ରତାପ ମହାନ୍ତି, ପର୍ଶୁରାମ ଲେଙ୍କା, ନିରଞ୍ଜନ ପାଣି, ଚନ୍ଦ୍ର ଶେଖର ନାୟକ, ଗୌରାଙ୍ଗ ଜେନା, ପ୍ରତାପ ସେଠି, ଜୟନ୍ତୀ ବିଶ୍ୱାଳ, କଳ୍ପନା ରାଉତ, ରେଙ୍ଗ ହଳଦା ଓ ରବିନ ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇ ୧୨ ଫେବୃଆରୀର 'ଭାରତ ବନ୍ଦ'କୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଶେଷରେ ବିଷ୍ଣୁ ଦାସ ସମସ୍ତ ଅଂଶଗ୍ରହଣକାରୀ ଓ ଶ୍ରମିକ ଭାଇଭଉଣୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




## ରାଧାକୃଷ୍ଣ ଗିରିଙ୍କୁ କଳାରତ୍ନ ସୁଧା ସମ୍ମାନ

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଆ ଯାତ୍ରା କଳାକୁ ସମୃଦ୍ଧ କରିବା ଲାଗି ଆଜୀବନ ସମର୍ପିତ ବିଶିଷ୍ଟ ନାଟ୍ୟ ଗୁରୁ ରାଧାକୃଷ୍ଣ ଗିରି(୭୭)ଙ୍କୁ ଜାତୀୟ ସ୍ତରୀୟ ଚିତ୍ର ଲେଖା ମେଗା ଆୱାର୍ଡ଼ ଉତ୍ସବରେ ସମ୍ମାନୀତ କରାଯାଇଛି । ଭାରତ ସରକାରଙ୍କ କଳା ସଂସ୍କୃତି ବିଭାଗ ବିକାଶ ଫାଉଣ୍ଡେସନ ଆନୁକୂଲ୍ୟରେ ଶନିବାର ସଂଧ୍ୟାରେ କଲିକତା ମହାନଗରୀ ସ୍ଥିତ ସତ୍ୟଜିତ ରାୟ ଅଡିଟୋରିୟମରେରେ ଆୟୋଜିତ ସଭାରେ ବିଭିନ୍ନ ରାଜ୍ୟର କଳା କ୍ଷେତ୍ରରେ ପ୍ରତିଷ୍ଠା ହାସଲ କରିଥିବା ୨୨ଜଣ ବର୍ଷୀୟାନ ହସ୍ତୀଙ୍କୁ ସମ୍ମାନୀତ କରାଯାଇଥିଲା । ଓଡ଼ିଆ ନାଟ୍ୟ ଜଗତକୁ ସମୃଦ୍ଧି ଦେଇଥିବା ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିବାସୀ ଗୁରୁ ଗୌରବ ରାଧାକୃଷ୍ଣ ଗିରିଙ୍କୁ ଉପାୟନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ କଳାରତ୍ନ ସୁଧା ସମ୍ମାନରେ ମଧ୍ୟ ସମ୍ମାନୀତ କରାଯାଇଛି । ନାଟ୍ୟକାର ଗିରି ଅଦ୍ୟାବଧି ୪୦ରୁ ଊର୍ଦ୍ଧ୍ୱ ନାଟକ ରଚନା, ଶହ ଶହ ନିର୍ଦ୍ଦେଶନା, ଶତାଧିକ ନାଟକରେ ନିଖୁଣ ଅଭିନୟ ଏବଂ ଗୀତିକାର ଭାବେ କଳା ଜଗତରେ ନିଜର ପରାକାଷ୍ଠା ଦେଖାଇ ଚାଲିଛନ୍ତି । କଳା ପ୍ରେମୀ, ଶୁଭେଚ୍ଛୁ, ଯାତ୍ରା ଅଭିନେତାମାନଙ୍କ ପକ୍ଷରୁ ଅଭିନନ୍ଦନର ସୁଅ ଛୁଟୁଥିବା ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ବର୍ଷୀୟାନ ନାଟ୍ୟାଚାର୍ଯ୍ୟଙ୍କୁ ପୁରସ୍କାର ପାଇଁ ସାଧାରଣରେ ଦାବି ହେଉଛି ।

## ଆଦିବାସୀ ମହୋତ୍ସବ ପାଇଁ ପ୍ରସ୍ତୁତି

**ମୁରିବାହାଲ:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଏକ ଆଦିବାସୀ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ମୁରିବାହାଲ ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ଧରୁଆଙ୍କ ନେତୃତ୍ୱରେ ସଭା ଆୟୋଜନ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବରେ ମୁରିବାହାଲ ତହସିଲଦାର ଜଗଦିଶ କରତାମି, ସମ୍ମାନୀତ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସାଧାରଣ ସମ୍ପାଦକ ପୁରୁଷୋତ୍ତମ ଧରୁଆ, ମୁଖ୍ୟବକ୍ତା ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘର ଉପ-ସଭାପତି ସୁରେସ ଭୋଇ, ମୁରିବାହାଲ ବ୍ଲକ ଉପ ସଭାପତି ସର୍ଙ୍କର୍ତ୍ତନ ଶିକା, ସମ୍ପାଦକ ମଧୁ ଯାନୀ, ସହ ସମ୍ପାଦକ ତୁଳସୀରାମ ଭୋଇ, ବ୍ଲକ ସଂଗଠକ ପାର୍ଥ ରାମ ଭୋଇ, କାର୍ଯ୍ୟକାରି ସଭାପତି ଶିବ ଧରୁଆ, ଟୁପା ପ୍ରଗଣା କନ୍ଧସମାଜ ଉପସମିତି ହଳଦୀ ପଞ୍ଚାୟତ ସଭାପତି ଚୂଡ଼ାମଣି ପୂଝାରି, ଟୁପା ପ୍ରଗଣା ପାତଲପଡା ଗ୍ରାମ୍ୟ ସଭାପତି ଯଦୁମଣି ଭୋଇ, ମୁରିବାହାଲ ଗଣ୍ଡ ସମାଜ ମଣ୍ଡଳ ସଭାପତି ଗଙ୍ଗାରାମ କୁଅଁର, ବନବାହାଲ ଗଣ୍ଡ ସମାଜ ସଭାପତି ନକୁଳ କୁଅଁର, ଡଙ୍ଗରପଡା ଗଣ୍ଡ ସମାଜ ସଭାପତି ଗୋବିନ୍ଦ ଧରୁଆ, ମୁରିବାହାଲ ବ୍ଲକ ସହରା ସମାଜ ସଭାପତି ନାରାୟଣ ଭୋଇ, ମୁରିବାହାଲ ବ୍ଲକ କନ୍ଧ ସମାଜ ବୁଡକା ପ୍ରଗଣା ସଭାପତି ନିଲାଞ୍ଚଳ ଭୋଇ, ମୁରିବାହାଲ ବ୍ଲକ ସଂଗଠକ ଯୁଧିଷ୍ଠିର ମାଝୀ, ଯୁବ ସଂଗଠନ କନ୍ଧ ସମାଜ ମୁରିବାହାଲ ବ୍ଲକ ସଭାପତି ଦୁର୍ଗମଣୀ ପ୍ରଧାନୀ, ଟୁପା ପ୍ରଗଣା ଉପ ସମିତି ହଳଦୀ ସଂଗଠକ କୈଳାସ ମାଝି, ଜିଲ୍ଲା ଯୁବ ସଂଗଠନ କନ୍ଧ ସମାଜ ସାଂସ୍କୃତିକ ସମ୍ପାଦକ ସୋହନ ମାଝୀ, ମନୋରଞ୍ଜନ ଭୋଇ ମୁରିବାହାଲ ବ୍ଲକ ଯୁବ ସଂଗଠନ କନ୍ଧ ସମାଜ ସମ୍ପାଦକ ଗୋପାଳ ସିଂ ଭୋଇ, ମୁରିବାହାଲ ଉଦ୍ୟାନ ବିଭାଗ ଅମିତ କୁମାର ଭୋଇ, ଅଗ୍ନି ଶମ ବିଭାଗ ମୁରିବାହାଲ ବ୍ଲକ ବଂଶିଧର ଭୋଇ, ଲଖନା ଗ୍ରାମ ପଞ୍ଚାୟତ କନ୍ଧ ସମାଜ ସଭାପତି ମଦନମୋହନ ସିଂ ଭୋଇ, ବାଳ ଗୋବିନ୍ଦ ମାଝୀ, ବିଷ୍ଣୁ ଝାଙ୍କର, ଜଳ, ଜମି, ଜଙ୍ଗଲ, ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ ମାନଙ୍କର ହକ ଅଧିକାର ପାଇଁ ଆଲୋକ ପାତ କରିଥିଲେ । ଏଥିରେ ଆଦିବାସୀ ମୁରିବାହାଲ ବ୍ଲକ ଉପ ସଭାପତି ସର୍ଙ୍କର୍ତ୍ତନ ଶିକା ସଂଯୋଜନା କରିଥିଲେ ଏବଂ ବଂଶୀ ଭୋଇ ଧନ୍ୟବାଦ ଦେଇଥିଲେ ।



## ମାଲ୍ୟବନ୍ତ ମହୋତ୍ସବର କଳସ ଯାତ୍ରା

**ମାଲକାନଗିରି:ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହ୍ୟ, ପରମ୍ପରା, କଳା, ସଂସ୍କୃତି ଓ ଆଦିବାସୀଙ୍କ ଜୀବନଧାରାର ନିଚ୍ଛକ ପ୍ରତି ଛବି ମାଲ୍ୟବନ୍ତ ମହୋତ୍ସବର ମୁଖ୍ୟ ଜିଲ୍ଲା ସ୍ତରୀୟ ଉତ୍ସବର ଶୁଭାରମ୍ଭ ଆଜି ହୋଇଛି । ମାଲକାନଗିରି ଜିଲ୍ଲାରେ ଆଦିବାସୀ କଳାସଂସ୍କୃତିକୁ ବଞ୍ଚାଇ ରଖି ଦେଶ ବିଦେଶରେ ପ୍ରଚାର ପ୍ରସାର କରିବା ସହିତ ରାଜ୍ୟ ଓ ଦେଶ ବାହାରର ବାହାରର କଳାକାରମାନଙ୍କ କଳାଚାତୁରିକୁ ଜାଣିବା ପାଇଁ ମାଲ୍ୟବନ୍ତ ମହୋତ୍ସବ ଆରମ୍ଭ ହୋଇଛି ।

ଆଜି ଉତ୍ସବର ପ୍ରଥମ ଦିବସ ହୋଇଥିବାରୁ ସକାଳେ ଜିଲ୍ଲାସ୍ତରୀୟ ଉତ୍ସବ ପାଇଁ ମାଲକାନଗିରି ଜିଲ୍ଲା ସଦର ମହକୁମାଠାରେ ଥିବା ଜଗନ୍ନାଥ ମନ୍ଦିରରୁ ଶୁଭ ଜଳପୂର୍ଣ୍ଣ କଳସ ଶୋଭା ଯାତ୍ରାରେ ନୃତ୍ୟଦଳ, ଯୋଡିଶଙ୍ଖ, ଦୁଲଦୁଲି ବାଜା, ବଣ୍ଡା, କୋୟା, ପରଜା, ଭୁମିୟା, ଦୁରୁଆ ଆଦିବାସୀ ଜେମସା, ଜୋଡିଶଙ୍ଖ ବାଜା ଓ ନୃତ୍ୟର ତାଳେତାଳେ ସହର ପରିକ୍ରମା କରାଯାଇ ଡିଏନକେ ମଇଦାନ ମାଲ୍ୟବନ୍ତ ମଣ୍ଡପ ନିକଟକୁ ନିଆଯାଇ ସେଠାରେ ସ୍ଥାପନା କରାଯାଇଛି । ଏହି କଳସ ଯାତ୍ରାରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ବିନୋଦ ପାଟିଲ ଏଚ, ଡିଏଫଓ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ଉନ୍ନୟନ ଓ ମୁଖ୍ୟ ନିର୍ବାହି ଅଧିକାରୀ ଦାଶରଥୀ ସରାବୁ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ସଂନ୍ତ୍ରାସ ନାରାୟଣ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ପୌରପରିଷଦ ଚେୟାରମ୍ୟାନ ମନୋଜ ବାରିକ, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାଶ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ଆଦିବାସୀ ସମାଜ ମହା ସଂଘ ସଭାପତି ବନ୍ଧୁ ମୁଦୁଲି, ଘେନୁ ମୁଦୁଲି, ପ୍ରମୁଖ ଜିଲ୍ଲାସ୍ତରୀୟ ବ୍ଲକ ସ୍ତରୀୟ ଅଧିକାରି ବିଭିନ୍ନ ରାଜନୈତିକ ନେତା, ଗଣମାଧ୍ୟମ ପ୍ରତିନିଧି, ଜନସାଧାରଣ ଉପସ୍ଥିତ ଥିଲେ । ଖୁସିରେ କଳସ ସୋଭାଯାତ୍ରାରେ ବିଧାୟକ, ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ଅଧକ୍ଷା, ଉପଜିଲ୍ଲାପାଳ, ପୌରପରିଷଦ ଅଧକ୍ଷଙ୍କ ସହିତ ଅନ୍ୟାନ ଅଧିକାରୀମାନେ ନୃତ୍ୟଦଳ ସାଥିରେ ରାସ୍ତାରେ ହାତ ଧରାଧରି ହୋଇ ନୃତ୍ୟ କରିଥିଲେ । ଏହି କଳସ ଯାତ୍ରା ସହର ପରିକ୍ରମା କରି ମାଲ୍ୟବନ୍ତ ମଣ୍ଡପରେ ପହଁଚି ଥିଲା । ରବିବାର ସନ୍ଧ୍ୟାରେ ମୁଖ୍ୟ ମାଲ୍ୟବନ୍ତ ମହୋତ୍ସବରେ ସୁପ୍ରସିଦ୍ଧ ଗାୟିକା ତ୍ରିଶା ଚାଟାର୍ଜି, ଶ୍ରୀଜାତା ଉପାଧ୍ୟାୟ, ଗାୟକ ସନତ ପାଣିଗ୍ରାହୀ, ସଙ୍ଗୀତ ଗାନ କରିବା ସହିତ ଘୁମୁରା, କୋୟା, ଓଡିଶୀ ନୃତ୍ୟ, ଗୋଟିପୁଅ, ଜେମସା ନୃତ୍ୟ ପରିବେଷଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।



## କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ମହାନଗର ନିଗମର ୱାର୍ଡ ନଂ ୫୩ ଅନ୍ତର୍ଗତ ଅନ୍ଦରପୁର ସ୍ଥିତ ବିଟ ହାଉସ ନିକଟରେ ସିଏମସି ଦ୍ୱାରା ପ୍ରାୟ ୪୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନୂତନ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କରିଥିଲେ । କାର୍ଯ୍ୟକ୍ରମରେ ସିଏମସି କର୍ପୋରେଟରବୃନ୍ଦ, ଦଳର ବରିଷ୍ଠ କର୍ମକର୍ତ୍ତା, ଅଂଚଳର ମୁରବୀ, ବିଭାଗୀୟ ଅଧିକାରୀ ଏବଂ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 2nd February, 2026 Monday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ହେଲ୍‌ଥ ଟନିକ୍



### ଦୋସା ଚଟଣୀ ଖାଇବା ପରେ

ୟୁରୋପ ଯାଇଥିବା ଦକ୍ଷିଣ ଭାରତର ଜଣେ ଯୁବକକୁ ସେଠାକାର ତା'ର ଜଣେ ସାଙ୍ଗ ପଚାରିଲା- ଶୁଣିଛି, ଆମ ଏଠିକାଭଳି ତୁମର ସେଠି ଝାଡ଼ା କରିସାରିଲା ପରେ କାଗଜରେ ନପୋଛି ପାଣିରେ ଧୋଇ ଦିଅନ୍ତି ? ଏହାର କାରଣ କ'ଣ ?

ଭାରତୀୟ ଯୁବକ କହିଲା- ଏହା ହିଁ ଆମ ସେଠାକାର ବିଧି। ଆମେ ପାଣିରେ ଶୌଚ ହେଉ। ନହେଲେ ଅସନା ଲାଗିବ।

ଦିନେ ଏହି ଦକ୍ଷିଣ ଭାରତୀୟ ଯୁବକ ସହିତ ତା'ର ସେହି ୟୁରୋପୀୟ ବନ୍ଧୁ ମାଡ୍ରାସ ସହର ବୁଲିବାକୁ ଆସିଲା। ସେମାନେ ଦୁହେଁ ଗୋଟିଏ ହୋଟେଲ୍‌ରେ ଦୋସା ଆଉ ଚଟଣୀ ଖାଇଲେ। ଏହି ଚଟଣୀ ଶୁଖିଲା ଲଙ୍କାରେ ପ୍ରସ୍ତୁତ ହୋଇଥିଲା।

ୟୁରୋପୀୟ ଯୁବକ ଦୋସା ଆଉ ଚଟଣୀ ଖାଇସାରି କିଛି ସମୟ ସୁଁ ସୁଁ ହେଲା ପରେ ତା'ସାଙ୍ଗକୁ କହିଲା- ଏବେ ମୁଁ ବୁଝିପାରୁଛି, ତମର ଏଠି ପାଣିରେ କାହିଁକି ଶୌଚ ହୁଅନ୍ତି। ତୁମେମାନେ ଯାହା ଖାଉଛ ସେଥିରେ ପାଣି ନହେଲେ ସେ ନିଆଁ କାଗଜରେ ଲିଭେଇ ହେବ ନାହିଁ। କାଗଜରେ ପୋଛିଲେ କାଗଜ ଜଳିଯିବ। ପାଣିରେ ହିଁ ଏ ନିଆଁ ଲିଭିବ।

## ପୁଲିସ୍ ଗୁଳିରେ ବ୍ୟାଙ୍କ ଡକାୟତ ଆହତ

**ବଡବିଲ,୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ବଡବିଲ ସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଡକାୟତି ଘଟଣାରେ ସଂପୃକ୍ତ ସିପୁନ କୁମାର (୪୫)କୁ ସ୍ଥାନୀୟ ପୁଲିସ୍ ଗିରଫ କରିଛି। ପୁଲିସ୍ ଗୁଳିରେ ସେ ଆହତ ହୋଇଥିବା ବେଳେ ତାକୁ ବଡବିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତା'ଠାରୁ ପୁଲିସ ଏକ ଦେଶୀ ବନ୍ଧୁକ ଜବତ କରିଛି।

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଡକାୟତି ଘଟଣାରେ ପୂର୍ବରୁ ବଡବିଲ ପୁଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ସିପୁନ ଫେରାର ହୋଇଯାଇଥିଲା। ତା' ଘର ବିହାରର ପାଟଣା ଜିଲ୍ଲା ପିପରା ଗାଁରେ। ମୋଷ୍ଟ ୱାଣ୍ଟେଡ୍ ଅନ୍ତଃରାଜ୍ୟ ଅପରାଧୀ ସିପୁନ କୁମାର ନାଁରେ ଓଡିଶା, ବିହାର ଓ ଝାରଖଣ୍ଡରେ ହତ୍ୟା, ସଶସ୍ତ୍ର ଡକାୟତି, ଚୋରି ଓ ଧମକ ଦେଇ ଟଙ୍କା ଆଦାୟ କରିବା ଭଳି ଅନେକ ମାମଲା ରହିଛି। ସେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଥିବା ବେଳେ ପୁଲିସ ହାତରେ ପଡୁ ନଥିଲା।

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଡକାୟତି ଘଟଣାରେ ତାକୁ ଧରିବା ପାଇଁ ବଡବିଲ ପୁଲିସକୁ ନାକେଦମ ହେବାକୁ ପଡିଥିଲା। ସିପୁନ ନାୟକ ଓଡିଶା-ଝାରଖଣ୍ଡ ସୀମା ଟାଙ୍କୁରା ଗାଁ ନିକଟସ୍ଥ ଜଙ୍ଗଲରେ ଥିବା ନେଇ କୌଣସି ସୂତ୍ରରୁ ସୂଚନା ପାଇଥିଲା ବଡବିଲ ପୁଲିସ। ପୁଲିସ ଦେଇଥିବା ସୂଚନା ଅନୁଯାୟୀ, ଆଜି ସକାଳେ ସେମାନଙ୍କର ଏକ ଟିମ୍ ସେଠାରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ସିପୁନ ନାୟକ ଖସି ଯିବାକୁ ଉଦ୍ୟମ କରି ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା। ପୁଲିସ୍ ଟିମ୍ ଏହାର ଜବାବରେ ପାଲଟା ଗୁଳି ଚାଳନା କରିଥିଲା। ପୁଲିସ ଗୁଳିରେ ସିପୁନ ଆହତ ହୋଇଥିଲା। ଏହା ପରେ ପୁଲିସ ତାକୁ କାବୁ କରି ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା।

## ବିଲଡରକୁ ଦାଦା ବଟି ମାଗିବା ସହ ମାରିଦେବାକୁ ଧମକ

**କଟକ,୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତପୁର ସ୍ଥିତ ସାତବାଟିଆ ନିକଟରେ ଥିବା ଏକ ବିଲଡର ଓ ପାର୍ଶ୍ୱରେ ଥିବା ଜମି ମାଲିକଙ୍କୁ କିଛି ଲୋକ ଦାଦାବଟି ମାଗିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ୫ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ ମଧୁପାଟଣା ଥାନା ଅନ୍ତର୍ଗତ ରାଜେନ୍ଦ୍ର ନଗର ଅଞ୍ଚଳର ଜଣେ ପ୍ରତିଷ୍ଠିତ ବିଲଡରଙ୍କର ଜଗତପୁର ଥାନା ଅନ୍ତର୍ଗତ ସାତବାଟିଆ ନିକଟରେ ଏକ ପ୍ଲଟିଙ୍ଗ ସଂସ୍ଥା ରହିଛି। ଗତ ୨୪ ତାରିଖ ଦିନ ସେ ଉକ୍ତ ସଂସ୍ଥାର ବାଉଣ୍ଡରୀ ୱାଲ ନିର୍ମାଣ କାର୍ଯ୍ୟ କରୁଥିବା ସମୟରେ ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ଯୁବକ ଇନ୍ଦ୍ରଜିତ ଭୂୟାଁ ଓ ବାଦଲ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ନିର୍ମାଣ କାର୍ଯ୍ୟରେ ବାଧା ଦେଇଥିଲେ। କିଛିଦିନ ପୂର୍ବରୁ ଉକ୍ତ ଯୁବକମାନେ ତାଙ୍କୁ ୧୦ ଲକ୍ଷ ଟଙ୍କା ବଟି ମାଗିଥିଲେ ଯାହାକୁ ସେ ବିରୋଧ କରିଥିଲେ। ଫଳରେ ଗତ ୨୪ ତାରିଖ ଦିନ ସେ ପ୍ରାଚେରୀ ନିର୍ମାଣ କରୁଥିବା ସମୟରେ ଉକ୍ତ ଯୁବକମାନେ ନିର୍ମାଣ ସ୍ଥଳରେ ପହଞ୍ଚି କାର୍ଯ୍ୟ ବନ୍ଦ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସଂସ୍ଥା ମାଲିକ ଜଗତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଏଥି ସହ ଅନୁପ କୁମାର ଭୂୟାଁଙ୍କ ଜମିକୁ ଭାଗଚାଷ କରିବାକୁ ଇନ୍ଦ୍ରଜିତ, ସତ୍ୟଜିତ ଓ ବିଶ୍ୱଜିତ ନେଇଥିଲେ। ଭାଗରୁ ଜମି ମାଲିକଙ୍କୁ ଲାଭାଂଶ ଦେବା ବଦଳରେ ଓଲଟି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ । ଏ ନେଇ ମଧ୍ୟ ଏକ ମାମଲା ରୁଜୁ ହୋଇଛି। ଇନ୍ଦ୍ରଜିତ ଓ ଅନ୍ୟ ଯୁବକ ମାନଙ୍କ ନାମରେ ୨ଟି ମାମଲା ରୁଜୁ ପରେ ପୁଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ବଢୁଛି ଲାଖଯୁକ୍ତ ଶଂଖା ଚୂଡ଼ିର ଆଦର: ମିଳୁନି କଞ୍ଚା ମାଲ, ବଜାର ଅଭାବ

**କଟକ,୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରାଚୀନ ସିନ୍ଧୁ ସଭ୍ୟତାରୁ ଆରମ୍ଭ କରି ଆଧୁନିକ ଭାରତୀୟ ସଭ୍ୟତା ପର୍ଯ୍ୟନ୍ତ ନାରୀର ଆଭୂଷଣ ଭାବେ ଶଂଖା ଓ ଚୂଡ଼ିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଭାରତୀୟ ନାରୀ ଶଂଖାକୁ ଅତି ଆଦରର ସହିତ ପରିଧାନ କରିଥାନ୍ତି। ପାରମ୍ପାରିକ ତଥା ଆଧୁନିକ ଚୂଡ଼ି, ଶଂଖା ଓ କଡ଼ାର ଆଦର ଆମ ରାଜ୍ୟର ନାରୀମାନଙ୍କ ମଧ୍ୟରେ ବିଶେଷ ଭାବେ ପରିଲକ୍ଷିତ ହୋଇଥାଏ । ଏହାଛଡ଼ା ମଧ୍ୟ ରାଜସ୍ଥାନୀ ଶଂଖା ଓ ଚୂଡ଼ିର ବ୍ୟବହାର ରାଜ୍ୟରେ ବହୁଳ ଭାବରେ ଦେଖାଯାଇଥାଏ। ସୁଦୂର ରାଜସ୍ଥାନରୁ ଆସିଥିବା ଶଂଖାରୀମାନେ ବହୁବର୍ଷ ଧରି କଟକରେ ଲାଖ ପ୍ରଲେପଯୁକ୍ତ ଶଂଖା ପ୍ରସ୍ତୁତ କରିଥାନ୍ତି, ଯାହାର ରାଜ୍ୟରେ ବେଶ ଚାହିଦା ରହିଛି ।

ସ୍ଥାନୀୟ ବାଙ୍କାବଜାର ଅଂଚଳରେ କିଛି କାରିଗର ରାଜସ୍ଥାନୀ ଲାଖଯୁକ୍ତ ଶଂଖା ଓ ଚୂଡ଼ି ପ୍ରସ୍ତୁତ କରିଥାନ୍ତି । ଏମାନଙ୍କ ପୂର୍ବପୁରୁଷ ରାଜସ୍ଥାନରୁ ଆସି ଏଠାରେ ଶଂଖା ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି । ବିଭିନ୍ନ କିସମର ରଂଗ ବେରଂଗ ଶଂଖାରେ ଲାଖର ପ୍ରଲେପ ଦେଇ ଆକର୍ଷଣ କରିବା ସହିତ ଏହାର ବିକ୍ରୟ କରିବା ହେଉଛି ସେମାନଙ୍କର ପୈତୃକ ପେଷା ବୋଲି ଶଂଖା ତିଆରି କାରିଗର ସାଦିକ ମନିହାର କହିଛନ୍ତି । ପିଢ଼ି ପରେ ପିଢ଼ି ଏହା ସେମାନଙ୍କର କୌଳିକ ବୃତ୍ତି । ଲାଖଯୁକ୍ତ ଶଂଖା, ସୁନା ଅଂଳକାରରେ ଲାଖ ଫିଲିଂ, ବିବାହ ଶଂଖା ଗଢ଼ିବା ଏମାନଙ୍କର ଦୈନନ୍ଦିନ ଜୀବିକା । ଏଥିପାଇଁ ସେମାନେ ପ୍ରତ୍ୟେହ ୧୨ଘଣ୍ଟା ପରିଶ୍ରମ କରିଥାନ୍ତି । ଏହାଛଡ଼ା ସହରର ଚୂନଭାଟି ଅଚଳରେ ମଧ୍ୟ କିଛି କାରିଗର ରାଜସ୍ଥାନୀ ଶଂଖା ତିଆରିକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରି ପରିବାର ପ୍ରତିପୋଷଣ କରୁଛନ୍ତି



। ପୂର୍ବେ ଓଡ଼ିଶାରେ ରାଜସ୍ଥାନୀ ଶଂଖାକୁ "ମାଟି ଶଂଖା" କୁହାଯାଉଥିଲା ବୋଲି ଶଂଖା କାରିଗର ଦୌଲତ ବିବି କହିଛନ୍ତି ।

ବୃକ୍ଷରୁ ସଂଗୃହୀତ ହେଉଥିବା ଲାଖକୁ ସୋଧନ କରି ଏଥିରେ ରଂଗ ମିଶ୍ରଣ କରାଯାଇ ପାଗ ପ୍ରସ୍ତୁତ କରାଯାଇଥାଏ । ଉକ୍ତ ପାଗକୁ କାଠିରେ ଲଗାଇ ନିଆଁ ଭାଟିରେ ଗରମ କରାଯାଏ। ବିଭିନ୍ନ ପ୍ରକାରର ରଂଗ ବେରଂଗର ଶଂଖାରେ ଏହି ପ୍ରଲେପକୁ ମିଶ୍ରଣ କରାଯାଇ ଆକର୍ଷଣୀୟ କରାଯାଇଥାଏ। ଶଂଖାକୁ ମନଲୋଭା କରିବା ପାଇଁ ଏଥିରେ ଷ୍ଟୋନ ବସାଯାଇଥାଏ। ଲାଖଶଂଖାର ଯୋଡ଼ି ୧୦୦ଟଙ୍କାରୁ ଆରମ୍ଭ କରି ୧୦୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ଏଥିରେ ବସାଯାଉଥିବା ସାଧାରଣ ଷ୍ଟୋନର ଦାମ ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ହୋଇଥିବାବେଳେ ଉନ୍ନତମାନର ଷ୍ଟୋନର ଦାମ ୫୦୦ ଟଙ୍କାରୁ ୧୦୦୦ଟଙ୍କା ମଧ୍ୟରେ ରହିଛି । ରାଜ୍ୟରେ ବିଶେଷ କରି ରଜ, ସାବିତ୍ରୀ, ବିବାହ ବ୍ରତ ଏବଂ ଅନ୍ୟାନ୍ୟ ପାର୍ବଣ ଋତୁରେ ଏହି ଶଂଖାର ଅଧିକ ଚାହିଦା ରହିଥାଏ । ବିବାହିତ ମହିଳା ଓ ଯୁବପିଢ଼ିର ଝିଅମାନେ ଏହି ଶଂଖାକୁ ପିନ୍ଧିବାକୁ ବେଶ ପସନ୍ଦ କରିଥାନ୍ତି । ସେହିପରି ଟେଲିଭିଜନ ଧାରାବାହିକର ଅଭିନେତ୍ରୀମାନେ ରାଜସ୍ଥାନୀ ଶଂଖାକୁ ତାଙ୍କ ଚରିତ୍ରରେ ପରିଧାନ ମଧ୍ୟ କରିଥାନ୍ତି।

ସଂପ୍ରତି ଏହି କୁଟୀର ଶିଳ୍ପରେ ବହୁ ସମସ୍ୟା ଦେଖାଦେଇଛି । ଆବଶ୍ୟକ ପରିମାଣର କଞ୍ଚା ମାଲ ଓଡ଼ିଶାରେ ଉପଲବ୍ଧ ହେଉନାହିଁ । ପଶ୍ଚିମବଂଗରୁ ଲାଖ, ଫିରୋଜାବାଦରୁ କାଚ, କୋଲକତା ଓ ମୁମ୍ବାଇରୁ ପଥର ସଂଗ୍ରହ କରାଯାଇଥାଏ । ଏହି କଞ୍ଚାମାଲର ଅଭାବ ସାଂଗକୁ ରାଜ୍ୟରେ ଶଂଖାର ବିକ୍ରୟ ପାଇଁ ମଧ୍ୟ ବଜାରର ଅଭାବ ରହିଛି ବୋଲି ବହୁ ଶଂଖା କାରିଗରମାନେ କହିଛନ୍ତି। ରାଜ୍ୟରେ ଏହି କୁଟୀର ଶିଳ୍ପ ସମ୍ବନ୍ଧରେ ଜ୍ଞାନ ଥିବା କାରିଗରଙ୍କ ସଂଖ୍ୟା ବହୁ ନଗଣ୍ୟ । ପରିବାରର ଯୁବପିଢ଼ି ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ ଏହି କୌଳିକ ବୃତ୍ତିକୁ ଶିକ୍ଷା ଭାବେ ଗ୍ରହଣ କରିଥାନ୍ତି ମାତ୍ର ଆଜିର ଯୁବପିଢ଼ି ନିଆଁ ଭାଟି ସମ୍ମୁଖରେ ୧୨ଘଣ୍ଟା ବସିବା ସହିତ ଏହି ଶଂଖା ବ୍ୟବସାୟରୁ ସ୍ୱଳ୍ପ ଆୟ ହେଉଥିବାରୁ ଏହାକୁ ଆଉ ଜୀବିକା ଭାବେ ନିର୍ବାହ କରିବାକୁ ପସନ୍ଦ କରୁନାହାନ୍ତି । ରାଜ୍ୟ ସରକାର କଞ୍ଚାମାଲର ସୁବନ୍ଦୋବସ୍ତ କରିବା, ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିବା, ବିକ୍ରୟ ପାଇଁ ବଜାର ସୃଷ୍ଟି କରିବା, ମେଳାରେ କାରିଗରମାନଙ୍କୁ ପ୍ରାଧାନ୍ୟ ଦେବା ଓ କଳା ପ୍ରତି ଜନ ସଚେତନତା ସୃଷ୍ଟି କରିପାରିଲେ, କ୍ରମଶଃ ଲୁପ୍ତ ହୋଇ ଯାଉଥିବା ଏହି କୁଟୀର ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ଶଂଖା କାରିଗରମାନେ ମତ ପ୍ରକାଶ କରିଛନ୍ତି ।

## କର୍ପୋରେଟ ଜଗତ ପାଇଁ ଏହି ବଜେଟ: ସାଧାରଣ ଜନତା ଉପେକ୍ଷିତ

**ଭୁବନେଶ୍ୱର,୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬-୨୭ ଆଗତ ବଜେଟକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କଂଗ୍ରେସ ଭବନଠାରେ ଏକ ପ୍ରେସ ବିବୃତିରେ ନିଜ ମତାମତ ଉପସ୍ଥାପନା କରି କହିଥିଲେ ଯେ, ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କ ଆଗତ ବଜେଟ ସମ୍ପୂର୍ଣ୍ଣ ଦିଗହୀନ ଏବଂ ଭ୍ରମାତ୍ମକ। ଏହି ବଜେଟ କୃଷକ ଯୁବକ, ଗରିବ ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତ କାହାକୁ ଖୁସି କରିପାରିନାହିଁ। ଯୁବକମାନଙ୍କ ପାଇଁ କର୍ମ ନିଯୁକ୍ତିର କୌଣସି ଯୋଜନା ନାହିଁ। ପୂର୍ବରୁ ବଜେଟ ଅନୁସାରେ ସରକାର ଏକଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିପାରି ନାହାନ୍ତି। ୨୦୨୪-୨୫ ପର୍ଯ୍ୟନ୍ତ ଦେଶ ଉପରେ ୧୯୦ ଲକ୍ଷ କୋଟି ହହାଇଯାଇଛି ଯାହା ୟୁପିଏ ସମୟରେ ୫୫ ଲକ୍ଷ କୋଟି ଥିଲା। ଏଇ ୧୨ ବର୍ଷରେ ସରକାର ୧୩୫ ଲକ୍ଷ କୋଟି ଅଧିକ ଋଣ କରିସାରିଲେଣି। ଅଧିକନ୍ତୁ ୨୦୨୬-୨୭ ବେଳକୁ




ପୁଣି ୧୭.୨ ଲକ୍ଷ କୋଟି ଋଣ କରିବେ। ୟୁପିଏ ସମୟରେ ଥିବା ଘରୋଇ ସଂଚୟ ୭.୪ % ଖସିଆସି ୫.୩% ହୋଇଯାଇଛି। ଶିକ୍ଷିତ ଯୁବକମାନଙ୍କ ବେକାରି ସମସ୍ୟା ଅତି ଉତ୍କଟ। ଶିକ୍ଷିତ ଗ୍ରାଜୁଏଟ ମାନଙ୍କ ବେକାରୀହାର ୨୬.୩ % ପହଁଚିଛି। ଉପାର୍ଜନ ଅସମତାରେ ଆମ ଦେଶ ବର୍ତ୍ତମାନ ଶୀର୍ଷରେ ଅଛି। ଏହାକୁ ରୋକିବା ପାଇଁ ସରକାରଙ୍କ କୋଣସି ଯୋଜନା ନାହିଁ। ଓଡିଶା କେନ୍ଦ୍ର ରାଜସ୍ୱ ଆଦାୟର କୋଣସି ଭାଗ ପାଇବାର ବ୍ୟବସ୍ଥା ନାହିଁ। ବଜେଟରେ ଘୋଷଣା ହୋଇଥିବା କେନ୍ଦୁଝର, ପାରାଦ୍ୱୀପ ଆନ୍ତଃଜଳ ଗମନାଗମନ ଏକ ଧୂଆଁ ବାଣ ଛଡା କିଛି ନୁହଁ। କାରଣ ବାଜପେୟୀଙ୍କ ସରକାର ମଧ୍ୟ ଏହି ମହତ୍ୱକାଂକ୍ଷୀ ଯୋଜନାର ଘୋଷଣା କରିଥିଲେ, କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ସ୍ୱପ୍ନ ହୋଇ ରହିଯାଇଛି। ସରକାର ପ୍ରଥମେ ଭୀଷଣ ଭାବରେ ପ୍ରଦୂଷିତ ହେଉଥିବା ମହାନଦୀ ଓ ବୈତରଣୀ ନଦୀକୁ ରକ୍ଷା କରନ୍ତୁ। ଇଷ୍ଟ କୋଷ୍ଟ ଫ୍ରାଇଟ କରିଡର ତିଆରି ହେବାର ଯୋଜନା ଅଛି। ବହୁତ ସୁନ୍ଦର ପଦକ୍ଷେପ, ତେବେ ସରକାର ସ୍ପଷ୍ଟ କରନ୍ତୁ ଏହା ତାଙ୍କ ବନ୍ଧୁ ଅମ୍ବାନୀ, ଅଦାନୀ, ଆଦି ଶିଳ୍ପପତିଙ୍କ ସ୍ୱାର୍ଥ ପାଇଁ ନୁହେଁ ତ? ୭ଟି ସ୍ପୀଡ୍ ରେଲ କରିଡର ଘୋଷଣା ହେଇଛି, କିନ୍ତୁ ଏଥିରେ ଓଡିଶାର ନାମ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ।

ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଦାସ କହିଲେ ଯେ, ଆମ ନେତା ରାହୁଲ ଗାନ୍ଧୀ ଏହି ବଜେଟ ଯୁବକମାନଙ୍କ ପାଇଁ ନିରୁତ୍ସାହିତ ବଜେଟ ବୋଲି ଘୋଷଣା କରି ସାରିଲେଣି। ଓଡ଼ିଶାରେ କୌଣସି ସରକାରୀ ଚାକିରୀ ପାଇଁ ପରୀକ୍ଷା ସରକାର କରି ପାରି ନାହାନ୍ତି। କଣ୍ଟ୍ରାକଚୁଆଲ ଭିତ୍ତିରେ ଚାକିରୀ ଦେଉଛନ୍ତି। ଏଭଳି ସ୍ଥଳେ ଯୁବକମାନଙ୍କ ପାଇଁ ଏହି ବଜେଟ କେମିତି ଖୁସି ଆଣିବ କୁହନ୍ତୁ। ଶ୍ରୀ ଦାସ ପୁଣି କହିଲେ, ପ୍ରଦେଶ କଂଗ୍ରେସ କମିଟି ଏହି ବଜେଟକୁ ନିନ୍ଦା କରୁଛି ଏବଂ ଓଡିଶା ପାଇଁ ଅଧିକରୁ ଅଧିକ ପାଣ୍ଠି ଯୋଗେଇବାକୁ ଦାବୀ କରୁଛୁ।

## ନାଟକରେ ରାବଣ ଆଖିରେ ବାଜିଲା ରାମଙ୍କ ତୀର

**ଲକ୍ଷ୍ନୌ,୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ମଞ୍ଚରେ ରାମଲୀଳା। ଘମାଘୋଟ ଚାଲିଥିଲା ରାମ ରାବଣ ଯୁଦ୍ଧ। ଦର୍ଶକ ବି ନାଟକ ଦେଖିବାରେ ଥିଲେ ମସଗୁଲ। ହଠାତ ଘଟିଲା ଅଘଟଣ। ରାମଙ୍କ ତୀର ଆସି ବାଜିଲା ରାବଣ ଆଖିରେ। ଏମିତି ପରିସ୍ଥିତି ଉପୁଜିଲା ଯେ ମାମଲା ପହଞ୍ଚିଲା ପୋଲିସରେ । ପୋଲିସ, ଆୟୋଜକ ଓ ରାମ ଭୂମିକାରେ ଅଭିନୟ କରୁଥିବା ଅଭିନେତାଙ୍କ ବିରୋଧରେ ରୁଜୁ କରିଛି ମାମଲା। ଉତ୍ତରପ୍ରଦେଶ ସୋନଭଦ୍ର ଜିଲ୍ଲାରୁ ଆସିଛି ଏ ଖବର।



ଗତ ବର୍ଷ ନଭେମ୍ବର ୧୩ର ଘଟଣା। ଶାହଗଞ୍ଜରେ ମଞ୍ଚସ୍ଥ ହୋଇଥିଲା ରାମଲୀଳା। ରାବଣ ଭୂମିକାରେ ଅଭିନୟ କରୁଥିଲେ ସୁନୀଲ କୁମାର ଓ ରାମ ଭୂମିକା କରୁଥିଲେ ନୈତିକ ପାଣ୍ଡେ। ରାମ-ରାବଣ ଯୁଦ୍ଧ ଚାଲିଥିବାବେଳେ ରାମଙ୍କ ତୀର ସିଧା ଯାଇ ରାବଣଙ୍କ ମୁକୁଟରେ ବାଜିବା ପରିବର୍ତ୍ତେ ଆଖିରେ ବାଜିଥିଲା। ଗୁରୁତର ଭାବରେ ସେ ଆଘାତ ପାଇଥିଲେ। ଆଖିରୁ ରକ୍ତ ଓ ପାଣି ବାହାରିବା ଆରମ୍ଭ ହୋଇଯାଇଥିଲା।

ସୁନୀଲ କହିଛନ୍ତି ପରଦିନ ସେ ଓ ତାଙ୍କ ପରିବାର ଆୟୋଜକ ରାମସନେହି ସିଂ ଓ ରାମ ଭୂମିକାରେ ଅଭିନୟ କରୁଥିବା ନୈତିକଙ୍କ ପାଖକୁ ଯାଇଥିଲେ। ସେଠି ଚିକିତ୍ସା ପାଇଁ ସହାୟତା ମାଗିଥିଲେ। ଏମିତି ଅବସ୍ଥା ପାଇଁ ସମବେଦନା କି ସାହାଯ୍ୟ ତ ଦୂର କଥା ଓଲଟି ଦୁର୍ବ୍ୟବହାରର ଶିକାର ହୋଇଥିଲେ ସୁନୀଲ। ଜାତିଭିତ୍ତିକ ଓ ଅପମାନଜନକ ମନ୍ତବ୍ୟ ଶୁଣିବାକୁ ପଡିଥିଲା। ଏତିକିରେ କଥା ସରିନଥିଲା। ତାଙ୍କୁ କୁଆଡେ ହତ୍ୟା ଧମକ ବି ଦେଇଥିଲେ। ସେ ଥରେ ନୁହେଁ ଅନେକ ଥର ଚିକିତ୍ସା ପାଇଁ ଆର୍ଥିକ ସହାୟତା ମାଗିଛନ୍ତି କିନ୍ତୁ ସବୁ ଥର ଅପମାନିତ ହେବାକୁ ପଡିଛି। ଏ ସଂପର୍କରେ ସେ ପ୍ରଥମେ ପୋଲିସରେ ଅଭିଯୋଗ କରିଥିଲେ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ମାମଲାର ସମୀକ୍ଷା ପରେ ଶାହଗଞ୍ଜ ପୋଲିସ ଆୟୋଜକ ରାମସନେହି ସିଂ ଓ ଅଭିନେତା ନୈତିକ ପାଣ୍ଡେଙ୍କ ବିରୋଧରେ ଅନୁସୂଚିତ ଜାତି/ଜନଜାତି ଆଇନ ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନର ଧାରା ଅନୁସାରେ ମାମଲା ରୁଜୁ ହୋଇଛି। ସଠିକ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଆମେରିକାରେ ପ୍ରତିଦିନ ବନ୍ଧା ହେଉଛନ୍ତି ୬୫ ଭାରତୀୟ

**ନୂଆଦିଲ୍ଲୀ,୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକାରେ ବେଆଇନ ଭାବେ ପ୍ରବେଶ (ଡଙ୍କି ରୁଟ୍) ମାମଲାରେ ବିଗତ ବର୍ଷରେ ପ୍ରତ୍ୟେକ ଦିନ ୬୫ ଭାରତୀୟ ଗିରଫ ହେଉଛନ୍ତି। ୨୦୨୫ ଜାନୁଆରୀରୁ ଡିସେମ୍ବରର ରିପୋର୍ଟ ଅନୁସାରେ, ଆମେରିକାର ସୀମା ଓ ବହିଃଶୁଳ୍କ ବିଭାଗ ମୋଟ ୨୩,୮୩୦ ଭାରତୀୟଙ୍କୁ ଗିରଫ କରିଛି ।

ବିଭାଗର ତଥ୍ୟ ଅନୁସାରେ, ଭାରତୀୟଙ୍କ ପ୍ରବେଶ ମାତ୍ରା କମିଛି । କିନ୍ତୁ ଏହା ଉପରେ ସମ୍ପୂର୍ଣ୍ଣ ଭାବେ ରୋକ ଲଗାଯାଇ ପାରିନାହିଁ । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ କାର୍ଯ୍ୟକାଳରେ ୨୦୨୪ରେ ମୋଟ ୮୫,୧୧୯ ଭାରତୀୟଙ୍କୁ ଗିରଫ କରାଯାଇଥିଲା । ଅଧିକାରୀମାନେ କହିଛନ୍ତି, ଏଥର ନୂଆ ଧାରା ଦେଖିବାକୁ ମିଳିଛି। ଆମେରିକାରେ ଡଙ୍କି ରୁଟ୍ ଦେଇ ପ୍ରବେଶ କରୁଥିବା ସମସ୍ତ ଭାରତୀୟ ଏଥର ଏକାକୀ ରହିଥିଲେ । ସେମାନଙ୍କ ସହ କୌଣସି ପରିବାର ଲୋକ ନ ଥିଲେ । ଯେବେ କି ୨୦୨୪ରେ ଗିରଫ ହୋଇଥିବା ଭାରତୀୟମାନେ ପ୍ରାୟ ୨୦ ହଜାର ଭାଇ, ପତ୍ନୀ କିମ୍ବା ସନ୍ତାନଙ୍କ ସହ ଆମେରିକାରେ ବେଆଇନ ଭାବେ ପ୍ରବେଶ କରୁଥିଲେ ।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶା ଆଳୁ...

ନଳିତା ଆଦି ଅର୍ଥକରୀ ଚାଷ ଯେଭଳି ଆମ ରାଜ୍ୟରେ କମୁଛି ସେଥିଯୋଗୁ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏବେ ବି ପନିପରିବା, ଫୁଲ, ମାଛ, ଅଣ୍ଡା ଆଦି ଲାଗି ଓଡ଼ିଶା ମଧ୍ୟ ନିର୍ଭରଶୀଳ ହୋଇ ରହିଛି।

ଚାଷୀ ନେତାମାନେ କହୁଛନ୍ତି ଯେ ଏବେ ରାଜ୍ୟରେ ଯେତେ ପରିମାଣର ଆଳୁ ଉତ୍ପାଦନ ହେଉଛି ତାହାକୁ ସଂରକ୍ଷଣ କରି ରଖିବା ଲାଗି ପର୍ଯ୍ୟାପ୍ତ ସଂଖ୍ୟକ ଶୀତଳ ଭଣ୍ଡାର ନାହିଁ। ଓଡ଼ିଶାରେ ଯେତେ ସଂଖ୍ୟକ ଶୀତଳ ଭଣ୍ଡାର ଥିଲା ସେଥିରୁ ୮୦ ପ୍ରତିଶରୁ ଅଧିକ ଅଚଳହୋଇ ପଡିଛି। ଏ ପରିପ୍ରେକ୍ଷୀରେ ଆଳୁ ପଚିଯିବାର ଆଶଙ୍କା ଥିବାରୁ ଚାଷୀମାନେ ଦଲାଲମାନଙ୍କୁ ନାମ ମାତ୍ର ଦରରେ ଅମଳ ସମୟରେ ଯାଚିଗୁଞ୍ଜି ଆଳୁ ବିକିବାକୁ ବାଧ ହେଉଛନ୍ତି। ପଶ୍ଚିମବଙ୍ଗ ଭଳି ଭିତ୍ତିଭୂମି ବିକାଶ କରାଗଲେ ଓଡ଼ିଶା ଆଳୁ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରନ୍ତା।

ରାଜ୍ୟ ପାଇଁ ବର୍ଷକୁ ଯେତେ ପିଆଜ ଆବଶ୍ୟକ ତାହାଠାରୁ ଢେର ଅଧିକ ଓଡ଼ିଶାରେ ଫଳୁଛି ବୋଲି ସରକାରୀ ହିସାବରେ କୁହାଯାଉଛି। ତେବେ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ବାର୍ଷିକ ୨ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ପିଆଜ ଆମଦାନି କରିବାକୁ ପଡୁଛି। ଓଡ଼ିଶା ପାଇଁ ବାର୍ଷିକ ୪ଲକ୍ଷ ମେଟ୍ରିକ ଟନ୍‌ରୁ କମ୍ ପିଆଜ ଆବଶ୍ୟକ ଥିବାବେଳେ ଆମେ ୪ଲକ୍ଷ ୨୦ ହଜାର ମେଟ୍ରିକ ଟନ୍‌ରୁ ଅଧିକ ପିଆଜ ଚଳାଉଥିବା ଦାବି କରୁଛୁ। ଏ କ୍ଷେତ୍ରରେ ବି ପିଆଜ ସଂରକ୍ଷଣ ପାଇଁ ବ୍ୟାପକ ବ୍ୟବସ୍ଥା ନଥିବାରୁ ଦଲାଲମାନେ ଉତ୍ପାଦନ ପରେ ପରେ ଚାଷୀଙ୍କଠାରୁ ପିଆଜ ଶସ୍ତାରେ କିଣିନେଇ ପରେ ଚଢ଼ା ଦରରେ ଓଡ଼ିଶା ବଜାରରେ ବିକୁଛନ୍ତି।

### ରେଳ ବିଭାଗକୁ...

ଆଇଟି ଟେକ୍ନୋଲୋଜିର ହବ। ହାଇସ୍ପିଡ ଡାଇମଣ୍ଡ ଦ୍ୱାରା ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକର ଅଭିବୃଦ୍ଧି ହେବ। ଏହା ଦେଶ ତଥା ସେଠାରେ ରହୁଥିବା ଲୋକଙ୍କୁ ଫାଇଦା ଦେବ।"

ଶ୍ରୀ ବୈଷ୍ଣବ କହିଛନ୍ତି ଯେ ମୋଟ ବଜେଟରୁ ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ରେଳବାଇ ସୁରକ୍ଷାକୁ ନିଶ୍ଚିତ କରିବାକୁ ଖର୍ଚ୍ଚ ହେବ। ଦୁର୍ଘଟଣା ସଂଖ୍ୟା ୯୫% ହ୍ରାସ ପାଇଛି। ଏବେ ରକ୍ଷାଣବେକ୍ଷଣ ଉପରେ ଅଧିକ ଫୋକସ କରାଯାଉଛି। ଟ୍ରାକର ରକ୍ଷାଣବେକ୍ଷଣ, ଲୋକ ମେଣ୍ଟେନାନ୍ସ, ୱାଗନ, କୋଚ ମେଣ୍ଟେନାନ୍ସ, କବଚ କାମକୁ ତ୍ୱରାନ୍ୱିତ କରିବା, ସିସିଟିଭି ଲଗାଇବା, ଓଭରହେଡ ଇଲେକ୍ଟ୍ରିକାଲ ବ୍ୟବସ୍ଥାକୁ ଅପଗ୍ରେଡ କରିବା ଓ ନୂଆ ଷ୍ଟେସନ ପାଇଁ ବଜେଟ ଖର୍ଚ୍ଚ କରାଯିବ।

କେନ୍ଦ୍ର ସରକାର ୭ଟି ହାଇସ୍ପିଡ ରେଳ କରିଡର ତିଆରି କରିବେ। ମୁମ୍ବାଇ-ପୁଣେ, ପୁଣେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ-ଚେନ୍ନାଇ, ଚେନ୍ନାଇ-ବେଙ୍ଗାଲୁରୁ, ଦିଲ୍ଲୀ-ବାରାଣସୀ ଓ ବାରାଣସି-ସିଲିଗୁଡି ଭଳି ୭ଟି ହାଇସ୍ପିଡ ରେଳ କରିଡର ତିଆରି କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି।

### ଓଡ଼ିଶାରେ ହେବ...

ମୋଟର୍ସ, ପବନ ଟର୍ବାଇନ ଓ ସାଧାରଣ ବୈଦ୍ୟୁତିକ ସାମଗ୍ରୀ ଯଥା ବ୍ୟାଟେରୀ, ଲେଜର ଓ ମେଡିକାଲ ଛବି ପାଇଁ ବିରଳ ମୃତ୍ତିକା ବେଶ ଜରୁରୀ। ବିରଳ ମୃତ୍ତିକା କରିଡର ଦ୍ୱାରେ ବାହାର ଦେଶ ଉପରେ ଭାରତର ନିର୍ଭରତାକୁ ହ୍ରାସ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।

ନିର୍ମଳା ସୀତରମଣ କହିଛନ୍ତି, ଚଳିତ ବଜେଟ୍ ଯୁବଶକ୍ତି ବଜେଟ୍ ହେବାକୁ ଯାଉଛି। କର୍ତ୍ତବ୍ୟ ଭବନରେ ଏହା ଆମର ପ୍ରଥମ ବଜେଟ୍। ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ସବ୍‌କା ସାଥ୍ ସବ୍‌କା ବିକାଶ। ଆମ ସରକାର ନିଯୁକ୍ତି ଓ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦେଉଛି।

ବଜେଟ ବେଳେ ବାୟୋ ଫାର୍ମା ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଯୋଜନାରେ ୫ ବର୍ଷରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ବାୟୋଲୋଜିକ ଓ ବାୟୋସିମଲାର ଘରୋଇ ଉତ୍ପାଦନକୁ ଏହା ବଳ ଦେବ। ସେହିପରି ସେମିକଣ୍ଡକ୍ଟର ମିଶନ ୨.୦ ମଧ୍ୟ ଦେଶରେ ଲଞ୍ଚ ହେବ। ଶିଳ୍ପ ଭତ୍ତିକ ରିସର୍ଚ୍ଚ, ତାମିଲ କେନ୍ଦ୍ର ଓ ଦକ୍ଷ ଶ୍ରମ ବଳ ସୃଷ୍ଟି କରାଯିବ।

### ୨୦୪୭ ବିକଶିତ...

ଆଧୁନିକୀକରଣ ଉପରେ ମୋଦୀ ସରକାରଙ୍କ ନିରନ୍ତର ଧ୍ୟାନର ଏହା ସଙ୍କେତ ଦେଉଛି। ତେବେ କୌତୂହଳର ବିଷୟ ହେଉଛି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କ ବଜେଟ୍ ଭାଷଣରେ କୌଣସି ପ୍ରତିରକ୍ଷା ନୀତି ଘୋଷଣା କରିନାହାନ୍ତି।

### ବଜେଟ୍ ପରେ...

ଯଥାକ୍ରମେ ୨.୨% ଏବଂ ୨.୮% ହ୍ରାସ ପାଇଛି।

ଅର୍ଥନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ବଜେଟରେ ଫ୍ୟୁଚରସ୍ ଆଣ୍ଡ ଅପ୍ସନ୍ସ ଉପରେ ସିକ୍ୟୁରିଟିଜ୍ ଟ୍ରାଞ୍ଜାକସନ୍ ଟ୍ୟାକ୍ସ ବୃଦ୍ଧି କରାଯିବା ନିବେଶକଙ୍କ ମନୋବଳକୁ ଦୋହଲାଇ ଦେଇଛି। ଏହା ବ୍ୟତୀତ ବଜେଟକୁ ନେଇ ବଜାରର ଯେଉଁ ଅଧିକ ଆଶା ଥିଲା, ତାହା ପୂରଣ ନହେବା କାରଣରୁ ଏହି ପ୍ରତିକ୍ରିୟା ଦେଖାଦେଇଛି।

## ପୂର୍ବତନ ସାଂସଦ ସୁଶୀଳା ତିରିଆଙ୍କ ପରଲୋକ

**ବାରିପଦା,୧।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜର ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶୀଳା ତିରିଆଙ୍କର ରବିବାର ପରଲୋକ ଘଟିଛି। ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଡିସେମ୍ବର ୫ତାରିଖରେ ଅସୁସ୍ଥ ହୋଇ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ମୟୂରଭଞ୍ଜ ଜିଲାରେ ଶୋକର ଛାୟା ଖେଳିଯାଇଛି। ମୟୂରଭଞ୍ଜ ଜିଲା କଲୁଆଖାମନ ଗ୍ରାମରେ ୧୯୫୬ରେ ଜନ୍ମିତ ସ୍ୱର୍ଗତ ତିରିଆ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ପ୍ରତିନିଧିତ୍ୱ କରୁଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବି.ଏ. ଡିଗ୍ରୀ ହାସଲ କରିଥିଲେ।

୨୪ ବର୍ଷ ବୟସରେ ସୁଶୀଳା ଯୁବ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୮୩ - ୧୯୮୪ରେ ଯଥାକ୍ରମେ ମୟୂରଭଞ୍ଜ ଜିଲାର ସଭାପତି ଏବଂ ଉପସଭାପତି ହୋଇଥିଲେ। ୧୯୮୬ରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେ ୧୯୮୬-୮୭ରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରମାଣୁ ଶକ୍ତି ଏବଂ ସମୁଦ୍ର ବିକାଶ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟା, ୧୯୮୭-୮୮ରେ ନାଗରିକ ବିମାନ ପରିବହନ ମନ୍ତ୍ରଣାଳୟର ଏବଂ ୧୯୮୮-୮୯ରେ ଯୋଗାଯୋଗ



ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟା ଭାବେ କାର୍ଯ୍ୟ କରିଥିଲେ ।

୧୯୮୭ରୁ ୧୯୯୩ ପର୍ଯ୍ୟନ୍ତ ସେ ଭାରତୀୟ ଯୁବ କଂଗ୍ରେସର ସାଧାରଣ ସଂପାଦକ ଭାବେ କାର୍ଯ୍ୟ କରିଥିଲେ। ସେ ୧୯୮୮-୮୯ରେ ସରକାରୀ ଆଶ୍ୱାସନା କମିଟି ଏବଂ ୧୯୮୯-୯୨ରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟା ଥିଲେ। ୧୯୯୪ରେ ସେ ଦଶମ ଲୋକସଭା ନିର୍ବାଚନରେ ଅନୁସୂଚିତ ଜନଜାତି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ମୟୂରଭଞ୍ଜରୁ ବିଜୟୀ ହୋଇଥିଲେ।

ସେହି କାର୍ଯ୍ୟକାଳ ସମୟରେ ୧୯୯୪ରୁ ୧୯୯୬ ପର୍ଯ୍ୟନ୍ତ ସେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ବନ ଓ ପରିବେଶ ଏବଂ ଖାଦ୍ୟ ଓ ନାଗରିକ ଯୋଗାଣ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟା ଥିଲେ । ୧୯୯୫ରୁ ସେ ଅଲ୍ ଇଣ୍ଡିଆ କଂଗ୍ରେସ କମିଟିର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିବା ସହିତ ୧୯୯୬ରେ ଲୋକସଭା ସଦସ୍ୟା ଭାବେ ପୁଣି ନିର୍ବାଚିତ ହୋଇଥିଲେ । ସେ ଭାରତୀୟ ଜାତୀୟ କଂଗ୍ରେସ କମିଟିର ସ୍ଥାୟୀ ସଦସ୍ୟା ଥିଲେ।

## କଟକ ଜିଲ୍ଲାରୁ ୫ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ

**କଟକ,୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲାର ସମସ୍ତ ୧୪ଟି ବ୍ଲକର ଧାନ ଚାଷୀ ମାନଙ୍କ ଠାରୁ ଆଜି ସୁଦ୍ଧା ୫ ଲକ୍ଷ ୨୫ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ରାଜ୍ୟ ସରକାର ଏହି ଜିଲ୍ଲାରୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୧୨ଲକ୍ଷ ୨ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ତେବେ ମାର୍ଚ୍ଚ ଶେଷ ସୁଦ୍ଧା ଧାନ ସଂଗ୍ରହ ଲକ୍ଷ୍ୟ ନିର୍ଦ୍ଧାରିତ ଧାର୍ଯ୍ୟଠାରୁ ଟପିଯିବ ବୋଲି ଯୋଗାଣ ଅଧିକାରୀ ଚନ୍ଦ୍ରଶେଖର ପାତ୍ର ସୂଚନା ଦେଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଗତ ୭ ତାରିଖ ଠାରୁ କଟକ ସଦର ସବଡିଭିଜନରେ ଧାନ କିଣା ଆରମ୍ଭ ହୋଇଛି । ଏହାଛଡ଼ା ଆଠଗଡ଼ ଓ ବାଙ୍କୀ ସବଡିଭିଜନରୁ ଗତ ଡିସେମ୍ବର ୨୬ ତାରିଖ ଠାରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଜିଲ୍ଲାରେ ମୋଟ ୨୪୯ଟି ମଣ୍ଡି ମାଧ୍ୟମରେ ଏହି ଧାନ କିଣା ଯାଉଛି । ଯୋଗାଣ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ସିଏସଓ ଦୀପକ ବେହେରା ମଧୁସ୍ମିତା ମହାପାତ୍ର, ପ୍ରୋଗାମ ଅଧିକାରୀ ଜାମିନିକାନ୍ତ ମହାପାତ୍ର ପ୍ରମୁଖ ଧାନ ମଣ୍ଡି ତଦାରଖ ଓ କିଣା ବିକା କରୁଥିବା ସୂଚନା ମିଳିଛି ।

## ଧରାପଡ଼ିଲା ଲେଡି ୪୨୦

**ଭୁବନେଶ୍ୱର,୧।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଧରାପଡ଼ିଲା ଲେଡି ୪୨୦। ଦୁଇ ବର୍ଷ ପୋଲିସ ସହ ଲୁଚକାଳି ଖେଳିବା ପରେ ବନ୍ଧା ହୋଇଛନ୍ତି ଠକ ମହିଳା। ରାଜଧାନୀର ବିଭିନ୍ନ ମହିଳା ସଂଗଠନ ପାଖରୁ ୧୫ଲକ୍ଷରୁ ଅଧିକ ଟଙ୍କା ଠକେଇ କରି ଫେରାର ଥିଲେ ମହିଳା ଜଣଙ୍କ। ଠକ ମହିଳା ବାଣପୁର ଅଞ୍ଚଳର ତନୁଜା ରାଣି ପାତ୍ର ଭୁବନେଶ୍ୱର ଆସିଥିବା ବେଳେ ଗିରଫ କଲା ବଡଗଡ଼ ଥାନା ପୋଲିସ। ଦୁଇ ବର୍ଷ ପୂର୍ବେ ବରଗଡ଼ ବ୍ରିଟ କଲୋନୀ ଅଞ୍ଚଳରେ ଏକ ମହିଳା ଗୋଷ୍ଠିରୁ ବିଭିନ୍ନ ଆଳ ଦେଖାଇ ୧୫ ଲକ୍ଷ ଟଙ୍କା ନେଇ ଧରାଛୁଆଁ ଦେଉନଥିଲେ ଏହି ମହିଳା ଜଣଙ୍କ। ଏନେଇ ବଡଗଡ ଥାନାରେ ଏକ ଅଭିଯୋଗ ହୋଇଥିଲା। ତେବେ ଠକ ମହିଳାଙ୍କ ନାଁରେ ବାଣପୁର ଥାନା ଓ ବଡଗଡ ଥାନାରେ ଦୁଇଟି କେସ ରହିଛି। ମହିଳା ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି ପୋଲିସ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ